୬ ଲକ୍ଷ୍ନୌକୁ ହରାଇ କ୍ରମାଗତ ୫ମ ବିଜୟ ଲାଭ କଲା ମୁମ୍ବାଇ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

TM

E-mail : sambadkalikanews@gmail.com

The Sambad Kalika

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages,₹ 2.00

● ବର୍ଷ–୩୨ ● ସଂଖ୍ୟା–୯୦ ● ୨୮ ଅପ୍ରେଲ ୨୦୨୫, ସୋମବାର ● ଭୁବନେଶ୍ୱର ● Vol -32 ● Issue-90 ● 28th April 2025, Monday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27


# ରାଜ୍ୟରେ ପ୍ରାଥମିକ ଓ ଉଚ୍ଚଶିକ୍ଷାକୁ ସୁଦୃଢ଼ କରିବା ପାଇଁ ଆମ ସରକାର ବଦ୍ଧପରିକର

**ଭୁବନେଶ୍ୱର, ୨୭।୪**
**ନ୍ୟୁଜ୍ ବ୍ୟୁରୋ**

୨୦୩୬ରେ ଓଡ଼ିଶା ତା'ର ଶହେ ବର୍ଷ ପୂରଣ କରୁଛି । ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଆମର ଲକ୍ଷ୍ୟ ରହିଛି। ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ଶିକ୍ଷାର ମହତ୍ୱପୂର୍ଣ୍ଣ ଭୂମିକା ରହିବ । ତେଣୁ ଉଭୟ ପ୍ରାଥମିକ ଓ ଉଚ୍ଚଶିକ୍ଷାକୁ ସୁଦୃଢ଼ କରିବା ପାଇଁ ଆମ ସରକାର ବଦ୍ଧପରିକର ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ଗଞ୍ଜାମ ଜିଲ୍ଲା ଭୀମପୁର ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବରେ ଯୋଗ ଦେଇ ଏହା କହିଛନ୍ତି।

ମୁଖ୍ୟମନ୍ତ୍ରୀ ପ୍ରଥମେ ବିଦ୍ୟାଳୟର ପ୍ରତିଷ୍ଠାତା ଆଦର୍ଶ ଶିକ୍ଷକ ସ୍ୱର୍ଗତ ଭଗବାନ ପଣ୍ଡାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଥିଲେ ଯେ ୧୯୨୪ ମସିହା ମାର୍ଚ୍ଚ ୧୫ ତାରିଖରେ ଏହି ବିଦ୍ୟାଳୟ ତା'ର ଶିକ୍ଷାଦାନର ଯାତ୍ରା ଆରମ୍ଭ କରି ଦୀର୍ଘ ୧୦ ଦଶନ୍ଧି ଧରି ସୀମାନ୍ତ ଅଞ୍ଚଳରେ ଜ୍ଞାନର



ଆଲୋକ ବିକିରଣ କରିଆସୁଛି । ଭାରତୀୟ ସଂସ୍କୃତି ଓ ପରମ୍ପରାରେ ଶିକ୍ଷାଦାନ ବ୍ୟବସ୍ଥା ଗୁରୁ ଶିଷ୍ୟ ପଦ୍ଧତିରେ କେଉଁ ଆବାହମାନ ଯୁଗରୁ ରହିଆସିଛି । ବ୍ରିଟିଶ ସରକାର ଆସିବା ପରେ ଶିକ୍ଷାନୀତି ପ୍ରଚଳିତ ହୋଇଥିଲା। ସେତେବେଳ ଶିକ୍ଷାର ସବୁଠାରୁ ବଡ ଉଦ୍ଦେଶ୍ୟ ଥିଲା, ବ୍ରିଟିଶ ସରକାରଙ୍କ ପାଇଁ କିରାଣୀ ଓ ଅଧିକାରୀ ପ୍ରସ୍ତୁତ କରିବା । ଜ୍ଞାନ ଆହରଣ, ଚରିତ୍ର ଗଠନ ସେହି ଶିକ୍ଷା ପଦ୍ଧତିର ଉଦ୍ଦେଶ୍ୟ ନ ଥିଲା । ଏହି ଶିକ୍ଷା ପଦ୍ଧତି ସ୍ୱାଧୀନତା ପରବର୍ତ୍ତୀ ସମୟରେ ବହୁ ବର୍ଷ ଧରି ଚାଲି ଆସିଥିଲା ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବିଦ୍ୟାଳୟର ଉଦ୍ଦେଶ୍ୟ ହେଉଛି ପାଠ ପଢାଇ ପିଲାଙ୍କୁ ଉତ୍ତମ ନାଗରିକ ଭାବେ ଗଢି ସମାଜ ଗଠନର ଗୁରୁ ଦାୟିତ୍ୱ ନ୍ୟସ୍ତ କରିବା। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ଶାସନଭାର ନେଲା ପରେ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆସିଛି। ୨୦୨୦ ମସିହାରେ ମୋଦୀଙ୍କ ଦିଗ୍‌ଦର୍ଶନରେ ନୂତନ ଶିକ୍ଷାନୀତି ଦେଶରେ ପ୍ରଣୟନ ହୋଇଥିଲା। ଦୁର୍ଭାଗ୍ୟର କଥା, ଆମ ରାଜ୍ୟରେ ଏହି ନୂତନ ଶିକ୍ଷା ନୀତିକୁ ୫ ବର୍ଷ ଧରି ଲାଗୁ କରାଯାଇ ନ ଥିଲା। ଆଜି ଆମ ସରକାର ଆସିବା ପରେ, ଏହା ଲାଗୁ କରାଯାଇଛି । ଏହାଦ୍ୱାରା ନିଶ୍ଚିତଭାବେ ଶିକ୍ଷା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆସିବ। *(ପୃଷ୍ଠା ୭ରେ)*

# ମନ୍ କୀ ବାତ୍‌ରେ କହିଲେ ପ୍ରଧାନମନ୍ତ୍ରୀ ପହଲଗାମ ପୀଡ଼ିତଙ୍କୁ ନ୍ୟାୟ ନିଶ୍ଚୟ ମିଳିବ

**ନୂଆଦିଲ୍ଲୀ, ୨୭।୪**

ପହଲଗାମ ଆତଙ୍କବାଦୀ ଆକ୍ରମଣର ପୀଡ଼ିତଙ୍କ ପରିବାରକୁ ନିଶ୍ଚୟ ନ୍ୟାୟ ମିଳିବ। ଘଟଣା ପାଇଁ ଦାୟୀ ଆତଙ୍କବାଦୀ ଏବଂ ଏହା ପଛରେ ଥିବା ମାଷ୍ଟରମାଇଣ୍ଡକୁ କଠୋର ଜବାବ ଦିଆଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ୧୨୧ତମ ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଭାରତୀୟମାନଙ୍କୁ ସମ୍ବୋଧିତ କରି ଏହା କହିଛନ୍ତି।

ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ, ଆତଙ୍କବାଦ ବିରୋଧୀ ଆମ ଲଢ଼େଇରେ ୧୪୦ କୋଟି ଭାରତୀୟଙ୍କ ସହିତ ସାରା ବିଶ୍ୱ ଛିଡ଼ା ହୋଇଛି। ମୁଁ ପୀଡ଼ିତମାନଙ୍କ ପରିବାରଙ୍କୁ ପୁନର୍ବାର ବିଶ୍ୱାସ ଦେଉଛି ଯେ ସେମାନଙ୍କୁ ନ୍ୟାୟ ନିଶ୍ଚୟ ମିଳିବ।

ମୋଦୀ ଦେଶବାସୀଙ୍କୁ କହିଥିଲେ, ଆଜି ମୁଁ ଆପଣଙ୍କ ସହିତ ମନ୍ କୀ ବାତ କରୁଛି, କିନ୍ତୁ ମୋ ମନ ବହୁତ ଦୁଃଖରେ ଅଛି । ୨୨ ଏପ୍ରିଲରେ ପହଲଗାମରେ ହୋଇଥିବା ଆତଙ୍କୀ ଆକ୍ରମଣ ଦେଶର ସମସ୍ତ



ନାଗରିକଙ୍କୁ ଦୁଃଖିତ କରିଛି । ପୀଡ଼ିତ ପରିବାରଙ୍କ ପାଇଁ ପ୍ରତ୍ୟେକ ଭାରତୀୟଙ୍କ ମନରେ ଗଭୀର ସମ୍ବେଦନା ରହିଛି। ମୁଁ ଅନୁଭବ କରିପାରୁଛି, ଆତଙ୍କୀ ଆକ୍ରମଣର ଛବିକୁ ଦେଖି ସବୁ ଭାରତୀୟଙ୍କ ରକ୍ତ ଗରମ ହୋଇଯାଇଛି । ଏହି ଆକ୍ରମଣ ଆତଙ୍କବାଦୀଙ୍କ ଭୀରୁତାକୁ ଦର୍ଶାଉଛି । ଯେତେବେଳେ କଶ୍ମୀରରେ ଶାନ୍ତି ଫେରୁଥିଲା, ଗଣତନ୍ତ୍ର ମଜଭୁତ ହେଉଥିଲା, ପର୍ଯ୍ୟଟକଙ୍କ ସଂଖ୍ୟାରେ ବୃଦ୍ଧି ପାଉଥିଲା, ଲୋକଙ୍କ ରୋଜଗାର ବଢୁଥିଲା, ଯୁବପିଢ଼ିଙ୍କ ପାଇଁ ନୂଆ ସୁଯୋଗ ପ୍ରସ୍ତୁତ ହେଉଥିଲା, ସେହି ସମୟରେ ଦେଶର ଓ ଜମ୍ମୁ-କଶ୍ମୀରର ଶତ୍ରୁଙ୍କୁ ଏହା ହଜମ ହେଲାନାହିଁ।

ମୋଦୀ ଆହୁରି କହିଥିଲେ, ଦୁଇଦିନ ତଳେ ଦେଶ ମହାନ ବୈଜ୍ଞାନିକ ଡ. କେ. କସ୍ତୁରୀରଙ୍ଗନଙ୍କୁ ହରାଇଛି। ସେ ଯେତେବେଳେ କସ୍ତୁରୀରଙ୍ଗନଙ୍କୁ ଭେଟନ୍ତି, ସେତେବେଳେ ଦେଶର ଯୁବପିଢ଼ିଙ୍କ ପ୍ରତିଭା, ଆଧୁନିକ ଶିକ୍ଷା, ମହାକାଶ ବିଜ୍ଞାନ ଭଳି ବିଷୟରେ ଆଲୋଚନା କରନ୍ତି । ବିଜ୍ଞାନ, ଶିକ୍ଷା ଏବଂ ଭାରତର ମହାକାଶ କାର୍ଯ୍ୟକ୍ରମକୁ ନୂଆ ଦିଗ ଦେବାରେ ଡ. କସ୍ତୁରୀରଙ୍ଗନଙ୍କ ଯୋଗଦାନକୁ ଦେଶ ସର୍ବଦା ସ୍ମରଣ କରିବ। ତାଙ୍କ ନେତୃତ୍ୱରେ ଇସ୍ରୋକୁ ଏକ ନୂଆ ପରିଚୟ ମିଳିଛି।

## ଓଏସଏସସି ଏବଂ ଓପିଏସସି ପରିଚାଳିତ ପରୀକ୍ଷାରେ ତ୍ରୁଟି

**ଭୁବନେଶ୍ୱର, ୨୭।୪**
**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ଷ୍ଟାଫ ସିଲେକ୍ସନ କମିଶନ (ଓଏସ୍‌ଏସ୍‌ସି) ଏବଂ ଓପିଏସ୍‌ସି ପରିଚାଳିତ ପରୀକ୍ଷାରେ ତ୍ରୁଟି ସାମ୍ନାକୁ ଆସିଛି । ଓଡ଼ିଶା ଷ୍ଟାଫ ସିଲେକ୍ସନ କମିଶନ କର୍ତ୍ତୃପକ୍ଷ ନୋଟିସ ଜରିଆରେ ତ୍ରୁଟି ସ୍ୱୀକାର କରିଛନ୍ତି। ଓପିଏସସି ଏହି ତ୍ରୁଟିକୁ ସ୍ୱୀକାର କରି ଦୁଃଖ ପ୍ରକାଶ ସହ ଆଉ ଏକ ପରୀକ୍ଷାର ବିକଳ୍ପ ଉପରେ ବିଚାର କରୁଥିବା ଜଣାଇଛନ୍ତି କର୍ତ୍ତୃପକ୍ଷ। ରବିବାର ଏକ୍ସାଇଜ ଓ ଟ୍ରାଫିକ ଏସ୍‌ଆଇ ପରୀକ୍ଷା ଥିଲା । ମାତ୍ର ସିଜିଏଲ୍‌ରୁ ପ୍ରଶ୍ନ ଆସିଥିବା ପରୀକ୍ଷାର୍ଥୀଙ୍କ ଅଭିଯୋଗ ହୋଇଥିଲା । ଏତେବଡ଼ ପରୀକ୍ଷାରେ ତ୍ରୁଟିକୁ ନେଇ ପରୀକ୍ଷାର୍ଥୀ ହତାଶ ହୋଇଛନ୍ତି । ଅନ୍ୟପଟେ ରବିବାର ଓସିଏସ ମେନ ୨୦୨୩ର ଆନ୍ଥ୍ରୋପୋଲୋଜିର ୨ଟି ପେପର ଥିଲା। ପୂର୍ବାହ୍ନ ୯ରୁ ୧୨ଟା *(ପୃଷ୍ଠା ୭ରେ)*

# ପାଣିରେ ବୁଡ଼ି ଚାଲିଗଲା ୬ ଜୀବନ

**ଭୁବନେଶ୍ୱର, ୨୭।୪**
**ନ୍ୟୁଜ୍ ବ୍ୟୁରୋ**

ଅଶୁଭ ରବିବାର । ୬ ଜଣଙ୍କ ସଲିଳ ସମାଧି ଘଟିଛି। ରାଜ୍ୟର ବିଭିନ୍ନ ସ୍ଥାନରେ ପାଣିରେ ବୁଡି ୬ ଜଣଙ୍କ ମୃତ୍ୟୁ ହୋଇଛି । କଟକରେ ଜଣେ ନାବାଳକ କାଠଯୋଡିରେ ବୁଡି ପ୍ରାଣ ହରାଇଥିବା ବେଳେ ଆନନ୍ଦପୁରରେ ଦୁଇ ଜଣ ଯୁବକ ଓ ଦଶପଲ୍ଲାରେ ୩ ଜଣ ନାବାଳକଙ୍କର ପାଣିରେ ବୁଡିଯିବା କାରଣରୁ ମୃତ୍ୟୁ ହୋଇଛି । ସୂଚନା ମୁତାବକ, ଜଗତସିଂପୁର ଅଞ୍ଚଳର ଅତୁଲ ରଞ୍ଜନ ସାହୁ ଓ ରୁଦ୍ର ନାରାୟଣ ମିଶ୍ରଙ୍କ ସମେତ ଚାରି ଜଣ ଯୁବକ ରବିବାର କେନ୍ଦୁଝର ଜିଲ୍ଲାର ବଡ଼ ସିଆଳିମାଳ ପାଟହରା ଅଞ୍ଚଳକୁ ବୁଲି ଯାଇଥିଲେ । ସମସ୍ତେ ମିଶି ପାଟହରା ଝରଣାରେ ଗାଧୋଉଥିବା ବେଳେ ଅତୁଲ ଓ ରୁଦ୍ର ଗଣ୍ଡରେ ବୁଡି ଯାଇଥିଲେ । ଅନ୍ୟ ଦୁଇ ଜଣ ଯୁବକ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଖବର ପାଇ ହରିଚନ୍ଦନପୁର ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ୨ ଜଣଙ୍କ ମୃତଦେହ ଉଦ୍ଧାର କରିଛି । ଦୁଇ ମୃତକ ଯାଜପୁର ଜିଲ୍ଲାରେ ଟାଟା ଷ୍ଟିଲରେ କାମ କରୁଥିବା ଜଣାପଡିଛି । ସେହିପରି କଟକ କାଠଯୋଡିରେ ବୁଡି ଜଣେ ନାବାଳକର ମୃତ୍ୟୁ ହୋଇଛି । ମୃତକଙ୍କ ଘର ବେଟବିନ୍ଧାଣୀ ସାହିରେ । ସେ ଖାନନଗର ନିକଟରେ ଗାଧୋଉଥିବା ବେଳେ ଭାସି ଯାଇଥିଲେ । ତାଙ୍କୁ ଉଦ୍ଧାର କରି ମେଡିକାଲ ନିଆଯାଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ । ନୟାଗଡ଼ ଜିଲ୍ଲା ଦଶପଲ୍ଲା *(ପୃଷ୍ଠା ୭ରେ)*

## ମୃତକଙ୍କ ପରିବାରକୁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୭।୪**
**ନ୍ୟୁଜ୍ ବ୍ୟୁରୋ**

ନୟାଗଡ଼ ଜିଲ୍ଲା ଗୋଡ଼ିବିଡ଼ା ଗାଁରେ ପୋଖରୀରେ ବୁଡ଼ି ୩ ଶିଶୁ, ନିଶ୍ଚିତକୋଇଲିର ରାମକୃଷ୍ଣପୁର ଗାଁ ପୋଖରୀରେ ବୁଡ଼ି ୨ ଶିଶୁ ଏବଂ କଟକର କାଠଯୋଡିରେ ବୁଡି ଜଣେ ନାବାଳକଙ୍କ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେମାନଙ୍କ ପରିବାର ପ୍ରତି ମୁଖ୍ୟମନ୍ତ୍ରୀ ସମବେଦନା *(ପୃଷ୍ଠା ୭ରେ)*

# ଡେଡ୍‌ଲାଇନ ଶେଷ : ପାକିସ୍ତାନ ଉପରେ ହେବ ଡାଇରେକ୍ଟ ଆଟାକ୍ !

**ନୂଆଦିଲ୍ଲୀ, ୨୭।୪**

ଜମ୍ମୁ-କଶ୍ମୀରର ପହଲଗାମରେ ଏପ୍ରିଲ ୨୨ରେ ହୋଇଥିବା ଭୟଙ୍କର ଆତଙ୍କବାଦୀ ଆକ୍ରମଣ ପରେ ଭାରତ ସରକାର ପାକିସ୍ତାନୀ ନାଗରିକଙ୍କ ପାଇଁ କିଛି ଶ୍ରେଣୀର ସ୍ୱଳ୍ପକାଳୀନ ଭିସା ବାତିଲ କରି ଦେଶ ଛାଡ଼ିବା ପାଇଁ ନିର୍ଦ୍ଦେଶ ଜାରି କରିଛନ୍ତି। ଏହି ନିର୍ଦ୍ଦେଶ ଅନୁସାରେ, ଗତ ଦୁଇ ଦିନରେ ୨୭୨ ପାକିସ୍ତାନୀ ନାଗରିକ ପଞ୍ଜାବର ଅଟାରୀ-ୱାଘା ସୀମା ଚୌକି ଦେଇ ଭାରତ ଛାଡ଼ି ନିଜ ଦେଶକୁ ଫେରିଛନ୍ତି । ଅଧିକାରୀଙ୍କ ସୂଚନା ଅନୁଯାୟୀ ରବିବାର ୧୨ ପ୍ରକାରର ସ୍ୱଳ୍ପକାଳୀନ ଭିସା ଧାରୀଙ୍କ ପାଇଁ ନିର୍ଦ୍ଧାରିତ ସମୟସୀମା ଶେଷ ହେଉଛି, ଯେଉଁଥିପାଇଁ ଆହୁରି ଶହେରୁ ଅଧିକ ପାକିସ୍ତାନୀ



ପ୍ରତ୍ୟାବର୍ତ୍ତନ କରିବେ ବୋଲି ଆଶା କରାଯାଉଛି।

ଏପ୍ରିଲ ୨୨ରେ ପାହାଲଗାମର ବୈସାରଣ ମେଡୋରେ ପାକିସ୍ତାନ ସହ ଜଡ଼ିତ ଆତଙ୍କବାଦୀମାନେ ପର୍ଯ୍ୟଟକଙ୍କ ଉପରେ ଗୁଳିଚାଳନା କରି ୨୬ ଜଣଙ୍କର ଜୀବନ ନେଇଥିଲେ। ଏହି ଆକ୍ରମଣକୁ ଦି ରେଜିଷ୍ଟାନ୍ସ ଫ୍ରଣ୍ଟ, ଯାହା ପାକିସ୍ତାନସ୍ଥିତ ଲସ୍କର-ଏ-ତୈବାର ଏକ ପ୍ରକ୍ଷେପ ସଂଗଠନ ଦୋଷ ନେଇଛି। ଏହାକୁ ୨୦୧୯ର ପୁଲୱାମା ଆକ୍ରମଣ ପରେ କଶ୍ମୀରର ସବୁଠାରୁ ଭୟଙ୍କର ଘଟଣା ବୋଲି ବିବେଚନା କରାଯାଉଛି।

ଏହାର ପ୍ରତିକ୍ରିୟା ସ୍ୱରୂପ, ଭାରତ ସରକାର ଏକାଧିକ କଡ଼ା *(ପୃଷ୍ଠା ୭ରେ)*

## ଭାରତୀୟ ଯବାନଙ୍କୁ ହସ୍ତାନ୍ତର ପାଇଁ ମନା କଲା ପାକିସ୍ତାନ

**ନୂଆଦିଲ୍ଲୀ, ୨୭।୪**

ଭୁଲବଶତଃ ପାକିସ୍ତାନ ସୀମାରେ ପ୍ରବେଶ କରିଥିବା ବିଏସଏଫ ଯବାନ ପୂର୍ଣ୍ଣମ ସାହୁଙ୍କୁ ବନ୍ଦୀ ରଖିଛି ପାକିସ୍ତାନ। ଭାରତକୁ ହସ୍ତାନ୍ତର କରିବାକୁ ପାକ ରେଞ୍ଜର୍ସ ମନା କରିଦେଇଛନ୍ତି । ପଞ୍ଜାବର ଫିରୋଜପୁର ଅଞ୍ଚଳରେ ବାଟ ଭୁଲିଯାଇଥିବା କିଛି କୃଷକଙ୍କୁ ବାଟ ଦେଖାଇ ନେଉଥିବାବେଳେ ପୂର୍ଣ୍ଣମ ପାକ ସୀମା ଭିତରକୁ ପଶିଯାଇଥିଲେ। ପାକିସ୍ତାନୀ ସୈନ୍ୟମାନେ ତାଙ୍କୁ ଗିରଫ କରିଥିଲେ। ଏହା ପରେ ବିଏସଏଫ ପକ୍ଷରୁ ପାକ ରେଞ୍ଜର୍ସଙ୍କ ସହିତ ଅନେକ ଥର ଯୋଗାଯୋଗ କରାଯିବା ସହ ବୈଠକ ପାଇଁ କୁହାଯାଇଥିଲେ ମଧ୍ୟ ତାହାକୁ ଗୁରୁତ୍ୱ ଦେଉ ନ ଥିବା ଜଣାପଡ଼ିଛି।

# ରାଜ୍ୟରେ ଜଳ ଯୋଗାଣରେ କୌଣସି ଅସୁବିଧା ହେବ ନାହିଁ : ମନ୍ତ୍ରୀ

**ଭୁବନେଶ୍ୱର, ୨୭।୪**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ଜଳ ଯୋଗାଣରେ କୌଣସି ଅସୁବିଧା ହେବ ନାହିଁ । ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସାଢ଼େ ୫ ଶହ କୋଟି ଟଙ୍କା ବିଭିନ୍ନ ଜିଲ୍ଲାପାଳଙ୍କ ଆକାଉଣ୍ଟକୁ ପଠାଯାଇଛି ବୋଲି ମନ୍ତ୍ରୀ ରବି ନାଏକ କହିଛନ୍ତି। ଯେଉଁ ଜାଗାରେ ପାଣି ମିଳୁ ନ ଥିବ ସେଠାରେ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦିଆଯିବ । ପାଣି ପାଇଁ କେହି କଷ୍ଟ ପାଇବେ ନାହିଁ। ସରକାର ଏ ଦିଗରେ ସମସ୍ତ ପ୍ରକାର ପଦକ୍ଷେପ ନେଉଛନ୍ତି। ଗ୍ରୀଷ୍ମ ପ୍ରବାହରକୁ ନେଇ ରାଜ୍ୟରେ ଜଳ ଯୋଗାଣରେ କୌଣସି ଅସୁବିଧା ହେବ ନାହିଁ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ କହିଛନ୍ତି। ଯେଉଁ ଜାଗାରେ ପାଣି ମିଳୁ ନ ଥିବ ସେଠାରେ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦିଆଯିବ।

ଚଳିତ ବର୍ଷ ନୂଆ ସରକାରରେ ୨୪ ହଜାର ନୂଆ ନଳକୂପ ସ୍ଥାପନ କରାଯାଉଛି। ୨୪ ହଜାର ନୂଆ ନଳକୂପ ମଧ୍ୟରୁ ୯ ହଜାରରୁ ଅଧିକ ନୂଆ ନଳକୂପ ସ୍ଥାପନ ହୋଇ ସାରିଛି। ବାକି ୧୫ ଦିନ ଭିତରେ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ। ରାଜ୍ୟ ସରକାରଙ୍କ ପକ୍ଷରୁ ଏହାକୁ ନେଇ ସାଢ଼େ ୫ ଶହ କୋଟି ଟଙ୍କା ବିଭିନ୍ନ ଜିଲ୍ଲାପାଳଙ୍କ ଆକାଉଣ୍ଟକୁ ପଠାଯାଇଛି। ନଳକୂପ ଖୋଳିବା ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଜଳ ଯୋଗାଣ ନେଇ ୨୭୨ ମେଗା ପ୍ରକଳ୍ପ ଚାଲିଛି। ସୋସିଆଲ ମିଡ଼ିଆ ଏବଂ ଗଣମାଧ୍ୟମରେ ଖବର ପ୍ରକାଶିତ ପରେ ବିଭାଗ ପକ୍ଷରୁ ଏହାକୁ ନେଇ ମନିଟରିଙ୍ଗ କରାଯାଉଛି। ସେହି ଆଧାରରେ ମଧ୍ୟ ପଦକ୍ଷେପ ନିଆଯାଉଛି ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ କହିଛନ୍ତି ।

# ପାକିସ୍ତାନ ସହ ସମସ୍ତ ବାଣିଜ୍ୟ ସମ୍ପର୍କ ବନ୍ଦ

**ଭୁବନେଶ୍ୱର, ୨୭।୪**
**ନ୍ୟୁଜ୍ ବ୍ୟୁରୋ**

ଜମ୍ମୁ-କଶ୍ମୀରର ପହଲଗାମରେ ହୋଇଥିବା ଭୟଙ୍କର ଆତଙ୍କବାଦୀ ଆକ୍ରମଣ ପରେ ଅଲ ଇଣ୍ଡିଆ ଟ୍ରେଡର୍ସ ପାକିସ୍ତାନ ସହ ସମସ୍ତ ବାଣିଜ୍ୟ ସମ୍ପର୍କ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି। ଏହାସହ ଇ-କମର୍ସ କମ୍ପାନୀ ଗୁଡ଼ିକର ଅନିୟମିତ କାର୍ଯ୍ୟକଳାପ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ସରକାରଙ୍କୁ ଅନୁରୋଧ କରିଛି । ଏହି ନିଷ୍ପତ୍ତି ଭୁବନେଶ୍ୱରରେ ଆୟୋଜିତ ସିଏଆଇଟିର ଦୁଇ ଦିନିଆ ଜାତୀୟ ପରିଚାଳନା ପରିଷଦ ବୈଠକରେ ଗୃହୀତ ହୋଇଛି, ଯେଉଁଥିରେ ୨୬ଟି ରାଜ୍ୟରୁ ୨୦୦ରୁ ଅଧିକ ବେପାରୀ ନେତା ଅଂଶଗ୍ରହଣ କରିଥିଲେ।

ପହଲଗାମରେ ଏପ୍ରିଲ ୨୨ରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ନିରୀହ ପର୍ଯ୍ୟଟକଙ୍କର ମୃତ୍ୟୁ ହୋଇଥିଲା। ଏହି ଆକ୍ରମଣକୁ ଲସ୍କର-ଏ-ତୋଏବା ସହ ଜଡ଼ିତ ଦି ରେଜିଷ୍ଟାନ୍ସ ଫ୍ରଣ୍ଟ ନାମକ ସଂଗଠନ



ନିଜେ କରିଥିବା ମାନିଥିଲା । ଭାରତ ଏହାକୁ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦ ବୋଲି ଅଭିଯୋଗ କରିଛି । ଏହାର ପ୍ରତିବାଦରେ ଏକ ସଂକଳ୍ପ ଗ୍ରହଣ କରି ପାକିସ୍ତାନ ସହ ସମସ୍ତ ଆମଦାନୀ ଓ ରପ୍ତାନୀ ବନ୍ଦ କରିବାକୁ ଘୋଷଣା କରିଛି ସିଏଆଇଟିର ମହାସଚିବ ତଥା ଚାନ୍ଦନୀଚୌକର ସାଂସଦ ପ୍ରବୀଣ ଖାଣ୍ଡେଲୱାଲ କହିଛନ୍ତି, ଏକ ଶତ୍ରୁତାପୂର୍ଣ୍ଣ ଦେଶ ସହ ବାଣିଜ୍ୟ ବଜାୟ ରଖିବା ସମ୍ପୂର୍ଣ୍ଣ ଅଗ୍ରହଣୀୟ। ବ୍ୟାପାରୀ ସମୁଦାୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶର ସାର୍ବଭୌମତ ଓ ବାଣିଜ୍ୟିକ ସ୍ୱାଧୀନତା ରକ୍ଷା ପାଇଁ ଯେ କୌଣସି ପଦକ୍ଷେପ ନେବାକୁ ପ୍ରସ୍ତୁତ।

ସିଏଆଇଟିର ତଥ୍ୟ ଅନୁସାରେ, ୨୦୧୯ର ପୁଲୱାମା *(ପୃଷ୍ଠା ୭ରେ)*

## କୁପୱାରାରେ ପୁଣି ଆତଙ୍କୀ ଆକ୍ରମଣ ସାଧାରଣ ନାଗରିକଙ୍କୁ ଗୁଳି କରି ହତ୍ୟା

**ଶ୍ରୀନଗର, ୨୭।୪**

ଜମ୍ମୁ-କଶ୍ମୀରର କୁପୱାରା ଅଞ୍ଚଳରେ ପୁଣି ଆତଙ୍କୀ ଆକ୍ରମଣ ହୋଇଛି । ସଶସ୍ତ୍ର ଆତଙ୍କବାଦୀମାନେ ଜଣେ ସାଧାରଣ ନାଗରିକଙ୍କୁ ଗୁଳିକରି ହତ୍ୟା କରିଛନ୍ତି। ହତ୍ୟାର ଶିକାର ହୋଇଛନ୍ତି ୪୫ ବର୍ଷୀୟ ଗୁଲାମ ରସୁଲ ମାଗରେ । ସେ ଜଣେ ସାମାଜିକ କର୍ମୀ ମଧ୍ୟ। କାଣ୍ଡିଖାସ ଅଞ୍ଚଳରେ ଗୁଲାମଙ୍କ ଘର। ସେ ଘରେ ଥିବାବେଳେ କିଛି ଆତଙ୍କବାଦୀ ଘରେ ପଶି ତାଙ୍କୁ ଗୁଳି କରିଥିଲେ । ଘଟଣା ପରେ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ସୂଚନା ଅନୁସାରେ, ପହଲଗାମରେ ଆତଙ୍କବାଦୀମାନେ ୨୬ ପର୍ଯ୍ୟଟକଙ୍କୁ ଗଣହତ୍ୟା କରିବା ପରେ ଜମ୍ମୁ-କଶ୍ମୀରରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଯବାନମାନେ ଘର ଘର ବୁଲି ଆତଙ୍କୀଙ୍କୁ ଖୋଜୁଛନ୍ତି । ଯାହାଫଳରେ ଆତଙ୍କବାଦୀମାନେ ବିଚଳିତ ହୋଇ ହିଂସା ଘଟାଉଥିବା କୁହାଯାଉଛି।

## ଅନନ୍ତନାଗରେ ୧୭୫ ସନ୍ଦିଗ୍ଧ ଅଟକ

**ଶ୍ରୀନଗର, ୨୭।୪**

ପହଲଗାମ ଆକ୍ରମଣ ପରଠାରୁ ନିରାପତ୍ତାରକ୍ଷୀମାନେ ଘଟଣାରେ ସଂପୃକ୍ତ ଆତଙ୍କବାଦୀଙ୍କୁ ଧରିବାକୁ ଜମ୍ମୁ-କଶ୍ମୀରରେ ଘରକୁ ଘର ବୁଲି ତଲାସି ଅଭିଯାନ ଆରମ୍ଭ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଅନନ୍ତନାଗ ଜିଲ୍ଲାରେ ୧୭୫ ଜଣ ସନ୍ଦିଗ୍ଧଙ୍କୁ ଅଟକ ରଖାଯାଇଥିବା ଜଣାପଡିଛି । ନିରାପତ୍ତାରକ୍ଷୀମାନେ କଶ୍ମୀର ଉପତ୍ୟକାରେ ସକ୍ରିୟ ଥିବା ଆତଙ୍କବାଦୀଙ୍କ ପରିବାରବର୍ଗଙ୍କୁ ଅଟକ ରଖି ଜେରା କରୁଛନ୍ତି । ଅବଶ୍ୟ ସନ୍ଦେହ ମୋଚନ ପରେ ପରିବାର ଲୋକଙ୍କୁ ଛାଡି ଦିଆଯାଉଛି। ଦିନରାତି *(ପୃଷ୍ଠା ୭ରେ)*

# ପହଲଗାମ ଆକ୍ରମଣକୁ ନେଇ ଭବିଷ୍ୟବାଣୀ କରିଥିଲେ ବାବା ଭେଙ୍ଗା



**ନୂଆଦିଲ୍ଲୀ, ୨୭।୪**

ପହଲଗାମ ଆକ୍ରମଣ ପରେ ଦେଶ ଏବଂ ବିଶ୍ୱରେ ଆତଙ୍କର ବାତାବରଣ ରହିଛି। ଘାଟିରେ ପାକିସ୍ତାନୀ ଆତଙ୍କବାଦୀମାନେ ଯେଉଁ ମୃତ୍ୟୁର ତାଣ୍ଡବ କରିଛନ୍ତି ତାହା ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। କିନ୍ତୁ ପାକିସ୍ତାନର ଏହି ଘୃଣ୍ୟ କାର୍ଯ୍ୟକୁ ବାବା ଭେଙ୍ଗାଙ୍କ ଭବିଷ୍ୟବାଣୀ ସହିତ ଯୋଡାଯାଉଛି। ଯେଉଁଥିରେ ସେ କହିଛନ୍ତି ଯେ ଆଗାମୀ ସମୟରେ ସମଗ୍ର ବିଶ୍ୱ ଇସଲାମ ଦ୍ୱାରା ଶାସିତ ହେବ। ବୁଲଗେରିଆର ମହାନ ଭବିଷ୍ୟବକ୍ତା ବାବା ଭେଙ୍ଗା ତାଙ୍କର ଏକ ଭବିଷ୍ୟବାଣୀରେ କହିଛନ୍ତି ଯେ ୨୦୪୩ ସୁଦ୍ଧା ସମଗ୍ର ବିଶ୍ୱ ଇସଲାମ ଦ୍ୱାରା ଶାସିତ ହେବ । ପାକିସ୍ତାନରେ ବୃଦ୍ଧି ପାଉଥିବା ମୁସଲିମ ଆତଙ୍କବାଦୀ ସଂଗଠନଗୁଡ଼ିକ ସାରା ବିଶ୍ୱରେ ଆତଙ୍କର ବାତାବରଣ ସୃଷ୍ଟି କରିବ।

ବାବା ଭେଙ୍ଗା ତାଙ୍କର ଭବିଷ୍ୟବାଣୀ ପାଇଁ ଜଣାଶୁଣା । ତାଙ୍କର ମୃତ୍ୟୁ ୧୯୯୬ ମସିହାରେ ହୋଇଥିଲା। ସେ ୯/୧୧ ଆକ୍ରମଣ, ରାଜକୁମାରୀ ଡାଏନାଙ୍କ ମୃତ୍ୟୁ ଏବଂ ଚୀନର ଉହାନ ସମେତ ଅନେକ ଭବିଷ୍ୟବାଣୀ କରିଥିଲେ, ଯାହା ସତ୍ୟ ହୋଇଥିଲା। ତାଙ୍କର ଭବିଷ୍ୟବାଣୀ ଆଧାରରେ ଏହା ମଧ୍ୟ କୁହାଯାଉଛି ଯେ ଭାରତ ଖୁବ୍‌ଶୀଘ୍ର ପାକିସ୍ତାନ ଉପରେ ଆକ୍ରମଣ କରିବ। *(ପୃଷ୍ଠା ୭ରେ)*

# ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା

**ଭୁବନେଶ୍ୱର, ୨୭।୪**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ବଦଳିବ ପାଗ। ମେ ୧ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏନେଇ ସୂଚନା ଜାରି କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର।

କେତେକ ଅଞ୍ଚଳରେ ବିଜୁଳି ଘଡ଼ଘଡ଼ି ସହ ଝଟ୍‌କା ପବନ ମଧ୍ୟ ବହିବ । ଏଥିସହିତ ସ୍ଥାନେ ସ୍ଥାନେ କୁଆପଥର ପଡ଼ିବାର ବି ସମ୍ଭାବନା ରହିଥିବା ପାଣିପାଗ ବିଭାଗ ସତର୍କ କରାଇଛି। ଖରାପ ପାଗ ସମୟରେ ସୁରକ୍ଷିତ ସ୍ଥାନରେ ଆଶ୍ରୟ ନିଅନ୍ତୁ, ଗଛ ତଳେ ଆଶ୍ରୟ ନିଅନ୍ତୁ ନାହିଁ । ବିଦ୍ୟୁତ ପରିବହନ କରୁଥିବା ସମସ୍ତ ବସ୍ତୁଠାରୁ ଦୂରେଇ ରହିବାକୁ ପାଣିପାଗ ବିଭାଗ ପରାମର୍ଶ ଦେଇଛି ।



# ବାଲୁକାକଳାରେ ନିଜର ପ୍ରତିକୃତି ଦେଖି ଓଡ଼ିଆ ପୁଅଙ୍କୁ ପ୍ରଶଂସା କଲେ ରାଷ୍ଟ୍ରପତି




**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**
ବାଲୁକାକଳାରେ ନିଜର ପ୍ରତିକୃତି ଦେଖି ଓଡ଼ିଆ ପୁଅକୁ ପ୍ରଶଂସା କରିଛନ୍ତି ମହାମହିମ ରାଷ୍ଟ୍ରପତି । ଦେଶର କେନ୍ଦ୍ରଶାସିତ ଅଞ୍ଚଳ ଭାବରେ ପରିଚିତ ଦାଦ୍ରା ନଗର ହାବେଳି ଏବଂ ଡାମନ ଡିୟୁ (ଡିଆଇୟୁ) ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ଆସିଥିବା ଦେଶର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସେଠାରେ ନିଜର ବାଲୁକାକଳାରେ ପ୍ରତିକୃତି ଦେଖି ଓଡ଼ିଆ ପୁଅଙ୍କୁ ପ୍ରଶଂସା କରିଛନ୍ତି । ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ସହର ଉପକଣ୍ଠ ବୋରିଗାଁ ଅଞ୍ଚଳର ନାରାୟଣ ସାହୁଙ୍କୁ ଦାଦ୍ରା ନଗର ହାବେଳି ପ୍ରଶାସନର ପକ୍ଷରୁ ନିମନ୍ତ୍ରଣ କରାଯାଇ ମହାମହିମ ରାଷ୍ଟ୍ରପତିଙ୍କ ପ୍ରତିକୃତି ବାଲୁକାକଳାରେ ପ୍ରସ୍ତୁତ କରିବାକୁ କୁହାଯାଇଥିଲା । ଆନ୍ତର୍ଜାତିକ ବାଲୁକାଶିଳ୍ପୀ ନାରାୟଣ ଏବଂ ତାଙ୍କ ସହ କର୍ମୀ ସେଠାରେ ପହଞ୍ଚି ମହାମାନ୍ୟଙ୍କ ଏଭଳି ଅବିକଳ ନକଲ ବାଲୁକାକଳା ପ୍ରତିକୃତି ପ୍ରସ୍ତୁତ କରିଥିବା କହିଛନ୍ତି । ଏହି ବାଲୁକାକଳା ୩୦ ଫୁଟ ଲମ୍ବା ରହିଥିବା ବେଳେ ୭ରୁ ୮ ଫୁଟ ଉଚ୍ଚତା ରହିଥିବା କହିଛନ୍ତି ନାରାୟଣ। ସେପଟେ ଓଡ଼ିଆ ପୁଅ ଏଭଳି ପ୍ରସ୍ତୁତ କରିଥିବା ଜାଣିପାରିବା ପରେ ଏହାକୁ ଦେଖି ବେଶ ଖୁସି ଅନୁଭବ କରିଥିବା ବେଳେ ଧନ୍ୟବାଦ ପ୍ରଦାନ କରିଥିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

# ରାଜ୍ୟରେ ଗତ ବର୍ଷରେ ୧୨୪୩ ଦୁଷ୍କର୍ମର ଶିକାର : ହତ୍ୟାରେ ମୟୂରଭଞ୍ଜ ଆଗରେ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ରାଜ୍ୟରେ ବଢ଼ିବାରେ ଲାଗିଛି ଅପରାଧ, ବଢ଼ି ଚାଲିଛି ଦୁଷ୍କର୍ମ ମାମଲା । ଦୈନିକ ଖବରକାଗଜ ପଢ଼ିବା ମାତ୍ରେ, ଦୁଷ୍କର୍ମ ଖବର ଲେଖାଥିବାଟା ଥୟ । ସନ୍ଧ୍ୟା ହେବା ମାତ୍ରେ, ଘରୁ ବାହାରକୁ ଯିବାକୁ ଡରୁଛନ୍ତି ମହିଳା । ଦକ୍ଷତା ସତ୍ତ୍ୱେ ବି ଫେଲ୍ ମାରୁଛି ପୋଲିସ । ଗତ ବର୍ଷରେ ରାଜ୍ୟରେ ଘଟିଥିବା ଅପରାଧରୁ ଏହା ଜଳଜଳ ଦେଖାଯାଉଛି । ଓଡ଼ିଶା ପୁଲିସ୍ ରିପୋର୍ଟ କହୁଛି, ଏହି ଅବଧିରେ ୧୨୪୩ ଜଣ (ମହିଳା, ଯୁବତୀ ଓ ନାବାଳିକା) ଦୁଷ୍କର୍ମର ଶିକାର ହୋଇଛନ୍ତି । ଗତ ବର୍ଷରେ ୫୫୬ ହତ୍ୟାକାଣ୍ଡ ଘଟିଛି । ଦୁଷ୍କର୍ମରେ ପ୍ରଥମରେ ରହିଛି ମୟୂରଭଞ୍ଜ ଜିଲ୍ଲା । ଏହି ଜିଲ୍ଲାରେ ସର୍ବାଧିକ ୯୬ ଜଣ ଦୁଷ୍କର୍ମର ଶିକାର ହୋଇଛନ୍ତି । ଦ୍ୱିତୀୟରେ ରହିଛି ଗଞ୍ଜାମ। ସେଠାରେ ୮୦ ଜଣ ବଳାତ୍କାରର ଶିକାର ହୋଇଛନ୍ତି । ତା' ପଛକୁ ତୃତୀୟରେ ଯାଜପୁରରେ ୬୦, ଚତୁର୍ଥରେ ରହିଛି ଭୁବନେଶ୍ୱର ୟୁପିଡି । ଭୁବନେଶ୍ୱରରେ ୫୫ ଜଣ ଦୁଷ୍କର୍ମର ଶିକାର ହୋଇଛନ୍ତି । ହତ୍ୟା ମାମଲାରେ ବି ପ୍ରଥମ ସ୍ଥାନରେ ରହିଛି ମୟୂରଭଞ୍ଜ । ଏହି ଜିଲ୍ଲାରେ ମୋଟ୍ ୫୨ଟି ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ସେହିଭଳି ଦ୍ୱିତୀୟ ସ୍ଥାନରେ ଥିବା ଗଞ୍ଜାମ ପୁଲିସ୍ ଜିଲ୍ଲାରେ ୪୨ । ୩୩ଟି ହତ୍ୟାକାଣ୍ଡ ଘଟି କେନ୍ଦୁଝର ତୃତୀୟ ସ୍ଥାନରେ ରହିଛି । କଟକ ଗ୍ରାମାଞ୍ଚଳ ପୁଲିସ୍ ଜିଲ୍ଲାରେ ୩୦ଟି ହତ୍ୟାକାଣ୍ଡ ହୋଇଛି । ଚୋରି, ଲୁଟ୍ ଓ ଛିନତାଇରେ ପ୍ରଥମରେ ରହିଛି କମିଶନରେଟ୍ ପୁଲିସ୍ ଭୁବନେଶ୍ୱର ୟୁପିଡି । ଏଠାରେ ଅନ୍ୟ ଜିଲ୍ଲା ପୁଲିସଠାରୁ ଢେର ଅଧିକ ଘଟଣା ଘଟଛି। ଗତ ବର୍ଷରେ ମୟୂରଭଞ୍ଜ ଦ୍ୱିତୀୟ ୧୩୯ ଓ ଭଦ୍ରକ ତୃତୀୟ ୧୩୬ଟି ଛିନ୍ତାଇ ମାମଲା ରୁଜୁ ହୋଇଛି । ରାଜ୍ୟରେ ଗତବର୍ଷରେ ୧୩୯୯ ଲୁଟ୍ ମାମଲା ରୁଜୁ ହୋଇଥିଲା। ସେଥିରୁ ଭୁବନେଶ୍ୱରରେ ୟୁପିଡି ପ୍ରଥମ ସ୍ଥାନରେ ରହିଛି । ଏଠାରେ ରୁଜୁ ହୋଇଛି ୨୯୦ଟି ମାମଲା । ଦ୍ୱିତୀୟ ସ୍ଥାନ ପୁରୀରେ ୮୫ ଟି ମାମଲା ଓ ତୃତୀୟ ସ୍ଥାନରେ ଥିବା ସମ୍ବଲପୁରରେ ୬୨ଟି ମାମଲା। ରାଜ୍ୟର ସବୁ ଜିଲ୍ଲାରେ ୨ଅଙ୍କ ଭିତରେ ଲୁଟ୍ ମାମଲା ଥିବାବେଳେ ଭୁବନେଶ୍ୱର ୩ ଅଙ୍କ ପାର୍ କରିଛି। ଯଦି ଆମେ କମିଶନରେଟ୍ ପୁଲିସ୍ କଟକ କଥା ଦେଖିବା ତେବେ ସେଠାରେ ୪୪ ଟି ଲୁଟ୍ ମାମଲା ରୁଜୁ ହୋଇଥିବା ସରକାରୀ ତଥ୍ୟରୁ ଜଣାପଡ଼ିଛି। ଚୋରିରେ ବି ରେକର୍ଡ ଭାଙ୍ଗିଛି ଭୁବନେଶ୍ୱର ୟୁପିଡି । ଗତ ବର୍ଷ ଭିତରେ ୧୨୩୧ଟି ଚୋରି ହୋଇଥିବା ବିଭିନ୍ନ ଥାନାରେ ମାମଲା ରୁଜୁ ହୋଇଛି। ଦ୍ୱିତୀୟ ସ୍ଥାନରେ ରହିଛି ଭଦ୍ରକ ଓ ମୟୂରଭଞ୍ଜ ଜିଲ୍ଲା। ଏହି ୨ଟି ଜିଲ୍ଲାରେ ୪୫୦ରୁ ଅଧିକ ଚୋରି ମାମଲା ରୁଜୁ ହୋଇଛି । ତୃତୀୟ ସ୍ଥାନରେ ରହିଛି କଟକ ୟୁପିଡି । କଟକରେ ୩୩୩ ଚୋରି ମାମଲା ରୁଜୁ ହେଇଛି । ଭୁବନେଶ୍ୱର ଓ ଏହାର ଉପକଣ୍ଠରେ ଥିବା ଆପାର୍ଟମେଣ୍ଟରୁ ଚୋରି ମାମଲା ଦେଖିଲେ ପୁଲିସ୍‌ର ଅପାରଗତା ଜଳଜଳ ଦେଖାଯାଉଛି। କମିଶନରେଟ୍ ପୁଲିସ୍‌ର ରିପୋର୍ଟ କହୁଛି, ଗତ ୯ ମାସରେ ୬୫ଟି ଆପାର୍ଟମେଣ୍ଟର ଚୋରି ହୋଇଥିବା ବିଭିନ୍ନ ଥାନାରେ ଅଭିଯୋଗ ହୋଇଛି। ପୁଲିସ୍ ମାମଲା ରୁଜୁ କରି ୨୯ ଜଣ ସିନ୍ଧିଚୋରଙ୍କୁ ଗିରଫ କରିଛି। ହେଲେ ସେମାନଙ୍କଠାରୁ ସମ୍ପତ୍ତି ଜବତ କରିବାରେ ଫେଲ୍ ମାରିଛି ପୁଲିସ୍ ।

### ପୂର୍ବତଟ ରେଳପଥ ପକ୍ଷରୁ ବିଶ୍ୱ ମଧୁମେହ ଦିବସ ପାଳନ

# ସୁସ୍ଥ ଖାଦ୍ୟ ପ୍ରଦର୍ଶନୀ, ୱାକାଥନ୍ ଏବଂ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ମଧୁମେହ ନିରାକରଣ, ସୁସ୍ଥ ଖାଦ୍ୟ ଏବଂ ଜୀବନଶୈଳୀରେ ପରିବର୍ତ୍ତନ ବିଷୟରେ ସଚେତନତା ଉପରେ ଧ୍ୟାନ ଦେଇ ପୂର୍ବତଟ ରେଳପଥ ବିଶ୍ୱ ମଧୁମେହ ଦିବସ ପାଳନ ଅବସରରେ ଏକ ବିଶେଷ କାର୍ଯ୍ୟକ୍ରମ ଆୟୋଜନ କରିଛି । ଭୁବନେଶ୍ୱରର ରେଳବାଇ କେନ୍ଦ୍ରୀୟ ହସ୍ପିଟାଲରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏକ ସୁସ୍ଥ ଖାଦ୍ୟ ପ୍ରଦର୍ଶନୀ, ୱାକାଥନ୍ ସହ ବ୍ୟାପକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା ।
ପୂର୍ବତଟ ରେଳପଥ ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ ରେଳବାଇର ବରିଷ୍ଠ ଅଧିକାରୀ, ସ୍ୱାସ୍ଥ୍ୟ ସେବା ଅଧିକାରୀ ତଥା ରେଳବାଇ କେନ୍ଦ୍ରୀୟ ହସ୍ପିଟାଲର କର୍ମଚାରୀଙ୍କ ଉପସ୍ଥିତିରେ ସୁସ୍ଥ ଖାଦ୍ୟ ପ୍ରଦର୍ଶନୀକୁ ଉଦ୍ଘାଟନ କରିଥିଲେ। ରେଳପଥର ପ୍ରମୁଖ ଚିକିତ୍ସା ନିର୍ଦ୍ଦେଶକ ଡ଼ ସୁଶୀଲ କୁମାର ବେହେରା ଏହି ପ୍ରଦର୍ଶନୀରେ ମଧୁମେହ ବ୍ୟକ୍ତିବିଶେଷଙ୍କ ପାଇଁ ପୁଷ୍ଟିକର ଖାଦ୍ୟ ଏବଂ ଖାଦ୍ୟ ଯୋଜନା ବିଷୟରେ ମୂଲ୍ୟବାନ ସୂଚନା ପ୍ରଦାନ କରାଯାଇଥିଲା ।
ଉଦ୍ଘାଟନୀ ଉତ୍ସବରେ ଶ୍ରୀ ଫୁଙ୍କୱାଲ ମଧୁମେହର ଶୀଘ୍ର ଚିହ୍ନଟ ଏବଂ ପ୍ରତିରୋଧର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ସେ ସମସ୍ତଙ୍କୁ ସୁସ୍ଥ ଜୀବନଶୈଳୀ ଗ୍ରହଣ କରିବାକୁ ଏବଂ ନିୟମିତ ଭାବରେ ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ନଜର ରଖିବାକୁ ଉତ୍ସାହିତ କରିଥିଲେ, ବିଶେଷ କରି ସେମାନଙ୍କ ରକ୍ତରେ ଶର୍କରା ସ୍ତର।
ଏହି ସଚେତନତା କାର୍ଯ୍ୟକ୍ରମର ଏକ ଅଂଶ ଭାବରେ ସକାଳେ ରେଳପଥର ମୁଖ୍ୟାଳୟ ରେଳ ସଦନରେ ମହାପ୍ରବନ୍ଧକଙ୍କ ଦ୍ୱାରା ଏକ ୱାକାଥନ୍ ଶୁଭାରମ୍ଭ କରାଯାଇଥିଲା ଯାହା କେନ୍ଦ୍ରୀୟ ଚିକିତ୍ସାଳୟ ପର୍ଯ୍ୟନ୍ତ ଯାତ୍ରା କରିଥିଲା । ରେଳ କର୍ମଚାରୀ, ସେମାନଙ୍କ ପରିବାର, ସାଧାରଣ ଜନତା ଯୋଗ ଦେଇଥିବା ଏହି ୱାକାଥନ୍ ରେ ମଧୁମେହର ମୁକାବିଲା ତଥା ଶାରୀରିକ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବା ପାଇଁ ସାମୂହିକ ପ୍ରୟାସର ପ୍ରତୀକ ଭାବରେ କେନ୍ଦ୍ରୀୟ ଡାକ୍ତରଖାନା ରେ ରକ୍ତ ସରକାର ପରୀକ୍ଷା କରାଯାଇଥିଲା । ମଧୁମେହ ରୋଗୀଙ୍କ ପାଇଁ ଖାଦ୍ୟପେୟ ସୁପାରିଶ, ପୁଷ୍ଟିକର ଖାଦ୍ୟ ମାଧ୍ୟମରେ ସ୍ଥିତିକୁ ପରିଚାଳନା କରିବା ପାଇଁ ବିଶେଷଜ୍ଞ ପରାମର୍ଶ । ରେଳ କର୍ମଚାରୀ ଏବଂ ଜନସାଧାରଣ ମଧୁମେହ ପରିଚାଳନା ପାଇଁ ଡାକ୍ତର ଏବଂ ସ୍ୱାସ୍ଥ୍ୟ ସେବା ବିଶେଷଜ୍ଞଙ୍କ ସହ ପରାମର୍ଶ କରିବାର ସୁଯୋଗ ପାଇଲେ। ମଧୁମେହର ଶୀଘ୍ର ଚିହ୍ନଟକୁ ଉତ୍ସାହିତ କରିବା ପାଇଁ ରେଳ କେନ୍ଦ୍ରୀୟ ଡାକ୍ତରଖାନାରେ ମାଗଣା ରକ୍ତ ଶର୍କରା ପରୀକ୍ଷା କରାଯାଇଥିଲା। ଶ୍ରୀ ଫୁଙ୍କୱାଲଙ୍କ ନେତୃତ୍ୱରେ ରେଳ ସଦନରୁ କେନ୍ଦ୍ରୀୟ ଚିକିତ୍ସାଳୟ ପର୍ଯ୍ୟନ୍ତ ଏକ ଉତ୍ସାହଜନକ ୱାକାଥନ୍ ଆୟୋଜନ କରାଯାଇ ଅଂଶଗ୍ରହଣକାରୀମାନଙ୍କୁ ଏକ ସୁସ୍ଥ ଜୀବନଶୈଳୀର ଅଂଶ ଭାବରେ ଶାରୀରିକ କାର୍ଯ୍ୟକଳାପ ଗ୍ରହଣ କରିବାକୁ ଉତ୍ସାହିତ କରିବା ପାଇଁ ଉଦ୍ଦିଷ୍ଟ ଥିଲା । ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମରେ ମଧୁମେହ ପରିଚାଳନାର ବିଭିନ୍ନ ଦିଗ, ଖାଦ୍ୟ, ବ୍ୟାୟାମ, ଏବଂ ଜୀବନଶୈଳୀ ପରିବର୍ତ୍ତନକୁ ଅନ୍ତର୍ଭୁକ୍ତ କରାଯାଇଥିଲା ଏବଂ ରେଳ କର୍ମଚାରୀ, ସେମାନଙ୍କ ପରିବାର ଏବଂ ସାଧାରଣ ଜନତା ଏଥିରେ ଉପସ୍ଥିତ ଥିଲେ । ଅଂଶଗ୍ରହଣକାରୀମାନେ ମଧୁମେହ ପରିଚାଳନା ଏବଂ ପ୍ରତିରୋଧ ଉପରେ ମୂଲ୍ୟବାନ ସୂଚନା ଏବଂ ନିୟମିତ ସ୍ୱାସ୍ଥ୍ୟ ଯାଞ୍ଚର ଗୁରୁତ୍ୱ ମଧ ଶିଖିଲେ । ଭାରତରେ ବୃଦ୍ଧି ପାଉଥିବା ମଧୁମେହ ରୋଗର ନିରାକରଣ ପାଇଁ ନିରନ୍ତର ସଚେତନତା ଅଭିଯାନର ଆବଶ୍ୟକତା ଉପରେ ମୁଖ୍ୟ ଚିକିତ୍ସା ନିର୍ଦ୍ଦେଶକ ଡ଼ ସୁଶୀଲ କୁମାର ବେହେରା ଆଲୋକପାତ କରିବା ସହ ପ୍ରତ୍ୟେକ ଦିନ ସ୍ୱାସ୍ଥ୍ୟ ସଚେତନ ନିଷ୍ପତ୍ତି ନେବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ । ରେଳ କର୍ମଚାରୀ, ଚିକିତ୍ସା ଅଧିକାରୀ ଏବଂ ସ୍ଥାନୀୟ ସମୁଦାୟକୁ ଏକତ୍ରିତ କରି ମଧୁମେହ ସଚେତନତା ଉପରେ ଧ୍ୟାନ ଦେବା ସହ ସୁସ୍ଥ, ସକ୍ରିୟ ଜୀବନଶୈଳୀକୁ ଉତ୍ସାହିତ କରିବା ଏହି କାର୍ଯ୍ୟକ୍ରମ ସଫଳତାର ଉଦ୍ଦେଶ୍ୟ ଥିଲା। ରେଳ କେନ୍ଦ୍ରୀୟ ଚିକିତ୍ସାଳୟର ନିର୍ଦ୍ଦେଶକ ଡ଼. ଏସ ସି ପ୍ରଧାନ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।

### ଆଉ ଥରେ ସର୍ଭେ ହେବ ଜାଗା ମିଶନ

# ଜାଲିଆତି କରି ଜାଗା ହାତେଇଥିଲେ ତଡ଼ିବେ ସରକାର



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଜାଗା ମିଶନରେ ଜାଲିଆତି କରି ଭୂମି ହାତେଇଥିଲେ ସାବଧାନ । ସାବାଡ ହେବେ ଅଯୋଗ୍ୟ ହିତାଧିକାରୀ । ଗାଁରେ ଦୁଇ ଦୁଇଟା ଜମି ରହିଛି । ସହରାଞ୍ଚଳରେ ବି ପ୍ଲଟ ଅଛି । କିନ୍ତୁ ନିଜକୁ ଭୂମିହୀନ ଦର୍ଶାଇ ମାଡ଼ି ବସିଥିବା ସରକାରୀ ଜାଗା । ଜାଗା ମିଶନରେ ଯୋଡ଼ି ଭୂମି ଅଧିକାର ପ୍ରମାଣପତ୍ର ବି ନେଇଛନ୍ତି । ଏମିତି ଶହ ଶହ ଅଯୋଗ୍ୟ ହିତାଧିକାରୀ ସରକାରଙ୍କ ହାବୁଡ଼ରେ ପଡିଛନ୍ତି । ସେମାନଙ୍କୁ ଖୋଜି ଖୋଜି ତଡ଼ିବେ । ତାଙ୍କ ଜାଗାରେ ଯେଉଁମାନେ ସତରେ ଗରିବ ଆଉ ଯୋଗ୍ୟ ସେମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇ ଦିଆଯିବ । ଜାଗା ମିଶନରେ ବସ୍ତି ବାସିନ୍ଦା ପାଇଥିବା ଭୂମି ଅଧିକାର ପ୍ରମାଣପତ୍ରର ପୁଣି ଥରେ ଯାଞ୍ଚ ହେବ । ଅଯୋଗ୍ୟ ହିତାଧିକାରୀ ଯଦି ଚଞ୍ଚକତା କରି ଜାଗା ହାତେଇଥିବେ ସେମାନଙ୍କୁ ବାଦ୍ ଦିଆଯିବ । ଯୋଗ୍ୟ ହିତାଧିକାରୀଙ୍କୁ ଜାଗା ବଦଳରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ୨.୦ରେ ଘର ନିର୍ମାଣ କରି ଯୋଗାଇ ଦେବେ । ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏନେଇ ସର୍ଭେ ଆରମ୍ଭ ହେବ । ପରୀକ୍ଷାମୂଳକ ଭାବେ ପ୍ରଥମେ ୧୯ ବସ୍ତିରୁ ଏହି ସର୍ଭେ ଆରମ୍ଭ ହେବ । ସେଥିରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସିର) ୧୭ଟି ବସ୍ତି ଓ କଟକ ମହାନଗର ନିଗମର ୨ଟି ବସ୍ତି ରହିଛି। ଏହି ବସ୍ତିରେ ଯଦି ଜାଗା ମିଶନର ଭୂମି ପ୍ରମାଣପତ୍ର ଫେରାଇ ଆଣି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଘର ଯୋଗାଇ ଦେବେ । ଯଦି ପ୍ରଥମ ପର୍ଯ୍ୟାୟରେ ସରକାର ସଫଳ ହେବେ, ଆଗକୁ ରାଜ୍ୟର ସମସ୍ତ ପୌରାଞ୍ଚଳରେ ଏହା କାର୍ଯ୍ୟକାରୀ ହେବ। ବିଶ୍ୱସ୍ତସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଯେଉଁ ବସ୍ତିରେ ଭୂମି ପ୍ରମାଣପତ୍ର ଦିଆଯାଇଛି, ସେଠାରେ ଘର ନିର୍ମାଣ କରି ସେମାନଙ୍କୁ ହସ୍ତାନ୍ତର କରାଯିବ । ଯେଉଁମାନେ ଜଙ୍ଗଲ ଜମି, ରେଲୱେ ଅଞ୍ଚଳରେ ବସ୍ତି କରିଛନ୍ତି, ସେମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତରଣ କରି ସେଠାରେ ଘର ଯୋଗାଇ ଦିଆଯିବ । ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ରକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମୋଟ ୫ ଲକ୍ଷ ଘର ଯୋଗାଇ ଦେବାକୁ ନିବେଦନ କରାଯାଇଛି । ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, ପୂର୍ବ ସରକାର ଲୋକଙ୍କୁ ଭୁଆଁ ବୁଲାଇଛନ୍ତି। ଭୋଟ ବ୍ୟାଙ୍କ ବଢ଼ାଇବାକୁ ମିଛ ପ୍ରତିଶ୍ରୁତି ଦେଇଛନ୍ତି । ଭୂମି ଅଧିକାର ପ୍ରମାଣପତ୍ର ନାଁରେ ଲିଫ୍‌ଲେଟ୍ ବାଣ୍ଟିଛନ୍ତି । ଏହାର ପୁଣି ଥରେ ସମୀକ୍ଷା କରାଯିବ । ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଓ ସାଧାରଣ ପ୍ରଶାସନ ବିଭାଗ ମନଇଚ୍ଛା ଭୂମି ଅଧିକାର ପ୍ରମାଣପତ୍ର ବାଣ୍ଟିଛନ୍ତି। ଏହା ଆଦୌ ଗ୍ରହଣୀୟ ନୁହେଁ । ଏହି ସବୁ ଜମିରେ ମିଳିଥିବା ପଟ୍ଟାକୁ ରାଜସ୍ୱ ବିଭାଗ ସମୀକ୍ଷା କରିବ । ଏହା ପରେ ଜମି ଅଧିକାର ପ୍ରମାଣପତ୍ର ବୈଧ ନା ନାହିଁ ତାହା ନିଷ୍ପତ୍ତି ହେବ । ମନ୍ତ୍ରୀଙ୍କ ଏହି ବୟାନ ପରେ ଏବେ ଦ୍ୱନ୍ଦ୍ୱରେ ବସ୍ତି ବାସିନ୍ଦା। ପୂର୍ବ ସରକାର ଦେଇଥିବା ଭୂମି ଅଧିକାର ପ୍ରମାଣପତ୍ର ପାଇବା ପରେ ଭୁବନେଶ୍ୱରରେ ଖଣ୍ଡେ ଜାଗା ମିଳିଥିଲା । ନୂଆ ସରକାରଙ୍କ ତର୍ଜମା ବୟାନ ପରେ ହାତରେ ଜାଗା ରହିବ ନା କଟିଯିବ ତାକୁ ନେଇ ଚିନ୍ତା ବଢିଲାଣି । ବିଏମ୍‌ସି ସମେତ ୫ ମହାନଗର ନିଗମ ଓ ପୌରାଞ୍ଚଳରେ ଭୂମିହୀନ ବସ୍ତି ବାସିନ୍ଦାଙ୍କୁ ଜାଗା ମିଶନ ଜରିଆରେ ଭୂମି ଅଧିକାର ପ୍ରମାଣପତ୍ର ବଣ୍ଟା ଯାଇଥିଲା । ପ୍ରଥମେ ବସ୍ତିରେ ଡ୍ରୋନ ସର୍ଭେ କରାଯାଇଥିଲା । ଏହା ପରେ ଚୂଡ଼ାନ୍ତ ତାଲିକା ପ୍ରସ୍ତୁତ କରାଯାଇଥିଲା । ୨ଲକ୍ଷ ବସ୍ତି ବାସିନ୍ଦାଙ୍କୁ ଭୂମି ଅଧିକାର ପ୍ରମାଣ ପତ୍ର ମିଳିଥିଲା । ବିଏମ୍‌ସି ଅଞ୍ଚଳରେ ସର୍ବାଧିକ ୭୫ ହଜାର ଲୋକଙ୍କୁ ମିଳିଛି । ଏକାଧିକ ସ୍ଥାନରେ ଜଣେ ଜଣେ ଲୋକ ବାପା, ପୁଅ, ପତ୍ନୀ ନାଁରେ ଏକାଧିକ ଜାଗା ହାତେଇଛନ୍ତି। କିଛି ବଡ଼ବଡ଼ିଆ ବି ତାଲିକାରେ ଯୋଡ଼ି ହୋଇଛନ୍ତି । ଯାହାକୁ ନେଇ ବିବାଦ ଦେଖା ଦେଇଛି । ଖାଲି ସେତିକି ନୁହେଁ ଜଳାଶୟ, ଡ୍ରେନ୍ ଜମିକୁ ବି ପୂର୍ବ ସରକାର ଟେକି ଦେଇଛନ୍ତି । ଫଳରେ ରାଜଧାନୀରେ ଜଳବନ୍ଦୀ ସମସ୍ୟା ଉପୁଜୁଛି । ଆଉ କିଛି ଜମି ନେବାକୁ ବିଏମ୍‌ସି ଚିଠି କରିଛି । ଏମିତି ହେଲେ ଆଗକୁ ସ୍ଥିତି ଭୟଙ୍କର ହେବ ।

# ଭାରତର ୮୦% ଲୋକ ଜଳବାୟୁ ପରିବର୍ତ୍ତନ ହେତୁ ପ୍ରଭାବିତ



**ନୂଆଦିଲ୍ଲୀ,**
ଭାରତର ପ୍ରାୟ ଅଧିକାଂଶ ବ୍ୟକ୍ତି ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ ଦ୍ୱାରା ହେଉଛନ୍ତି ପ୍ରଭାବିତ । ଯାହାକୁ ନେଇ ଚିନ୍ତା ବ୍ୟକ୍ତ କରିଛନ୍ତି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପୂର୍ବତନ ମୁଖ୍ୟ ବୈଜ୍ଞାନିକ ଡକ୍ଟର ସୋମ୍ୟା ସ୍ୱାମୀନାଥନ । ସେ କହିଛନ୍ତି ଯେ, ବର୍ତ୍ତମାନ ଭାରତର ପ୍ରାୟ ପ୍ରତ୍ୟେକ ବ୍ୟକ୍ତି ଜଳବାୟୁ ପରିବର୍ତ୍ତନ ଦ୍ୱାରା ପ୍ରଭାବିତ ହେଉଛନ୍ତି। ଏଭଳି ପରିସ୍ଥିତିରେ ଏହି ସମସ୍ୟାର ମୁକାବିଲା ତଥା ଦେଶରେ ସ୍ୱାସ୍ଥ୍ୟ ସମସ୍ୟାର ମୁକାବିଲା ପାଇଁ ଆନ୍ତର୍ଜାତୀୟ ସହଯୋଗର ଜରୁରୀ ଆବଶ୍ୟକତା ରହିଛି। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଶିଶୁ ଏବଂ ମହିଳାମାନେ ଅଧିକ ବିପଦରେ ଥିବା ବେଳେ ବର୍ତ୍ତମାନ ଭାରତର ପ୍ରାୟ ସମସ୍ତଙ୍କୁ ଏହାର ପ୍ରଭାବ ପଡୁଛି । ସୂଚନା ଅନୁଯାୟୀ, ଜଳବାୟୁ ପରିବର୍ତ୍ତନ ଯୋଗୁଁ ପଡୁଥିବା ପ୍ରଭାବ ଦ୍ୱାରା ବିଭିନ୍ନ ରୋଗର ସମ୍ମୁଖୀନ ହେଉଛନ୍ତି ଲୋକେ । ଏହି ସମସ୍ୟାର ମୁକାବିଲା ପାଇଁ ତୁରନ୍ତ ସହଯୋଗର ଆବଶ୍ୟକତା ଅଛି । ଏହି ସମସ୍ୟା ବିଷୟରେ ସ୍ୱାମୀନାଥନ କହିଛନ୍ତି ଯେ, ଏହା ମହିଳା ଏବଂ ଶିଶୁଙ୍କ ଉପରେ ବିଶେଷ ପ୍ରଭାବ ପକାଇଥାଏ, ବିଶେଷ କରି ଗ୍ରାମାଞ୍ଚଳରେ ମହିଳାମାନେ ରୋଷେଇ ପାଇଁ ଇନ୍ଧନ ଉପରେ ନିର୍ଭର କରିବାକୁ ପଡେ ଏବଂ ଏହି ନିର୍ଭରଶୀଳତା ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରେ। ସେ ଆହୁରି ମଧ କହିଛନ୍ତି ଯେ, ଭାରତର ୮୦% ଜନସଂଖ୍ୟା ଜଳବାୟୁ ପରିବର୍ତ୍ତନର ପ୍ରଭାବର ସମ୍ମୁଖୀନ ହେଉଛନ୍ତି। ଗ୍ରାମାଞ୍ଚଳର କୃଷକମାନଙ୍କଠାରୁ ସହରାଞ୍ଚଳର ଜନସଂଖ୍ୟା ପର୍ଯ୍ୟନ୍ତ କେହି ସୁରକ୍ଷିତ ନୁହଁନ୍ତି । ଜଳବାୟୁ ପରିବର୍ତ୍ତନ ବର୍ତ୍ତମାନ ଏକ ବିଶ୍ୱସ୍ତରୀୟ ସମସ୍ୟା । ତେବେ ଜଳବାୟୁ ପରିବର୍ତ୍ତନ କେବଳ ଦେଶ ଉପରେ ନୁହେଁ ବରଂ ସମଗ୍ର ବିଶ୍ୱର ଲୋକମାନଙ୍କ ଉପରେ ବ୍ୟାପକ ପ୍ରଭାବ ପକାଉଥିବା ସେ କହିଛନ୍ତି ।

### ରାଜଧାନୀରେ କଲବଲ କରୁଛି ଭାଇରାଲ ଫିଭର

# କ୍ୟାପିଟାଲ ହସ୍ପିଟାଲରେ ସଂକ୍ରମିତଙ୍କ ସଂଖ୍ୟା ୪୦% ବଢ଼ିଛି




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
କ୍ୟାପିଟାଲ ହସ୍ପିଟାଲ୍‌ରେ ମେଡିସିନ୍ ଓପିଡି ସମ୍ମୁଖରେ ଲାଗୁଛି ଲମ୍ବା ଲାଇନ୍ । ସେହିପରି ଶିଶୁ ବିଭାଗ ଓପିଡି ପାଖରେ ଆହୁରି ବିକଳ ଚିତ୍ର ଦେଖିବାକୁ ମିଳୁଛି। ମା'ମାନେ ପିଲାଙ୍କୁ କାଖେଇ ଡାକ୍ତରଙ୍କ ପରାମର୍ଶ ପାଇଁ ଅପେକ୍ଷା କରୁଛନ୍ତି । ପିଲାଙ୍କ କାନ୍ଦରେ ପୂରା ପରିସର କମ୍ପୁଛି। ହସ୍ପିଟାଲ୍‌ର ଏଭଳି ଦୃଶ୍ୟ ଦର୍ଶାଉଥିଲା ରାଜଧାନୀରେ ଭାଇରାଲ ଫିଭରର ପ୍ରକୋପ । ରାଜଧାନୀର ବିଭିନ୍ନ ହସ୍ପିଟାଲରେ ଭାଇରାଲ ଫିଭର ଜନିତ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇଛି । କ୍ୟାପିଟାଲ ହସ୍ପିଟାଲରେ ଗତ ମାସ ଅପେକ୍ଷା ହଠାତ ୪୦ରୁ ୪୫% ରୋଗୀ ବଢ଼ିଛନ୍ତି । ରୋଗୀଙ୍କ ଆଡ୍‌ମିଶନ ସଂଖ୍ୟା ବୃଦ୍ଧି ପାଇଛି । ପୂର୍ବ ବର୍ଷ ଅପେକ୍ଷା ୨୦% ଅଧିକ ରୋଗୀ ଚିକିତ୍ସିତ ଅଛନ୍ତି। ସେହିପରି ଶିଶୁ ୱାର୍ଡରେ ମଧ ସମାନ ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ହସ୍ପିଟାଲ୍ କର୍ତ୍ତୃପକ୍ଷ କହିଛନ୍ତି। କ୍ୟାପିଟାଲ ହସ୍ପିଟାଲରୁ ମିଳିଥିବା ସୂଚନା ଅନୁଯାୟୀ, ଭାଇରାଲ ଫିଭର ପୀଡ଼ିତଙ୍କ ସଂଖ୍ୟା ବୃଦ୍ଧି ଘଟିଛି। ହେଲେ ଚିନ୍ତିତ ହେବାର କୌଣସି କାରଣ ନାହିଁ। ଯେତିକି ରୋଗୀ ଆସୁଛନ୍ତି ପ୍ରାୟ ୩ରୁ ୪ଦିନ ଭିତରେ ଔଷଧ ଖାଇ ସୁସ୍ଥ ହୋଇଛନ୍ତି । ଯିଏ ସଂକ୍ରମିତ ହୋଇଛନ୍ତି, ଅନ୍ୟମାନଙ୍କଠାରୁ ଦୂରେଇ ରହିବ । ନିଜକୁ ସଙ୍ଗରୋଧ କରି ରଖନ୍ତୁ। ରୋଗୀ ଆଣ୍ଟି ଟେଷ୍ଟିମନି ମେଡିସିନ୍, ପାରାସିଟାମଲ୍, ଭିଟାମିନ୍-ସି ମେଡିସିନ୍ ବ୍ୟବହାର କରିପାରିବେ। ଭିଟାମିନ୍-ସି ଖାଇବା ସହିତ ବଡି ଇମ୍ୟୁନିଟି ବଢ଼ାଇବା ନିତାନ୍ତ ଆବଶ୍ୟକ ବୋଲି ଡାକ୍ତର ପରାମର୍ଶ ଦେଇଛନ୍ତି । ଆରଏମ୍‌ଆରସି କହିଛି, ଜଳବାୟୁରେ ପରିବର୍ତ୍ତନ ପାଇଁ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିଛି । କିନ୍ତୁ ଭୟଭୀତ ହେବାର କୌଣସି କାରଣ ନାହିଁ।

# ରାଜ୍ୟରେ ୨୪ଘଣ୍ଟା ଖୋଲା ରହିବ ନିରାମୟ କେନ୍ଦ୍ର

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
୨୪ ଘଣ୍ଟା ଖୋଲା ରହିବ ନିରାମୟ କେନ୍ଦ୍ର । ଏହାର ଯେପରି ଖିଲାପ ନ ହୁଏ, ସେଥିପାଇଁ ସ୍କ୍ୱାଡ୍ ଗଠନ କଲା ସାଧାରଣ ଉଦ୍ୟୋଗ ବିଭାଗ । ସେମାନେ ଅଚାନକ ନିରାମୟ ପରିଦର୍ଶନ କରିବେ । ନିରାମୟ ଖୋଲା ନଥିଲେ ନିଆଯିବ କାର୍ଯ୍ୟାନୁଷ୍ଠାନ । ଔଷଧ ନିଗମର ସମୀକ୍ଷା ବୈଠକର ଏହି ନିର୍ଦ୍ଦେଶ ଦେଇଛନ୍ତି ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର । ଔଷଧ ନିଗମର ଔଷଧ ଠିକ୍ ଭାବେ ନିରାମୟକୁ ପହଞ୍ଚୁଛି କି ନାହିଁ ।

### ସାରା ଗାଁକୁ ଗିଳିବାକୁ ବସିଛି କିଡ୍‌ନୀ ରୋଗ

# ଗତ ୧୦ ବର୍ଷରେ ଯାଇଛି ୨୫ ଜଣଙ୍କ ଜୀବନ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକର ସର୍ଗିଗୁଡା ଗାଁ । ଗାଁକୁ ଯେମିତି କବଜ୍ଜା କରିଛି କିଡନୀ ରୋଗ । ଅନେକ ଲୋକ କିଡନୀ ରୋଗ ପୀଡିତ । କିଏ ରୋଗ ସହ ଲଢ଼ିଲଢ଼ି ଜୀବନ ହାରିଛନ୍ତି ତ ଆଉ କିଏ ଚିକିତ୍ସା ପାଇଁ ସର୍ବସ୍ୱ ହରାଇ ସାରିଲେଣି । ସାରା ଗାଁର ଲୋକଙ୍କ କାହାଣୀ ଶୁଣିଲେ, ଗ୍ରାଉଣ୍ଡ ଜିରୋ ସ୍ଥିତି ଅନୁଧ୍ୟାନ କଲେ ଆପଣମାନେ ମଧ କହିବେ, ଏଠି କଣ ମୃତ୍ୟୁର ଫାସ ଜଗି ବସିଛି କିଡନୀ ରୋଗ । ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ସର୍ଗିଗୁଡା ଗାଁରେ ଘର ଘରେ କିଡନୀ ରୋଗୀ । ଅନେକଙ୍କ ଜୀବନ ଦୀପ ଲିଭି ଗଲାଣି, କିଛି ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଛି । ଏବେ ଯଦି ଅନ୍ୟ ସମସ୍ତଙ୍କର ପରୀକ୍ଷା କରାଯିବ, ତେବେ ଅନେକ ଆକ୍ରାନ୍ତ ଚିହ୍ନଟ ହେବେ ବୋଲି କହିଛନ୍ତି ଗ୍ରାମବାସୀ। ଗାଁରେ ନଳକୂପରୁ ବାହାରୁଥିବା ଗୋଳିଆ ପାଣି ପିଇ ଲୋକମାନେ ରୋଗାକ୍ରାନ୍ତ ହେଉଥିବା ଅଭିଯୋଗ ହୋଇଛି । ୨୦୨୪ରେ କିଡନୀ ରୋଗରେ ୭ ଜଣଙ୍କ ମୃତ୍ୟୁ ହୋଇଥିଲା। ଚଳିତ ବର୍ଷ ୪ଜଣଙ୍କ ମୃତ୍ୟୁ ହୋଇଛି । ଗତ ୧୦ ବର୍ଷରେ ୨୫ ଜଣଙ୍କ ଜୀବନ ନେଇଛି ଏ ରୋଗ । ଜିଲ୍ଲା ପ୍ରଶାସନ, ବ୍ଲକ ପ୍ରଶାସନ ଓ ସ୍ଥାନୀୟ ରାଜନେତାଙ୍କୁ ଅବଗତ କଲେ ମଧ କୌଣସି ସୁବିଧା ମିଳୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗାଁରେ ବସବାସ କରୁଥିବା ପ୍ରାୟ ୨ ହଜାର ଲୋକଙ୍କ ପାଇଁ ୮ଟି ନଳକୂପ ଅଛି । ପ୍ରାୟ ସବୁ ନଳକୂପରୁ ଲୁହାଗୁଣ୍ଡ, ମାଟି ମିଶା ପାଣି ବାହାରୁଛି। ସେପଟେ ବସୁଧା ଯୋଜନା ଫେଲ ମାରିଛି। ଅନ୍ୟ କୌଣସି ସୁବିଧା ନଥିବାରୁ ଗ୍ରାମବାସୀ ବାଧ୍ୟ ହୋଇ ନଳକୂପରୁ ବାହାରୁଥିବା ପାଣି ପିଉଛନ୍ତି। ସେହି ପାଣି ପିଇ ନା ଖାଦ୍ୟପେୟ ଯୋଗୁଁ କିଡନୀ ରୋଗ ବ୍ୟାପୁଛି ତାହା ଜଣାପଡୁନାହିଁ । ସେପଟେ ଡାକ୍ତର କହିଛନ୍ତି ପାନୀୟ ଜଳ, ପେନ କିଲର ଓ ରାସାୟନିକ ସାର ମିଶ୍ରିତ ଖାଦ୍ୟ ଖାଇଲେ କିଡନୀ ରୋଗ ହୋଇଥାଏ । କିଡନୀ ରୋଗ ଚିକିତ୍ସାରେ ଲୋକମାନେ ନିଜର ସର୍ବସ୍ୱ ହରାଇଲେଣି । ବର୍ତ୍ତମାନ ଟଙ୍କା ପଇସା ଅଭାବରୁ ମୂଳିକୁ ଚିକିତ୍ସାକୁ ଭରସା କରୁଛନ୍ତି। ତଥାପି ଏଦିଗରେ ସ୍ୱାସ୍ଥ୍ୟ ବିଭାଗ କି ଜଳ ଓ ପରିମଳ ବିଭାଗ ଧ୍ୟାନ ଦେଉନଥିବା ଲୋକମାନେ ଦୁଃଖର ସହ କହିଛନ୍ତି ।

### ରାଜ୍ୟରେ ବନ୍ଦ ହୋଇଯିବ କି ମୁକ୍ତା

# ଗତ ବର୍ଷ ୩୦ଟି ପ୍ରକଳ୍ପ ପାଇଁ ଲକ୍ଷ୍ୟ ଥିବାବେଳେ ସରିଛି ୪ଟି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ସହରାଞ୍ଚଳରେ ଲୋକଙ୍କ ହାତକୁ କାମ ଯୋଗାଇଦେବା ସହିତ ସହରର ସୌନ୍ଦର୍ଯ୍ୟ ବୃଦ୍ଧି ଲାଗି କାର୍ଯ୍ୟକାରୀ ହେଉଥିବା ମୁକ୍ତା ଯୋଜନା ଏବେ ଅନିଶ୍ଚିତତା ଭିତରେ । ଏଥିରେ କାର୍ଯ୍ୟରତ କର୍ମଚାରୀଙ୍କ ଆଉ ଚାକିରି ନଥିବାବେଳେ ପ୍ରକଳ୍ପ କାର୍ଯ୍ୟ ଆଗକୁ ବଢ଼ିବ କି ନାହିଁ ସେ ସଂକ୍ରାନ୍ତରେ କିଛି ସ୍ପଷ୍ଟ ହେଉନାହିଁ । ଫଳରେ ଅନେକ ଅଧାପନ୍ତରିଆ ପ୍ରକଳ୍ପ ଏବେ ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଛି । ରାଜ୍ୟର ୫ଟି ମହାନଗର ନିଗମ ସହିତ ମୋଟ୍ ୩୧୪ଟି ପୌରାଞ୍ଚଳରେ କାର୍ଯ୍ୟକାରୀ ହେଉଛି ମୁକ୍ତା ଯୋଜନା । ସହରାଞ୍ଚଳରେ ବୃକ୍ଷରୋପଣ ଠାରୁ ଆରମ୍ଭ କରି ବର୍ଷାଜଳ ସଂରକ୍ଷଣ, ପାର୍କ ନିର୍ମାଣ ଓ ପୁନରୁଦ୍ଧାର ଆଦି ଅନେକ ଶ୍ରମଭିତ୍ତିକ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି । ଏହିସବୁ ପ୍ରକଳ୍ପକୁ କାର୍ଯ୍ୟକାରୀ ପାଇଁ ପ୍ରତ୍ୟେକ ପୌରାଞ୍ଚଳରେ ଜଣେ ପ୍ରୋଗ୍ରାମ ମ୍ୟାନେଜର, ଜଣେ ଅର୍ଥ ବିଶେଷଜ୍ଞ ଓ ଜଣେ କାର୍ଯ୍ୟ ବିଶେଷଜ୍ଞଙ୍କୁ ନିୟୋଜିତ କରାଯାଇଥିଲା । ତେବେ ମହାନଗର ନିଗମରେ ଏମାନଙ୍କ ସଂଖ୍ୟା ଅଧିକ ରହିଥିଲା । ମୁକ୍ତା ପ୍ରକଳ୍ପରେ ସମସ୍ତ ପୌରାଞ୍ଚଳରେ ପାଖପାଖି ୪୦୦ କର୍ମଚାରୀ ନିଯୁକ୍ତ ହୋଇ ପ୍ରକଳ୍ପ କାର୍ଯ୍ୟକୁ ଆଗେଇ ନେଉଥିବାବେଳେ ଏମାନଙ୍କ ଚାକିରି ସେପ୍ଟେମ୍ବର ଶେଷରୁ ସରିଯାଇଛି। ନିଯୁକ୍ତିର ନବୀକରଣ ହେବ କି ନାହିଁ ସେଥିନେଇ କୌଣସି ସ୍ପଷ୍ଟତା ନଥିବାବେଳେ କର୍ମଚାରୀମାନେ କିନ୍ତୁ ଆଶାବାନ୍ଧି ବିନା ଦରମାରେ ଆସି କାମ କରୁଛନ୍ତି । ନିକଟରେ ଉପକୂଳ ଓଡିଶାରେ ଆସିଥିବା ବାତ୍ୟା ଦାନାର ପ୍ରକୋପ ସମୟରେ ଉପକୂଳରେ ଥିବା ପୌରାଞ୍ଚଳରେ ଏହି କର୍ମଚାରୀମାନେ ହିଁ ବାତ୍ୟା ମୁକାବିଲାର ମଙ୍ଗ ଧରିଥିଲେ । ତେବେ କର୍ମଚାରୀମାନେ ଅନିଶ୍ଚିତତାରେ ଥିବାରୁ ବିଭିନ୍ନ ପୌରାଞ୍ଚଳରେ ପ୍ରକଳ୍ପ କାର୍ଯ୍ୟ ବି ଆଗେଇ ପାରୁନାହିଁ । ମୁକ୍ତା ଯୋଜନାରେ ଅର୍ଥ ରହିଥିଲେ ମଧ କାହିଁକି କର୍ମଚାରୀମାନଙ୍କର ନିଯୁକ୍ତି ଅବଧିର ନବୀକରଣ ହେଉନାହିଁ ଏବଂ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ହେଉନାହିଁ ତାହାର ଉତ୍ତର କାହା ପାଖରେ ନାହିଁ । ଇତି ମଧ୍ୟରେ ମୁକ୍ତାରେ ମୋଟ୍ ୭୬୨୦ ଟି ପ୍ରକଳ୍ପ ମଞ୍ଜୁର ହୋଇଥିବାବେଳେ ଏଥିରୁ ୫୩୮୫ଟି ସମ୍ପୂର୍ଣ୍ଣ ହୋଇଛି । ୨୨୩୫ଟି ପ୍ରକଳ୍ପର କାର୍ଯ୍ୟ ଜାରି ରହିଛି । ତେବେ ଆସନ୍ତା ଡିସେମ୍ବର ସୁଦ୍ଧା ୩୦୦ ଟି ପ୍ରକଳ୍ପ ସାରିବାକୁ ଲକ୍ଷ୍ୟ ରହିଛି । ସରିଛି ମାତ୍ର ୨୫ଟି । ଗତ ବର୍ଷରେ ୩୦ଟି ପ୍ରକଳ୍ପ ପାଇଁ ଲକ୍ଷ୍ୟ ଥିବାବେଳେ ସରିଛି ୪ଟି।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୮ ଅପ୍ରେଲ ୨୦୨୫ ସୋମବାର





# କଲରାପତରିଆ ବାଘ ଆତଙ୍କ ୬ବର୍ଷର ଶିଶୁ ଗୁରୁତର

**ରାଇଘର, ନ୍ୟୁଜ ବ୍ୟୁରୋ**

ସୀମାନ୍ତ ଛତିଶଗଡ଼ ରାଜ୍ୟ କାଙ୍କେର ଜିଲ୍ଲା ଜିଲ୍ଲା ଦୁଧଓ୍ୱ ସାରୋନା ଅଞ୍ଚଳର ଆଚିଡୋଙ୍ଗରି ଗାଁରେ କଲରାପତରିଆ ବାଘ ଆତଙ୍କ । ସୂଚନା ଅନୁଯାୟୀ ସନ୍ଧ୍ୟା ସମୟ ଆଚିଡୋଙ୍ଗରି ଗାଁର ୬ବର୍ଷର ଶିଶୁ ନମନ କୁମାର ମାଡ଼କାମ ନିଜ ଘର ବାରଣ୍ଡାରେ ଖେଳୁଥିବା ସମୟରେ ହଟାତ ପାଖ ଜଙ୍ଗଲ ମଧ୍ୟରୁ ଏକ କଲରାପତରିଆ ବାଘ ଆସି ନମନକୁ ଆକ୍ରମଣ କରିଥିଲା । ଏହି ସମୟରେ ଛୁଆର ପାଟି କରିବା ଶୁଣି ତାଙ୍କ ବଡ଼ ଭାଇ ବହୁ ପାଟି ଚିଲେଇ ବାଘଟିକୁ ଘଉଡେଇ ବାଘ କବଳରୁ ରକ୍ଷା କରିଥିଲେ। ପରେ ବାଘଟି ଜଙ୍ଗଲ ମଧ୍ୟକୁ ଚାଲିଯାଇଥିଲା । ପରିବାରେ ଲୋକେ ଆହତ ନମନକୁ କାଙ୍କେର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ । ତେବେ ବାଘ ଆକ୍ରମଣରେ ନମନଙ୍କ ବେକ, ପେଟ ଏବଂ ହାତରେ ଗଭୀର ଆଘାତ ଲାଗିଥିଲା । ଖବର ପାଇ କାଙ୍କେର ବିଧାୟକ ଆଶାରାମ ନେତାମ ଏବଂ କାଙ୍କେର ଡିଏଫଓ ଆଲୋକ ବାଜପେୟୀ ମେଡିକାଲରେ ପହଞ୍ଚି ଆହତ ଶିଶୁକୁ ଭେଟି ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝି ଥିଲେ । ବର୍ତ୍ତମାନ ଆହତ ଶିଶୁର ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା ସୂଚନା ମିଳିଛି।

## ହାଇକୋର୍ଟଙ୍କ ଜବାବ ତଲବ

# ୧୮ବର୍ଷ କାର୍ଯ୍ୟ କରିବା ପରେ ଅଧ୍ୟାପକଙ୍କୁ କାର୍ଯ୍ୟରୁ ଅନ୍ତର ନିର୍ଦ୍ଦେଶକୁ ଚାଲେଞ୍ଜ



**କଟକ, ନ୍ୟୁଜ ବ୍ୟୁରୋ**

ଦୀର୍ଘ ୧୮ ବର୍ଷ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନରେ ଅଧ୍ୟାପନା କରିବା ପରେ ଜନୈକ ଅଧ୍ୟାପକଙ୍କୁ କାର୍ଯ୍ୟରୁ ଅନ୍ତର ନିର୍ଦ୍ଦେଶକୁ ଚାଲେଞ୍ଜ କରି ଦାୟର ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହିତ ଗ୍ରହଣ କରିଛନ୍ତି। ମାମଲାର ଶୁଣାଣି କରି ବିଦ୍ୟାଳୟ ଓ ଗଣଶିକ୍ଷା ସଚିବ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ, ଗଣିଆସ୍ଥିତ ଶ୍ରୀ ଶ୍ରୀ ରଘୁନାଥଜୀଉ ଉଚ୍ଚ ମାଧ୍ୟମିକ ସ୍କୁଲର ପରିଚାଳନା ପରିଷଦ ସଭାପତି ତଥା ନୟାଗଡ଼ ଉପ ଜିଲ୍ଲାପାଳଙ୍କୁ ହାଇକୋର୍ଟ ନୋଟିସ୍ ଜାରି କରିଛନ୍ତି। ଏଥିସହ ପରବର୍ତ୍ତୀ ଶୁଣାଣି ପୂର୍ବରୁ ସତ୍ୟପାଠ ମାଧ୍ୟମରେ ଜବାବ ଦାଖଲ କରିବାକୁ ପ୍ରତିପକ୍ଷଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ମାମଲାରୁ ପ୍ରକାଶ ଯେ ୨୦୦୭, ମାର୍ଚ୍ଚ ୨୦ର ବିଜ୍ଞପ୍ତି ଅଧାରରେ ଅନୁଷ୍ଠିତ ନିଯୁକ୍ତି ପ୍ରକ୍ରିୟାରେ ଚୟନ ପରେ ୨୦୦୭ଏପ୍ରିଲ ୩୦ରେ ଆବେଦନକାରୀ ଓଡ଼ିଆ ଅଧ୍ୟାପକ ଭାବେ କାର୍ଯ୍ୟରେ ଯୋଗ ଦେଇଥିଲେ। ଅନୁଷ୍ଠାନର ପରିଚାଳନା ପରିଷଦ ତାଙ୍କ ନିଯୁକ୍ତିକୁ ଅନୁମୋଦନ କରିଥିଲା। ପରବର୍ତ୍ତୀ ସମୟରେ ଓଡ଼ିଆ ଅଧ୍ୟାପକ ଭାବେ ଆବେଦନକାରୀଙ୍କୁ ବ୍ଲକ ଗ୍ରାଣ୍ଟ ପ୍ରଦାନ ପାଇଁ ଅଧ୍ୟକ୍ଷଙ୍କ ତରଫରୁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିଲା । ବ୍ଲକ ଗ୍ରାଣ୍ଟ ପ୍ରଦାନ ପ୍ରସଂଗ ସରକାରଙ୍କ ନିକଟରେ ବିଚାରାଧୀନ ଥିବା ବେଳେ ଆବେଦନକାରୀଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଥିଲା। ୨୦୨୫, ମାର୍ଚ୍ଚ ୩୧ ତାଙ୍କ ଶେଷ କାର୍ଯ୍ୟଦିବସ ବୋଲି ୨୦୨୪, ମାର୍ଚ୍ଚ ୧୮ରେ ଅଧକ୍ଷ ଜାରି କରିଥିବା ନିର୍ଦ୍ଦେଶରେ ଉଲ୍ଲେଖ କରାଯାଇଥିଲା। ବିନା କାରଣରେ ତାଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଥିବା ଦର୍ଶାଇ ହାଇକୋର୍ଟରେ ଏହି ମାମଲା ଦାୟର ହୋଇଛି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଡକ୍ଟର ପୁରୁଷୋତ୍ତମ ଚୁଳି ମାମଲା ପରିଚାଳନା କରୁଛନ୍ତି ।

# ବଢ଼ିଲା ତତ୍କାଳୀନ ଜିଲ୍ଲାପାଳ ମନୀଷଙ୍କ ଅଡୁଆ

**କଟକ, ନ୍ୟୁଜ ବ୍ୟୁରୋ**

ବ୍ୟକ୍ତିଗତ ସହାୟକ ଆତ୍ମହତ୍ୟା ମାମଲାରେ ମାଲକାନଗିରିର ତତ୍କାଳୀନ ଜିଲାପାଳ ମନୀଷ ଅଗ୍ରୱାଲଙ୍କ ଆଗୁଆ ଜାମିନ୍ ଆବେଦନକୁ ହାଇକୋର୍ଟ ଖାରଜ କରି ଦେଇଛନ୍ତି । ଏହି ଜାମିନ ଆବେଦନ ଖାରଜ ହୋଇଯିବା ଫଳରେ ମନୀଷ ଅଗ୍ରୱାଲଙ୍କ ଗିରଫଦାରୀ ଆଶଙ୍କା ବଢ଼ିଛି। ମନୀଷ ଅଗ୍ରୱାଲଙ୍କ ସମେତ ତାଙ୍କର ଅନ୍ୟ ଦୁଇ ସହଯୋଗୀ ତଥା ଡାଟା ଏଣ୍ଟ୍ରି ଅପରେଟର ଭି. ବେଣୁଗୋପାଳ ଏବଂ ବ୍ୟକ୍ତିଗତ ସହାୟକ ପ୍ରକାଶ ଚନ୍ଦ୍ର ସ୍ୱାଇଁ ଙ୍କର ମଧ୍ୟ ଆଗୁଆ ଜାମିନ୍ ଆବେଦନକୁ ହାଇକୋର୍ଟ ଖାରଜ କରି ଦେଇଛନ୍ତି। ଏହି ମାମଲାରେ ଅନ୍ୟ ଜଣେ ଅଭିଯୁକ୍ତ ଭଗବାନ ପାଣିଗ୍ରାହୀ (ଷ୍ଟେନୋଗ୍ରାଫର) ମଧ୍ୟ ଆଗୁଆ ଜାମିନ ଆବେଦନ କରି ହାଇକୋର୍ଟକୁ ଆସିଥିଲେ। ତାଙ୍କୁ ୬୫ ବର୍ଷ ହୋଇଥିଲାବେଳେ ସେ କ୍ୟାନସରରେ ଆକ୍ରାନ୍ତ ଏବଂ ତାଙ୍କ ପତ୍ନୀ ମାନସିକ ରୋଗରେ ପୀଡ଼ିତ ବୋଲି ଅଦାଲତଙ୍କୁ ଅବଗତ କରିଥିଲେ।

## ମାଟିକାନ୍ଥ ଓ ଭଙ୍ଗା କୁଡିଆ ଘରେ କଟୁଛି ସୁରେନ୍ଦ୍ରଙ୍କ ଜୀବନ

# ମୋ କୁଡିଆ କିମ୍ବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଞ୍ଚିତ

**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାରେ ବଡ ବଡ ଅଟ୍ଟାଳିକା ଥିଲାବାଲା ଓ ପଇସାବାଲା ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ମୋ କୁଡିଆ ହାତୋଉଥିବାବେଳେ ଗରିବ ଅସହାୟ ଦରିଦ୍ର ଲୋକଙ୍କ ପାଇଁ ଯୋଜନା କାମରେ ଆସୁନଥିବା କିମ୍ବା ସୁଫଳ ମିଳୁନଥିବା ଦୈନିକ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହେଉଛି। ଅଭିଯୋଗରୁ ପ୍ରକାଶ ଯେ କେନ୍ଦ୍ରାପଡା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତର ଦୁତିଆଳ ଗ୍ରାମର ସୁରେନ୍ଦ୍ର ସାହୁ ଏକମାତ୍ର ରୋଜଗାର କ୍ଷମ ବୃଦ୍ଧ ଲୋକ। ଦୀର୍ଘ ୪୦ ବର୍ଷ ହେଲା ସେ ମାଟି କାନ୍ଥ, ଛିଣ୍ଡା ପାଲ ଓ ଜରି ଘୋଡାଇ ନିଜ କୁଡିଆଘରେ ଜୀବନ କାଟୁଛନ୍ତି। ଏ ନେଇ ସୁରେନ୍ଦ୍ର ସରପଞ୍ଚଙ୍କଠାରୁ ଆରମ୍ଭ କରି ବ୍ଲକ ଅଧକ୍ଷ, କେନ୍ଦ୍ରାପଡା ବିଡିଓ ଓ ଜିଲ୍ଲାପାଳଙ୍କୁ ଜଣାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ତାଙ୍କୁ ଖଣ୍ଡିଏ ମୋ କୁଡିଆ କିମ୍ବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଖଣ୍ଡିଏ ମିଳୁନାହିଁ। ଯାହାଫଳରେ ସେ ଭଙ୍ଗାଘରେ ଜୀବନ କାଟୁଛନ୍ତି। ତୁରନ୍ତ ତାଙ୍କୁ ମୋ କୁଡିଆ କିମ୍ବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଯୋଗାଇଦେବା ପାଇଁ ସେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି।



## କେନ୍ଦୁଝର ସିଟିଜେନ ଫୋରମର ବାର୍ଷିକ ପଞ୍ଜିକରଣ ଦିବସ

# ମୋହନ ସରକାର ଓ କେନ୍ଦୁଝରବାସୀଙ୍କ ମିଳିତ ସହଯୋଗରେ ହେବ କେନ୍ଦୁଝରର ବିକାଶ

**କେନ୍ଦୁଝର, ନ୍ୟୁଜ**

କେନ୍ଦୁଝର ସିଟିଜେନ ଫୋରମର ବାର୍ଷିକ ପଞ୍ଜିକରଣ ଦିବସ ସ୍ଥାନୀୟ ରୋଟାରୀ କ୍ଲବ ସଭାଗୃହରେ ପାଳିତ ହୋଇଯାଇଛି। ଫୋରମର ଉପସଭାପତି ତଥା ବରିଷ୍ଠ ଅଧିବକ୍ତା ଦୟାନିଧି ମାହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଅଧିବକ୍ତା ତଥା ଫୋରମର ବରିଷ୍ଠ ସଦସ୍ୟ ଅଶ୍ୱିନୀ କୁମାର ପଟ୍ଟନାୟକ, ସମ୍ପାଦକ ସତ୍ୟ ରଞ୍ଜନ ସାମଲ ଓ ବରିଷ୍ଠ ଗାନ୍ଧିବାଦୀ କର୍ମୀ ତଥା ଆବାହକ ଭକ୍ତବତ୍ସଳ ମହାନ୍ତି ମଞ୍ଚାସୀନ ରହିଥିଲେ। କେନ୍ଦୁଝରର ଅଧିଷ୍ଠାତ୍ରୀ ଦେବୀ ମାଆ ତାରିଣୀଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ, ପ୍ରଦ୍ୱୀପ ପ୍ରଜ୍ୱଳନ କରିବା ପରେ ସଭା ଆରମ୍ଭ କରାଯାଇଥିଲା। ରାଷ୍ଟ୍ରୀୟ ସଙ୍ଗୀତ ଗ୍ଧାନ କରିବା ପରେ ବିଗତ ଦିନରେ କେନ୍ଦୁଝର ସିଟିଜେନ ଫୋରମର ଦିବଙ୍ଗତ ସଦସ୍ୟମାନଙ୍କ ଉଦ୍ଦେଶ୍ୟରେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ପରେ କେନ୍ଦୁଝର ସିଟିଜେନ ଫୋରମର ସମ୍ପାଦକ ସତ୍ୟ ରଞ୍ଜନ ସାମଲ ଫୋରମର ବାର୍ଷିକ ବିବରଣୀ ପାଠ କରିବା ସହିତ ଏହାର ଆଭିମୁଖ୍ୟ ବିଷୟରେ ବକ୍ତବ୍ୟ ରଖିଥିଲେ। କେନ୍ଦୁଝର ସିଟିଜେନ ଫୋରମର ପ୍ରଚେଷ୍ଟାରେ ଓଏସଏମଇ, ଡିଗ୍ରୀ ଇଂଜିନିୟରିଙ୍ଗ କଲେଜ, ଟେଲିଫୋନ ଜିଲା, ଜାତୀୟ ରାଜପଥ ପ୍ରଶାସ୍ତିକରଣ ଆଦି କାର୍ଯ୍ୟ ସଫଳତା ଲାଭ କରିଥିଲା। ୨୦୦୩ ମସିହା ଏପ୍ରିଲ ମାସର ୨୬ ତାରିଖରେ ଏହି ଫୋରମ ବିଧିବଦ୍ଧ ଭାବେ ପଞ୍ଜିକୃତ ହୋଇଥିଲେ ମଧ୍ୟ ଏହାର ଯଥେଷ୍ଟ ପୂର୍ବରୁ କେନ୍ଦୁଝରର ବିକାଶ ପାଇଁ କାର୍ଯ୍ୟ କରିଥିଲା। କେନ୍ଦୁଝରରେ କେନ୍ଦ୍ରୀୟ ବିଦ୍ୟାଳୟ, କାନପୁର ବୃହତ ଜଳସେଚନ ପ୍ରକଳ୍ପ, ରେଳ ପ୍ରକଳ୍ପ, ବିଶ୍ୱ ବିଦ୍ୟାଳୟ, ମେଡିକାଲ କଲେଜ, ଏନସିସି, କର୍ମଚାରୀ ଭାବିଶ୍ୟାନିଧି କାର୍ଯ୍ୟାଳୟ, ପ୍ରଭୃତି କେନ୍ଦୁଝର ସିଟିଜେନ ଫୋରମର ପ୍ରଚେଷ୍ଟାରେ ହୋଇପାରିଛି ବୋଲି ସେ ମତବ୍ୟକ୍ତ




କରିଥିଲେ। ଫୋରମର ଏକ ପାଞ୍ଚ ଜଣିଆପ୍ରତିନିଧି ମଣ୍ଡଳ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଜାନୁଆରୀ ୨୨ ତାରିଖରେ ଭେଟି ଏକ ନଅ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରି ଆଲୋଚନା କରିଥିଲା। ଧରଣୀଧର ବିଶ୍ୱବିଦ୍ୟାଳୟ, ବିଲାତି ଓଡ଼ିଶାର ପୁନରୁଦ୍ଧାର, କେନ୍ଦୁଝର ସହରାଞ୍ଚଳ ମାଷ୍ଟରପ୍ଲାନ, ଭୀମକୁଣ୍ଡ ଠାରେ ଜଳବିଦ୍ୟୁତ ପ୍ରକଳ୍ପ ନିର୍ମାଣ, ଧରଣୀଧର ମେଡିକାଲ କଲେଜକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ବିଷୟରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବରିଷ୍ଠ ଅଧିବକ୍ତା ଅଶ୍ୱିନୀ କୁମାର ପଟ୍ଟନାୟକ କେନ୍ଦୁଝରର ସର୍ବାଙ୍ଗୀନ ବିକାଶରେ କେନ୍ଦୁଝର ସିଟିଜେନ ଫୋରମର ଆଗାମୀ ଦିନର କାର୍ଯ୍ୟପନ୍ଥା ଓ ଜିଲ୍ଲାର ସବୁ ଅଞ୍ଚଳର ବିକାଶରେ ନାଗରିକଙ୍କ ଯୋଗଦାନ ବିଷୟରେ କହିଥିଲେ। ଆମ ମାଟିର ପୁଅ ରାଜ୍ୟର ମୁଖ୍ୟମନ୍ତ୍ରୀ ଥିବା ଯୋଗୁ କେନ୍ଦୁଝର ପାଇଁ ସୁବର୍ଣ୍ଣ ସୁଯୋଗର ଉନ୍ନତି କରାଇବା ପାଇଁ କେନ୍ଦୁଝର ସିଟିଜେନ ଫୋରମକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସେ କେନ୍ଦୁଝରର ବିକାଶ ପାଇଁ କେନ୍ଦୁଝରିଆଙ୍କ ବିଭିନ୍ନ ସଂଗ୍ରାମର ଇତିହାସ ବିଷୟରେ ଉପସ୍ଥିତ ବୁଦ୍ଧିଜୀବିଙ୍କୁ ଅବଗତ କରିଥିଲେ। କେନ୍ଦୁଝରର ସ୍ଥାନୀୟ ବାସିନ୍ଦାଙ୍କ ଆର୍ଥିକ ସ୍ୱଚ୍ଛଳତା ପାଇଁ ସରକାରଙ୍କ ପଦକ୍ଷେପକୁ ସେ ପ୍ରସଂଶା କରିବା ସହିତ ଜନସାଧାରଣ ଏଥିରେ ସହଯୋଗ କରିବା ତଥା ଏହି ସମୟର ଲାଭ ଉଠାଇବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବରିଷ୍ଠ ଗାନ୍ଧିବାଦୀ କର୍ମୀ ତଥା କେନ୍ଦୁଝର ସିଟିଜେନ ଫୋରମ ର ସଦସ୍ୟ ଭକ୍ତବତ୍ସଳ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିବା ସହିତ ଜିଲାର ଚାରିଟି ପୋ?ରାଞ୍ଚଳ ଓ ପ୍ରତ୍ୟେକ ଗ୍ରାମରୁ ଜିଲା ପର୍ଯ୍ୟନ୍ତର ସର୍ବାଙ୍ଗୀନ ବିକାଶ ପାଇଁ କେନ୍ଦୁଝର ସିଟିଜେନ ଫୋରମର ଭିଜନ ପେପର ବିଷୟରେ କହିଥିଲେ। ବରିଷ୍ଠ ଅଭିବକ୍ତା ଦୟାନିଧି ମହାନ୍ତ ନିଜର ସଭାପତି ଅଭିଭାଷଣ ପ୍ରଦାନ ଅବସରରେ ଧରଣୀଧର ବିଶ୍ୱବିଦ୍ୟାଳୟ ଓ ଡିଡି ସ୍ୱୟଂଶାସିତ ମହାବିଦ୍ୟାଳୟକୁ ଅଲଗା କରିବା ବିଷୟରେ ମତ ଦେଇଥିଲେ। କେନ୍ଦୁଝରର ବିକାଶରେ ସମସ୍ତ କେନ୍ଦୁଝରବାସୀ ଏକ ହୋଇ କାର୍ଯ୍ୟ କରିବା ପାଇଁ କହିଥିଲେ। କେନ୍ଦୁଝରର ପ୍ରାକ୍ତନ ଅଧକ୍ଷ ତଥା ବୁଦ୍ଧିଜୀବି ଡକ୍ଟର କ୍ଷୀରୋଦ ଚନ୍ଦ୍ର ମିଶ୍ର, ବଳଭଦ୍ର ମହାନ୍ତ, ପ୍ରମୁଖ ସଭାରେ ନିଜର ଗଠନମୂଳକ ମତାମତ ପ୍ରଦାନ କରିଥିଲେ। ଫୋରମର କୋର କମିଟି ସଦସ୍ୟ ତଥା ବରିଷ୍ଠ ଅଧିବକ୍ତା ଅମୂଲ୍ୟ କୁମାର ସାମଲ କେନ୍ଦୁଝର ସିଟିଜେନ ଫୋରମର ବଳିଷ୍ଠ ସହଯୋଗ ଓ ଯୋଗଦାନ ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦୁଝରର ସାଂସଦ ଅନନ୍ତ ନାୟକ, ମଞ୍ଚାସିନ ଅତିଥି ଓ ଉପସ୍ଥିତ ସଦସ୍ୟଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୁଗ୍ମ ସମ୍ପାଦକ ଦିଲ୍ଲୀପ କୁମାର ସାହୁ, ଉପଦେଷ୍ଟା ହରମୋହନ ପଟ୍ଟନାୟକ, କୋଷାଧକ୍ଷ ପ୍ରଫୁଲ୍ଲ କୁମାର ସାହୁ, ବରିଷ୍ଠ କାର୍ଯ୍ୟକାରିଣୀ ସତ୍ୟଜିତ ସାମନ୍ତରାୟ, ଅଜୟ କୁମାର ବେଜ, ସୁଧୀର କୁମାର ନନ୍ଦ, ବରିଷ୍ଠ ସାମ୍ବାଦିକ ଦେବାଶିଷ ମିଶ୍ର, ବିଜୟ ମିଶ୍ର, ସିଦ୍ଧେଶ୍ୱର ସାହୁ, ଜୁବୁଲି ମିଶ୍ର, ପ୍ରମୁଖ ଯୋଗଦେଇ ଥିଲେ।

# ସହରରେ ବେନିୟମ ଭାବେ ଚାଲିଛି ଗୃହପାଳିତ ପଶୁପକ୍ଷୀଙ୍କ କାରବାର

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**

ଏଣିକି ମନଇଚ୍ଛା ପଶୁପକ୍ଷୀଙ୍କ କିଣାବିକା ହୋଇପାରିବ ନାହିଁ। ଏଥିପାଇଁ କେନ୍ଦ୍ର ସରକାରଙ୍କ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ନୂତନ ନୀତିନିୟମ ଲାଗୁ କରାଯାଇଛି । ସହରାଞ୍ଚଳରେ ପେଟ୍ ହାଉସ୍ ବା ଗୃହପାଳିତ ପଶୁପକ୍ଷୀଙ୍କ ବିକ୍ରିବଟା ପାଇଁ ଦୋକାନ ଖୋଲାଯାଉଛି । ଏହି ସଂଖ୍ୟା ଦିନକୁ ଦିନ ବଢ଼ିବା ସହିତ ଏହା ମାଧ୍ୟମରେ ବିଭିନ୍ନ ବିଦେଶୀ ଓ ବିରଳ ପ୍ରଜାତିର ପଶୁପକ୍ଷୀଙ୍କର ମଧ୍ୟ କିଣାବିକା କରାଯାଉଛି । ତେବେ ନୂତନ ଆଇନ୍ ଅନୁଯାୟୀ ଏସବୁ ଉପରେ କଟକଣା ଜାରି କରାଯାଇଛି । କେବଳ ଗୃହପାଳିତ ପଶୁପକ୍ଷୀଙ୍କ କାରବାର ନେଇ ନୁହେଁ ବରଂ ଘରେ ପୋଶିଥିବା ପଶୁପକ୍ଷୀଙ୍କ ତାଲିକା ଓ ସେ ସମ୍ପର୍କିତ ତଥ୍ୟ ମଧ୍ୟ ପ୍ରଦାନ କରିବାକୁ ହେବ । ଘରେ ଏଭଳି ବିଭିନ୍ନ ପ୍ରଜାତିର ପଶୁପଡକ୍ଷୀଙ୍କୁ ରଖିବା ପାଇଁ ମଧ୍ୟ ବନ ବିଭାଗ ନିକଟରେ ପଞ୍ଜିକରଣ କରିବାକୁ ହେବ। ଏଥିପାଇଁ ଅନ୍‌ଲାଇନ୍ ମାଧ୍ୟମରେ ସ୍ୱତନ୍ତ୍ର ପୋର୍ଟାଲ୍‌ରେ ଆବେଦନ କରି ଏକ ହଜାର ଟଙ୍କାର ଦେୟ ଦେବାକୁ ହେବ ।



ବ୍ରହ୍ମପୁର ସହରରେ ପ୍ରାୟ ୨୫ରୁ ୩୦ ପେଟ୍ ସପ୍ ଥିବା ବେଳେ ସେଥି ମଧ୍ୟରୁ ଅଧିକାଂଶ ବ୍ୟବସାୟୀମାନଙ୍କର ଦୋକାନ ପଞ୍ଜିକରଣ ହୋଇନାହିଁ କିମ୍ବା ସେମାନଙ୍କର ଟ୍ରେଡ୍ ଲାଇସେନ୍ସ ମଧ୍ୟ ନଥିବା ଜଣାପଡ଼ିଛି। ସବୁଠାରୁ ବଡ଼କଥା ହେଲା ଏଭଳି ଦୋକାନ ଗୁଡ଼ିକ ସମ୍ପର୍କରେ ଖୋଦ୍ ବନବିଭାଗ ନିକଟରେ କୌଣସି ତଥ୍ୟ ନାହିଁ । ବିଭିନ୍ନ ସମୟରେ କିଛି ଅଭିଯୋଗ ଆସିଲେ ଲୋକଦେଖାଣିଆ ଭାବେ ଚଢ଼ାଉ କରାଯାଉଥିଲା। ତେବେ ବର୍ତ୍ତମାନ ନିୟମରେ ପରିବର୍ତ୍ତନ ହେବା ସହିତ ପଞ୍ଜିକରଣ ବାଧ୍ୟତାମୂଳକ ହେବାପରେ ପ୍ରଥମ ଥର ପାଇଁ ବ୍ରହ୍ମପୁର ବନଖଣ୍ଡ ପକ୍ଷରୁ ପେଟ୍ ସପ୍ ମାଲିକମାନଙ୍କୁ ନେଇ ଏକ ସଚେତନତା କର୍ମଶାଳାର ଆୟୋଜନ କରାଯାଇଛି । ଡ଼ିଏଫ୍‌ଓ ସୋନି ଖୋରରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ବିଭାଗ ପକ୍ଷରୁ ଚିହ୍ନଟ ସହରର ମୋଟ ୯ଟି ପେଟ୍ ସପ୍ ମାଲିକଙ୍କୁ ଡ଼କାଯାଇଥିବା ବେଳେ ସେଥି ମଧ୍ୟରୁ କାହାରି ପଞ୍ଜିକୃତ ହୋଇନଥିବା ବେଳେ ୩ ଜଣଙ୍କର ଟ୍ରେଡ୍ ଲାଇସେନ୍ସ ଥିବା ଜଣାପଡ଼ିଥିଲା । ତୁରନ୍ତ ସମସ୍ତ ମାଲିକଙ୍କୁ ପୋର୍ଟାଲ୍ ମାଧ୍ୟମରେ ପଞ୍ଜିକରଣ କରିବାକୁ ପରାମର୍ଶ ଦିଆଯାଇଥିଲା । ସେହିଭଳି ନିଜ ନିଜ ନିକଟରେ ଥିବା ଏପରିକି ନିଜ ଘରେ ଯେକେହି ବ୍ୟକ୍ତି ରଖିଥିବା ପଶୁପକ୍ଷୀଙ୍କ ସମ୍ପର୍କରେ ସମସ୍ତ ତଥ୍ୟ ପ୍ରଦାନ କରି ସେଗୁଡ଼ିକର ପଞ୍ଜିକରଣ କରିବା ବାଧ୍ୟତାମୂଳକ ବୋଲି କୁହାଯାଇଥିଲା । ଏଭଳି କର୍ମଶାଳାର ଆବଶ୍ୟକତା ଥିଲା ଓ ବେଶ୍ ଉପାଦେୟ ବୋଲି ମତ ପ୍ରକାଶ କରିଛନ୍ତି ପେଟ୍ ସପ୍ ମାଲିକମାନେ । ଏହା ଦ୍ୱାରା ପଶୁପକ୍ଷୀଙ୍କ କାରବାର କରୁଥିବା ବ୍ୟକ୍ତି ଓ ସଂସ୍ଥାକୁ ଚିହ୍ନଟ ସହିତ ବିଦେଶୀ ଓ ବିରଳ ପ୍ରଜାତିର ପଶୁପକ୍ଷୀଙ୍କ କାରବାରକୁ ରୋକିବା ସମ୍ଭବପର ବୋଲି ମତ ପ୍ରକାଶ ପାଇଛି । ଏହି କର୍ମଶାଳାରେ ଅନ୍ୟମାନଙ୍କ ମଧ୍ୟରେ ସହକାରୀ ବନ ସଂରକ୍ଷକ ସସ୍ମିତା ବିଶ୍ୱାଳ, ଭାରପ୍ରାପ୍ତ ସହକାରୀ ବନ ସଂରକ୍ଷକ ମାଣିକେଶ୍ୱରୀ ହାଂସଦା, ସାମନ୍ତିଆପଲ୍ଲୀ ସହକାରୀ ବନ ସଂରକ୍ଷକ ମନୋଜ ପାତ୍ର ଓ ଦିଗପହଣ୍ଡି ବନପାଳ ଦିବ୍ୟରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତଥିଲେ ।

# ଅନ୍ଧାରରେ ରମ୍ଭାର ପ୍ରବେଶ ପଥ : ପଥଚାରୀ ହନ୍ତସନ୍ତ

**ରମ୍ଭା, ନ୍ୟୁଜ ବ୍ୟୁରୋ**

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଏନ୍ତୁଡ଼ିଶାଳ ରମ୍ଭା ସହର। ଐତିହାସିକ ତଥା ଓଡ଼ିଶା ମାନଚିତ୍ରରେ ରମ୍ଭା ଏକ ପ୍ରମୁଖ ସ୍ଥାନ ବିବେଚିତ ହୋଇଥିଲା। କିନ୍ତୁ ଓଡିଆ ଭାଷା, ଓଡ଼ିଆ ଜାତି ଓ ଓଡ଼ିଆ ଅସ୍ମିତା ପାଇଁ ରମ୍ଭା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ଗଠନର ସ୍ମାରକୀ ବହନ କରୁଥିବା ବେଳେ ଦକ୍ଷିଣ ପ୍ରବେଶ ପଥରେ ଇଂରାଜୀରେ ସ୍ୱାଗତମ୍ ଲେଖାଯିବା ସତରେ ପୂର୍ବସୂରି ମାନଙ୍କ ପାଇଁ ଅସହ୍ୟ ଅପମାନ ଖାଲି ନୁହେଁ ବରଂ ବାସିନ୍ଦାଙ୍କ ପାଇଁ ଲଜ୍ଜିତ ପରି ମନେ ହୁଏ। ୧୬ନଂ ଜାତୀୟ ରାଜପଥ ସହ ସଲଗ୍ନ ଏନ୍.ଏଚ-୫ ରମ୍ଭା ସହର ଦକ୍ଷିଣ ପ୍ରବେଶ ପଥ ଲମ୍ବିଥିବା ତଥା ପାର୍ଶ୍ୱସ୍ତ ବିଜୁଳି ଲାଇଟ ଜଳୁ ନଥିବା ଅଭିଯୋଗ ହୋଇଛି। ସଂଧ୍ୟା ନଇଁଲେ ବାଟୋଇ, ପଥଚାରୀ, ଆରୋହୀ ଙ୍କ ପାଇଁ ସମସ୍ୟା ସୃଷ୍ଟି ହେଉଛି। ଅନ୍ୟପକ୍ଷରେ ଦୈନିକ ସଂନ୍ଧ୍ୟାରେ ନିକଟସ୍ତ ଗ୍ରାମ ଗୁଡ଼ିକ ଉପରୋକ୍ତ ବଜାରରେ ନିର୍ଭର କରନ୍ତି। ତତ୍‌ସହିତ ଶତାଧିକ ଛାତ୍ରଛାତ୍ରୀ ଶିକ୍ଷାନୁଷ୍ଠାନ ଓ ଟିଉସନ୍ ଯାତାୟାତ




କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦିର୍ଘଦିନ ଏପରି ସମସ୍ୟା ଲାଗିରହିଥିଲେ ମଧ୍ୟ ସ୍ଥାନୀୟ ପ୍ରଶାସନ ପକ୍ଷରୁ ବିଦ୍ୟୁତ ଗୁଡ଼ିକୁ ସଜାଡ଼ିବା କୌଣସି ତତ୍ପରତା ଦେଖିବାକୁ ମିଳୁନାହିଁ। ବ୍ରହ୍ମପୁର ପଟରୁ ଆସୁଥିବା ରମ୍ଭା ସହର ଅଭିମୁଖେ ଇଂରାଜୀରେ ସ୍ୱାଗତମ୍ ତୋରଣ ଟିକୁ ଦେଖିବା ପରେ ଅନ୍ଧାରୀ ଇଲାକାରେ ପ୍ରବେଶ କରିବାକୁ ପଡୁଛି । ଏନେଇ ଅଭିଯୋଗ ହେଉଥିଲେ ହେଁ ବିଭାଗୀୟ କର୍ତ୍ତୃପକ୍ଷ ଙ୍କ ହେୟ ଜ୍ଞାନ, ଉଦାସୀନ, ଅଦୁର ଦର୍ଶିତା ମନୋଭାବ ଯୋଗୁଁ କୌଣସି ସୁଫଳ ମିଳି ନ ଥିବାରୁ ଲୋକଙ୍କ ମଧ୍ୟରେ ଆଲୋଚନା ପର୍ଯ୍ୟାଲୋଚନା ହେଉଛି। ପ୍ରଶାସନ ରାସ୍ତା ପାର୍ଶ୍ୱ ଅକାମୀ ବିଜୁଳିବତୀ ଗୁଡ଼ିକୁ ସଜାଡ଼ିବା ଓ ଆଗକୁ ଦକ୍ଷିଣ ଓଡ଼ିଶାର ଚନ୍ଦନ ଯାତ୍ରା ଆସୁଥିବା ବେଳେ ସାମାନ୍ୟ କାମଟିକୁ ସଂପୃକ୍ତ କର୍ତ୍ତୃପକ୍ଷ ତତ୍ପରତା ପ୍ରକାଶ କରିବା ସାଧାରଣ ରେ ଦାବି ହେଉଛି। କାଳ ବିଳମ୍ବ ନ କରି ତୁରନ୍ତ ଏ ଦିଗରେ ଦୃଷ୍ଟି ଦେବାକୁ ମତ ପ୍ରକାଶ ପାଇଛି। ବିଶେଷ କରି ବ୍ୟବସାୟ ପ୍ରତିଷ୍ଠାନ, ସରକାରୀ ଓ ବେସରକାରୀ, ଅନୁଷ୍ଠାନ, ନିମନ୍ତ୍ରଣ କାର୍ଡ ନାମ ଫଳକ ଓଡ଼ିଆ ଭାଷାରେ ଲେଖା ଗଲେ ଐତିହସିକ ରମ୍ଭା ସହର ସ୍ଥାନର ମାନ ବୃଦ୍ଧି ହୁଅନ୍ତା।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୮।୪।୨୦୨୫, ବୈଶାଖ ଦ୧୬ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୫।୨୦।୩୦** **ଚନ୍ଦ୍ରୋଦୟ- ନାସ୍ତି**

**ପ୍ରତିପଦ-** ରାଘ ୯।୧୧ ପର୍ଯ୍ୟନ୍ତ । **ଦ୍ୱିଜା ନକ୍ଷତ୍ର-** ରାଘ ୯।୩୮ ପର୍ଯ୍ୟନ୍ତ । **ମେଷ ଚନ୍ଦ୍ର-** ରାଘ ୨।୫୩ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, ତୁଳା, ବିଛା, ମକର ଓ କୁମ୍ଭ ରାଶିର । ରାଘ ୨।୫୩ ପରେ ମେଷ, ବୃଷ, କର୍କଟ, ସିଂହ, କନ୍ୟା, ଧନୁ ଓ ମକର ରାଶିର । **ଘାତ ଚନ୍ଦ୍ର-** ମେଷ ରାଶିର । ରାଘ ୨।୫୩ ଗତେ ବିଛା ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ପ୍ରତିପଦର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ପାଣି କଖାରୁ ରାଘ ୯।୧୧ ଗତେ ବୋଇତି କଖାରୁ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୨୧ ଗତେ ଘ ୬।୫୮ ମଧ୍ୟେ । ଦିଘ ୧୦।୨୮ ଗତେ ଘ ୧୨।୫୯ ମଧ୍ୟେ । **ପର୍ବୋତ୍ସବ-** ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ, ଓକିଲ ଦିବସ ।



**ମେଷ:** ସତ କଥା କହି ନିଜର ଲୋକଙ୍କ ପାଖରେ ବିରୋଧି ହୋଇପାରନ୍ତି। ନିଜର ଅନିଚ୍ଛା ସତ୍ତ୍ୱେ ହଠାତ୍ ଦୂରକୁ ଯାତ୍ରା କରିବାକୁ ପଡିପାରେ। ରୋଜଗାର ସ୍ଥିର ରହିବ। ଘରେ ଆନନ୍ଦ ଦେଖାଦେବ।



**ବୃଷ:** ଦୁଃସାଧ୍ୟ କାର୍ଯ୍ୟ କରି ସହଯୋଗ ଲାଭ କରିବେ। ଆୟ ଓ ବ୍ୟୟ ସମାନ ରହିବ।, ବନ୍ଧୁଙ୍କ ସହଯୋଗ ଲାଭ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ମାଲିମୋକଦମାରେ ଶୁଣାଣି ବିଳମ୍ବ ହୋଇପାରେ।



**ମିଥୁନ:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଯାନବାହାନ ଚାଳନାରେ ସାମାନ୍ୟ ସତର୍କତା ଅବଲମ୍ବନୀୟ । ଦେହ ଓ ମନ ଭଲ ରହିବ। ଆୟର ପରିମାଣ ବଢିପାରେ। ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ।



**କର୍କଟ:** ଆଜି ଆପଣଙ୍କର ଦେବ ଦର୍ଶନ ସହିତ ଦେବା ପୂଜାର ସୁଯୋଗ ଜୁଟିବ। ଗୁରୁଜନଙ୍କ ଆଶୀର୍ବାଦ ଲାଭ କରିବେ। ମୂଲ୍ୟବାନ ଦ୍ରବ୍ୟ ମଧ୍ୟ ଲାଭ କରିପାରନ୍ତି। ଦେହ ଓ ମନ ଭଲ ରହିବ। ରୋଜଗାର ଭଲ ହେବ।



**ସିଂହ:** କାର୍ଯ୍ୟକ୍ଷେତ୍ରରେ ସାମାନ୍ୟ ବିଳମ୍ବ ଦେଖାଦେବ। ମାନସିକ ଦୁଶ୍ଚିନ୍ତା ମନକୁ ଭାରାକ୍ରାନ୍ତ କରିବ। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ପରିବାରରେ ପିଲାଙ୍କ ପାଇଁ ଚିନ୍ତିତ ହୋଇପାରନ୍ତି।



**କନ୍ୟା:** ଅଣ୍ଟି ଛୁରୀ ତଣ୍ଟି କାଟିଲା ପରି ଆପଣାର ଲୋକ ବିଶ୍ୱାସଘାତକ କରିପାରନ୍ତି। ରୋଜଗାର ମଧ୍ୟ ହେବ। ବେପାର ବାଣିଜ୍ୟ କ୍ଷେତ୍ରରେ ମଧ୍ୟମ ଫଳ ପାଇବେ। ଘରେ କଳହ ଓ ଅଶାନ୍ତି ଦେଖାଦେବ।



**ତୁଳା:** ବ୍ୟବସାୟରେ ଲାଭବାନ ହେବେ। ଦେହ ଓ ମନ ଭଲ ରହିବ। ଘରେ ଆନନ୍ଦ ଦେଖାଦେବ। ବନ୍ଧୁ ଦର୍ଶନ ସହିତ ସାହାର୍ଯ୍ୟ ସହଯୋଗ ମଧ୍ୟ ପ୍ରାପ୍ତ ହେବ। ଆୟରେ ଉନ୍ନତି।



**ବିଛା:** ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବ। କାମ ନିମନ୍ତେ ଦୂରକୁ ଯାତ୍ରା କରିପାରନ୍ତି। ଘରେ ସୁଖ ଶାନ୍ତି ରହିବ। ଉତ୍ତମ ଭୋଜନ କରିପାରନ୍ତି। ପୁରାତନ ବନ୍ଧୁଙ୍କ ସହ ଭେଟ ହୋଇପାରେ।



**ଧନୁ:** ହଠାତ୍ କୌଣସି ଖବର ପାଇ ଆସଦିତି ହେବେ। ଦେବ ଦର୍ଶନ ସହିତ ଧର୍ମ କାର୍ଯ୍ୟରେ ମନ ଦେବେ। ପାରିବାରିକ ଜୀବନ ଶାନ୍ତିମୟ ହେବ। ରୋଜଗାର ଭଲ ହେବ।



**ମକର:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହେବ। ଦିନଟି ଆପଣଙ୍କ ନିମନ୍ତେ ସମସ୍ୟା ବହୁଳ ହେବ। ଆୟ ଓ ବ୍ୟୟ ସମାନ ରହିବ। ଘରେ ଦୁଶ୍ଚିନ୍ତା ଦେଖାଦେବ। ମନ ଅସ୍ଥିର ରହିବ।



**କୁମ୍ଭ:** ଉତ୍ତମ ଭୋଜନ କରିପାରନ୍ତି। ବ୍ୟବସାୟ ମଧ୍ୟମ ଧରଣର ଚାଲିବ। ଦାମ୍ପତ୍ୟ ଜୀବନ ମଧୂରମୟ ହେବ। ଆୟରେ ଉନ୍ନତି ଦେଖାଦେବ। ଦେହ ଭଲ ରହିବ।



**ମୀନ:** ଅତ୍ୟଧିକ ପରିଶ୍ରମ ହେତୁ କ୍ଲାନ୍ତି ଅନୁଭବ କରିବେ। ଅପେକ୍ଷା କରିଥିବା ଖବରଟି ଅପରାହ୍ନେ ପାଇ ପାରନ୍ତି। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ଘରେ ଶାନ୍ତିର ବାତାବରଣ ରହିବ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୯।୦୪।୨୦୨୫, ବୈଶାଖ ଦି୧୭ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୫।୧୯।୫୨** **ଚନ୍ଦ୍ରୋଦୟ- ପ୍ରାଘ ୦୬।୧୩।୧୧**

**ଦ୍ୱିତୀୟା- ସଂଘ ୫/୩୧ ପର୍ଯ୍ୟନ୍ତ। ବୃତିକାକ୍ଷତ୍ର** -ସଂଘ ୬। ୪୭ ପର୍ଯ୍ୟନ୍ତ। **ବୃଷଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, କନ୍ୟା, ଧନୁ, ମକର ଓ ମୀନରାଶିର । **ଘାତ ଚନ୍ଦ୍ର-** ବିଛା ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧଖାଦ୍ୟ-** ବୋଇତ କଖାରୁ ସଂଘ ୫/୩୧ ପରେ ପୋଟଳ ଖାଇବା ମନା। **ଆଜିର ଶୁଭବେଳା-** ଦିଘ ୮/୩୩ ଗତେ ଘ ୧୦/୨୭ ମଧ୍ୟେ, ଦିଘ ୪/୩୦ ଗତେ ଘ ୫/୧୪ ମଧ୍ୟେ। **ପର୍ବୋତ୍ସବ-** ଦ୍ୱିତୀୟା ଚନ୍ଦ୍ରଦର୍ଶନ ଓ ପୂଜା।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଭାରତରେ ଏବେ ବି ରହିଛି ଯୁବ ବେକାରୀ ହାର ୧୩.୩%

ଗୋଟିଏ ଦଶନ୍ଧି ମଧ୍ୟରେ ୧୭ କୋଟି ଲୋକଙ୍କୁ ଦାରିଦ୍ର୍ୟରୁ ମୁକ୍ତ କରିଛି ଭାରତ। ଦାରିଦ୍ର୍ୟ ଦୂରୀକରଣ ଏବଂ ନିଯୁକ୍ତି କ୍ଷେତ୍ରରେ ଭାରତର ପ୍ରଗତିକୁ ଉଚ୍ଚ ପ୍ରଶଂସା କରିଛି ବିଶ୍ୱ ବ୍ୟାଙ୍କ । ବିଶ୍ୱ ବ୍ୟାଙ୍କ ରିପୋର୍ଟ ଅନୁଯାୟୀ, ଭାରତ ୧୭ କୋଟି ଲୋକଙ୍କୁ ଦାରିଦ୍ର୍ୟରୁ ମୁକ୍ତ କରିଛି, ଯାହା ବିଶ୍ୱ ସ୍ତରରେ ଏକ ପ୍ରମୁଖ ସଫଳତା। ଏହା ସହିତ, ଭାରତରେ ନିଯୁକ୍ତି ଅଭିବୃଦ୍ଧି ବର୍ତ୍ତମାନ ଦେଶର କର୍ମଜୀବୀ ବୟସର ଜନସଂଖ୍ୟା ତୁଳନାରେ ଦ୍ରୁତ, ଯାହା ଯେକୌଣସି ବିକାଶଶୀଳ ଦେଶ ପାଇଁ ଏକ ସକାରାତ୍ମକ ସଙ୍କେତ। ବିଶ୍ୱ ବ୍ୟାଙ୍କର ସଦ୍ୟତମ ରିପୋର୍ଟ ଅନୁଯାୟୀ, ଭାରତ ୨୦୧୧ରୁ ୨୦୨୨-୨୩ ମଧ୍ୟରେ ୧୭୧ ନିୟୁତ ଲୋକଙ୍କୁ ଅତ୍ୟନ୍ତ ଦାରିଦ୍ର୍ୟରେ ଥିବା ଲୋକ ଦାରିଦ୍ର୍ୟରୁ ମୁକ୍ତ ହୋଇଛନ୍ତି। ଯାହାଙ୍କୁ ଦିନକୁ ଆୟ ଥିଲା ମାତ୍ର ୧୮୩ ଟଙ୍କା। ଏହି ସମୟ ମଧ୍ୟରେ, ଦେଶର ଚରମ ଦାରିଦ୍ର୍ୟ ହାର ୧୬.୨% ରୁ ମାତ୍ର ୨.୩% କୁ ହ୍ରାସ ପାଇଛି। ଏହା ଭାରତକୁ କେବଳ ନିମ୍ନ-ମଧ୍ୟମ ଆୟ ବର୍ଗରେ ଆଣିନଥିଲା ବରଂ ବିଶ୍ୱ ଦାରିଦ୍ର୍ୟ ଦୂରୀକରଣ କ୍ଷେତ୍ରରେ ଏକ ଉଦାହରଣ। ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ୧୮.୪%ରୁ ୨.୮% ଏବଂ ସହରାଞ୍ଚଳରେ ୧୦.୭%ରୁ ୧.୧%କୁ ହ୍ରାସ ପାଇଛି, ଯାହା ଫଳରେ ଗ୍ରାମାଞ୍ଚଳ-ସହରାଞ୍ଚଳ ମଧ୍ୟରେ ପାର୍ଥକ୍ୟ ମାତ୍ର ୧.୭% ରହିଛି। ଦୈନିକ ୩୧୧ ଆୟରେ, ଦାରିଦ୍ର୍ୟ ହାର ୬୧.୮%ରୁ ହ୍ରାସ ପାଇ ୨୮.୧% ହୋଇଛି। ୩୭୮ ନିୟୁତ ଲୋକ ଦାରିଦ୍ର୍ୟ ସୀମାରୁ ବାହାରକୁ ଆସିଛନ୍ତି। ପାଞ୍ଚଟି ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ରାଜ୍ୟ ଉତ୍ତର ପ୍ରଦେଶ, ମହାରାଷ୍ଟ୍ର, ବିହାର, ପଶ୍ଚିମବଙ୍ଗ ଏବଂ ମଧ୍ୟପ୍ରଦେଶରେ ସର୍ବାଧିକ ଦାରିଦ୍ର୍ୟ ହ୍ରାସ ପାଇଛି। ୨୦୧୧-୧୨ ବର୍ଷରେ, ଦେଶର ୬୫ ପ୍ରତିଶତ ଅତ୍ୟନ୍ତ ଗରିବ ଲୋକ ଏହି ରାଜ୍ୟଗୁଡ଼ିକରେ ଥିଲେ। ଏଗୁଡ଼ିକ ୨୦୨୨-୨୩ ସୁଦ୍ଧା ମୋଟ ଦାରିଦ୍ର୍ୟ ହ୍ରାସର ଦୁଇ-ତୃତୀୟାଂଶ ରହିଛି। ୨୦୨୧-୨୨ ପରଠାରୁ ନିଯୁକ୍ତି ଅଭିବୃଦ୍ଧିର ହାର କାର୍ଯ୍ୟକ୍ଷମ ବୟସର ଜନସଂଖ୍ୟା ତୁଳନାରେ ଅଧିକ ରହିଛି। ସହରାଞ୍ଚଳ ବେକାରୀ ହାର ୭.୮% ରୁ ହ୍ରାସ ପାଇ ୬.୬% (ଆର୍ଥିକ ବର୍ଷ ୨୦୨୪-୨୫ର ପ୍ରଥମ ତ୍ରୈମାସିକ), ଯାହା ୨୦୧୭-୧୮ ପରଠାରୁ ସର୍ବନିମ୍ନ। ମହିଳାଙ୍କ ଆତ୍ମନିଯୁକ୍ତି ମଧ୍ୟ ବୃଦ୍ଧି ପାଇଛି। ତଥାପି, ଯୁବ ବେକାରୀ ହାର ଏବେ ବି ୧୩.୩% ରହିଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ



ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**
**ଓଁ ନାମ ମହାତ୍ମ୍ୟ**

ଦୃଢ଼ତାରେ ଗୁରୁନାମ
ଧର ଏକାଗ୍ରତେ
ମୋହ ମାୟା ଛାଡିହୃଦୁ
ନାମ ଧର ଚିତ୍ତେ (୧୬୮)

ଶୟନେ ସ୍ୱପନେ ଗୁରୁ
ସଦା ଜଗିଛନ୍ତି
ଲୟାଙ୍ଗରେ ହେତୁକର
ସେହି ରୂପକାନ୍ତି (୧୬୯)

ଗୁଣକୁ ତୁ ରୂପ ମଧ୍ୟେ
ସ୍ଥାପନ କରିବୁ
ସର୍ବ ଗୁରୁ ମୟ ବୋଲି
ଜ୍ଞାନ ଧରିଥିବୁ (୧୭୦)

ପୂଜା ମୂଳ ଗୁରୁ ମୂର୍ତ୍ତି
ଧ୍ୟାନ ମୂଳ ଗୁରୁ
ଜ୍ଞାନ ମୂଳ ଗୁରୁ କୃପା
ବାକ୍ୟ ମୂଳ ଗୁରୁ (୧୭୧)

ଜଗତଟି ଜଗନ୍ନାଥ
ମନରେ ଭାବିବୁ
ହୃଦୟରେ କପଟକୁ
ସର୍ବଦା ତେଜିବୁ (୧୭୨)

ଭକତର ସ୍ୱଭାବଟି
ଭଗବାନ ତତ୍ତ୍ୱ
କପଟିର କପଟତା
ତା'ର ହୃଦ ତତ୍ତ୍ୱ (୧୭୩)

ଯେଉଁ ପରି ହୃଦୟର
ଭାବଟି ହୋଇବ
ସେହିପରି ମହାପ୍ରଭୁ
ଫଳ ତାକୁ ଦେବ (୧୭୪)

ସୁଚିନ୍ତାରେ ଫଳ ଗୋଟି
ସୁଫଳ ହୋଇବ
କୁଚିନ୍ତାରେ ଫଳ ଗୋଟି
କାଳ ପାଲଟିବ (୧୭୫)
(କ୍ରମଶଃ)

ଆପଣାର କଳାକର୍ମ
ଜୀବଟି ଭୋଗିବ
ଦୋଷକରି ନିଜେ ସେତ
କର୍ମକୁ ନିନ୍ଦିବ (୧୭୬)

ତେଣୁ କରି ଭକ୍ତଭାଇ
ଇଷ୍ଟକୁ ସୁମରି
ବିବେକରେ କର୍ମକର
ନିଷ୍ଫେହେବ ପାରି (୧୭୭)
କରାଇବା କରୁଥିବା
ଯେତେ କର୍ମମାନ
ହୃଦୟରେ ବିବେକକୁ
କରିବ ସ୍ମରଣ (୧୭୮)

ଭଲମନ୍ଦ ବିଚାରକୁ
ବିବେକଟି ସାକ୍ଷୀ
କ୍ଷୀର ନୀର ପରଖିବ
ସେହି ଧର୍ମ ପକ୍ଷୀ (୧୭୯)

ହୃଦୟରେ ବସିଛି
ସଦାତୁନି ହୋଇ
ନିର୍ବିକାର ନିର୍ବିବାଦ
ଅବଧୂତ ସେହି (୧୮୦)

ଏକ ବ୍ରହ୍ମ ବେନିଖଣ୍ଡ
ଜଗତ କଲ୍ୟାଣେ
ହେତୁ ଘରେ ଚେତା ରଖ
ଅଭିରାମ ଭଣେ (୧୮୧)

ଗୁରୁଶିଷ୍ୟ ପିତାପୁତ୍ର
ପ୍ରକୃତି ପୁରୁଷ
ଭକ୍ତ ଭଗବାନ ସେତ
ପରମ ପୁରୁଷ (୧୮୨)
ଜଗତର ହିତ ପାଇଁ
ବ୍ରହ୍ମ ବେନି ଖଣ୍ଡ
ସୃଷ୍ଟି ସ୍ଥିତି ପାଳନରେ
ଖେଳୁଛି ବ୍ରହ୍ମାଣ୍ଡ (୧୮୩)
(କ୍ରମଶଃ)

# ମହାନ ସ୍ୱାଧୀନତା ସଂଗ୍ରାମୀ ଲୋକନାୟକ ଜୟପ୍ରକାଶ ନାରାୟଣ



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

ଇତିହାସ ପାଇଁ ଅନେକ ମହିମାନ୍ୱିତ; ମାତ୍ର ଅନେକ ଯଶସ୍ୱୀ ପୁରୁଷଙ୍କ କୃତି-କୀର୍ତ୍ତି ଇତିହାସକୁ କରିଛି ଗରୀୟାନ୍। ସେଇ ସବୁ ଅମ୍ଳାନ ବ୍ୟକ୍ତିତ୍ୱମାନଙ୍କ ମଧ୍ୟରେ ଜୟପ୍ରକାଶ ନାରାୟଣ ଅନ୍ୟତମ। ଏକାଧାରାରେ ସେ ଜଣେ ସଚ୍ଚୋଟ ସ୍ୱାଧୀନତା ସଂଗ୍ରାମୀ, ସମାଜ ସଂସ୍କାରକ, ବିଚକ୍ଷଣ ରାଜନୀତିଜ୍ଞ, ସଂଗଠକ, ରଚନାତ୍ମକ କର୍ମୀ, ଦଳିତ ବର୍ଗଙ୍କ ଉନ୍ନତିକାମୀ କର୍ମଦ୍ୟୋଗୀ ସମ୍ପୂର୍ଣ୍ଣ କ୍ରାନ୍ତିର ପ୍ରବର୍ତ୍ତକ, ମହାନ ସମାଜବାଦୀ ତଥା ବିଶିଷ୍ଟ ତତ୍ତ୍ୱବାଦୀ। ସର୍ବୋପରି ସେ ଜଣେ ଦେଶପ୍ରେମ ଆର୍ଦ୍ର ସମର୍ପିତ ଜାତୀୟତାବାଦୀ ନେତା। ଜାତିର ପିତା ମହାତ୍ମାଗାନ୍ଧୀଙ୍କ ପରେ ଜୟପ୍ରକାଶ ନାରାୟଣ ହିଁ ଦେଶରେ ନବଜାଗରଣ ସୃଷ୍ଟି କଲେ। ଏହା ଏକ ବିରଳ ସଫଳତା। ଗଣତାନ୍ତ୍ରିକ ସମାଜବାଦ ତାଙ୍କ ଦର୍ଶନର ଶ୍ରେଷ୍ଠ ଦିଗ। ତାଙ୍କର ପ୍ରଭାବଶାଳୀ ଅମ୍ଳାନ ବ୍ୟକ୍ତିତ୍ୱ। ବହୁ ଭାବରେ ବହୁ ରୂପରେ ଗାନ୍ଧିଜୀଙ୍କ ମନକୁ ଛୁଇଁଲା। ନିଜ ଦେଶର ମୁକ୍ତି ପାଇଁ ସେ ବହୁ କିଛି ତ୍ୟାଗ କରିଛନ୍ତି, ତାଙ୍କର ଅକ୍ଳାନ୍ତ ଶ୍ରମ, ସାମର୍ଥ୍ୟରେ ଅନ୍ୟ କେହି ତାଙ୍କୁ ବଳି ଯାଇ ପାରିବେ ନାହିଁ – ଏ ଥିଲା ମହାତ୍ମାଗାନ୍ଧୀଙ୍କ ମନ୍ତବ୍ୟ ଜୟପ୍ରକାଶଙ୍କ ସମ୍ପର୍କରେ। ସ୍ୱାଧୀନ ଭାରତରେ ଅଖଣ୍ଡ କ୍ଷମତା ଉପଭୋଗ କରିବାର ବହୁ ସୁଯୋଗ; ମାତ୍ର ଜୟପ୍ରକାଶ ପ୍ରତ୍ୟାଖ୍ୟାନ କଲେ। ବିନୋବାଙ୍କ ଭୂଦାନ ଯଜ୍ଞକୁ ତ୍ୱରାନ୍ୱିତ କରିବାରେ ମନୋନିବେଶ କଲେ। ସର୍ବୋପରି ମା'-ମାଟି-ଦେଶର ଉନ୍ନତି କଳ୍ପେ ନିଜକୁ ନିୟୋଜିତ କଲେ। ସେ ଜଣେ ନିସ୍ୱାର୍ଥପର ମଣିଷ, ବିଶିଷ୍ଟ ଅଧ୍ୟାତ୍ମବାଦୀ – ଏ କଥାଟି ବହୁଜନ ସ୍ୱୀକୃତ।

ଅକ୍ଟୋବର ୧୯୨୦, ଜୟପ୍ରକାଶଙ୍କୁ ମାତ୍ର ୧୭ ବର୍ଷ ବୟସ। ତାଙ୍କ ବିବାହ ହେଲା। ତାଙ୍କ ଶ୍ୱଶୁର ବ୍ରଜକିଶୋର ପ୍ରସାଦ, ଜଣେ ନାଁ ଡାକ ସ୍ୱାଧୀନତା ସଂଗ୍ରାମୀ। ତାଙ୍କ କନ୍ୟା ପ୍ରଭାବତୀଙ୍କୁ ୧୪ ବର୍ଷ ବୟସ। ଜୟପ୍ରକାଶ ପ୍ରଭାବତୀଙ୍କ ପାଣି ଗ୍ରହଣ କଲେ। ସେତେବେଳେ ଜୟପ୍ରକାଶଙ୍କ କର୍ମଭୂମି ପାଟନା। ତାଙ୍କ ସହ ପତ୍ନୀ ପ୍ରଭାବତୀ ଏକାଠି ରହିବା ସମ୍ଭବ ନଥିଲା। ଅନ୍ୟପକ୍ଷରେ ପ୍ରଭାବତୀ ପିତାଙ୍କ ଆଦର୍ଶରେ ଅନୁପ୍ରାଣିତା। ମୁକ୍ତିସଂଗ୍ରାମକୁ ତାଙ୍କର ଗଭୀର ସମର୍ଥନ। ଶେଷରେ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଲେ। ଗାନ୍ଧିଜୀଙ୍କ ସାବରମତୀ ଆଶ୍ରମରେ ସେ ଅନ୍ତେବାସିନୀ। ଉଭୟ ବାପୁଜୀ, ତାଙ୍କ ଧର୍ମପତ୍ନୀ କସ୍ତୁରବା, ପ୍ରଭାବତୀଙ୍କୁ କନ୍ୟାର ଆସନ ଦେଲେ। ଜୟପ୍ରକାଶ, ତାଙ୍କର କେତେକ ସାଥୀ, ଯୋଗଦେଲେ ମୌଲାନା ଆବୁଲ କାଲାମ ଆଜାଦ୍‌ଙ୍କ ଗୋଟେ ସଭାରେ। ଆଜାଦ୍ ସମବେତ ଜନତାଙ୍କୁ ଉଦ୍‌ବୋଧନ ଦେଲେ, ଅସହଯୋଗ ସମ୍ବନ୍ଧରେ ବହୁ ତଥ୍ୟ ରଖିଲେ। ଗାନ୍ଧିଜୀଙ୍କ ଦ୍ୱାରା ଅସହଯୋଗ ଆନ୍ଦୋଳନ ପ୍ରବର୍ତ୍ତିତ (୧୯୨୦-୧୯୨୧)। ଏହା ସଫଳ ହେଲେ ଫିରିଙ୍ଗି ହଟିବେ, ଏକଥାଟି ବି ପ୍ରକାଶ କଲେ। ରାଓଲଟ୍ ଆକ୍ଟ (୧୯୧୯) ବିରୋଧରେ ଆପଣା ମତ ଉପସ୍ଥାପନ କଲେ। ମୌଲାନା ଥିଲେ ସ୍ୱନାମଧନ୍ୟ ବକ୍ତା। ତାଙ୍କର ଉଦ୍‌ବୋଧନୀ ବାର୍ତ୍ତା, ଜୟପ୍ରକାଶଙ୍କ ପ୍ରାଣକୁ ଆନ୍ଦୋଳିତ କଲା। ବିଦେଶୀ ପାଠ ପରିତ୍ୟାଗ କରିବା, ମୁକ୍ତି ସଂଗ୍ରାମରେ ଯୋଗଦେବାକୁ ଆହ୍ୱାନ ଦେଲେ। ସେବେଠୁ ଜୟପ୍ରକାଶଙ୍କ ମତି ମାତୃଭୂମି ସେବା ଆଡ଼େ ଢଳିଲା। ରାଜେନ୍ଦ୍ର ପ୍ରସାଦଙ୍କ ଦ୍ୱାରା ଭିତ୍ତି ସ୍ଥାପିତ 'ବିହାର ବିଦ୍ୟାପୀଠ'। ସେଠାରେ କଲେଜ ଛାତ୍ରଭାବେ ଯୋଗଦେଲେ। ବିଦ୍ୟା ଅଧ୍ୟୟନ ସମାପ୍ତ ହେଲା। ଉଚ୍ଚଶିକ୍ଷା ପାଇଁ ବିଦେଶ ଯିବାକୁ ଜୟପ୍ରକାଶ ସ୍ଥିର କଲେ।

୧୯୨୨ ମସିହା ଅକ୍ଟୋବର ଆଠ ତାରିଖ। ଜୟପ୍ରକାଶ ପହଞ୍ଚିଲେ ଯୁକ୍ତରାଷ୍ଟ୍ରରେ। ପାଟନାରୁ ସେ ଆଇ.ଏସ୍.ସି. ପାସ୍ କରି ସାରିଥିଲେ। ଉଚ୍ଚଶିକ୍ଷା ପାଇଁ ତାଙ୍କ ପାଖରେ ପଇସାର ଅଭାବ, ଶ୍ୱଶୁର ଘରୁ ଦୁଇ ହଜାର, ଅନ୍ୟାନ୍ୟ ବନ୍ଧୁଙ୍କ ଠାରୁ ଛ' ଶହ ଟଙ୍କା ସାହାଯ୍ୟ ଆଣିଲେ। ମାତ୍ର ତାହା ସମୁଦ୍ରକୁ ଶଙ୍ଖେ, ପାଠପଢ଼ା ପାଇଁ ଢେର୍ ଅର୍ଥ ଲୋଡ଼ା। ଜୟପ୍ରକାଶ ନିରାଶ ହେଲେନି। କାଲିଫର୍ଣ୍ଣିଆର ଅଙ୍ଗୁର କ୍ଷେତରେ ଚାକିରିଟେ କଲେ। କେବଳ ସେତିକି ନୁହେଁ, ମଜଦୁର, ରଙ୍ଗମିସ୍ତ୍ରୀ, ଝାଡୁଦାର, ସଫେଇ କାମ ବି କଲେ। କିଛି କିଛି ଅର୍ଥ ପାଇଲେ। ଏଇଠି କଥାଟେ ଉଲ୍ଲେଖଯୋଗ୍ୟ। ଜୀବନରେ କୌଣସି କାମ ବଡ଼ ବା ସାନ ନୁହେଁ – ସବୁ ସମାନ। ଏହାକୁ ବହୁ ବିଦ୍ୱାନ ଆପଣେଇଛନ୍ତି। ସେମାନଙ୍କ ମଧ୍ୟରୁ ଜୟପ୍ରକାଶ ଅନ୍ୟତମ। ଅନ୍ୟ ଆଖିରେ ଯାହା ଛୋଟ, ଘୃଣ୍ୟ, ତାହା ତାଙ୍କ ପାଇଁ ପୁଣ୍ୟ। ଏକଥାଟି ସେ ନିଜେ କରି ଦେଖେଇଦେଲେ। ସ୍ୱଉପାର୍ଜିତ ଧନରେ ଉଚ୍ଚଶିକ୍ଷା ଲାଭ କଲେ। ୧୯୨୩ ମସିହା, ୟୁନିଭରସିଟି ଅଫ୍ କାଲିଫର୍ଣ୍ଣିଆରେ ଜୟପ୍ରକାଶ ନାମ ଲେଖାଇଲେ। ତାଙ୍କର ଅଧ୍ୟୟନ ବିଷୟ ଗଣିତ ଶାସ୍ତ୍ର, ପ୍ରାଣୀବିଜ୍ଞାନ ସହ କେମିକାଲ ଇଞ୍ଜିନିୟରିଂ। କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ ବହୁ ବ୍ୟୟସାପେକ୍ଷ। ସେଠାରେ ଅଧିକ ଦିନ ପଢ଼ିବା ସମ୍ଭବ ହେଲାନି, ଅଳ୍ପ ଖର୍ଚ୍ଚ ଲାଗୁଥିବା ଆଲୋଓ୍ୱା ଷ୍ଟେଟ୍ ୟୁନିଭରସିଟିରେ ନାମ ଲେଖାଇଲେ। ପରୀକ୍ଷାରେ ସଫଳତା ପାଇଲେ। 'ଏ' ଗ୍ରେଡ଼ରେ ଉତ୍ତୀର୍ଣ୍ଣ ହେଲେ। ଏହାର ଏକ ବର୍ଷ ପରେ, ଚିକାଗୋର ୟୁନିଭରସିଟି ଅଫ୍ ଉଇସକସିନରେ ନାମ ଲେଖାଇଲେ। ଏଠାରେ ସେ ସମାଜ ବିଜ୍ଞାନ, ଅର୍ଥଶାସ୍ତ୍ର ପଢ଼ିଲେ। ତା' ପରେ ସେ ୟୁନିଭରସିଟି ଅଫ୍ ଓହାଇଓରେ ଅଧ୍ୟୟନ କଲେ। ସେଠାରୁ ସ୍ନାତକ ପାସ୍ କଲେ। ପାଇଲେ ଆସିଷ୍ଟାଣ୍ଟ ପ୍ରଫେସର ଚାକିରି। ଚାକିରି ସହ ସ୍ନାତକୋତ୍ତର ଶ୍ରେଣୀରେ ନାମ ଲେଖାଇ ଏମ୍.ଏ. ପାସ୍ କଲେ। ନ୍ୟୁୟର୍କର ୟୁନିଭରସିଟିରେ ପି.ଏଚ୍.ଡ଼ି. ପାଇବା ଲକ୍ଷ୍ୟ ରଖିଲେ। ଫେଲୋସିପ୍ ପାଇଁ ଆବେଦନ କଲେ। ମାତ୍ର କୃତକାର୍ଯ୍ୟ ହୋଇ ନଥିଲେ। ୧୯୨୯ ମସିହା, ନଭେମ୍ବର ୨୩ ତାରିଖ, ଜୟପ୍ରକାଶ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କଲେ। ପ୍ରକୃତ ଅର୍ଥରେ ସେ ଜଣେ ବିଦ୍ୱାନ – ଏକଥାଟି ସ୍ୱୀକାର କରିବାରେ ଦ୍ୱିଧା ନାହିଁ।

ପାରିପାର୍ଶ୍ୱିକ ଅବସ୍ଥା ମଣିଷ ଉପରେ ଗଭୀର ପ୍ରଭାବ ପକାଏ। ଜୟପ୍ରକାଶ ଥାଆନ୍ତି ଯୁକ୍ତରାଷ୍ଟ୍ରରେ। ସେଠାରେ ସେ ମାର୍କ୍ସବାଦରେ ଦୀକ୍ଷିତ ହେଲେ। ସ୍ୱଦେଶ ବାହୁଡ଼ିଲେ ଜଣେ ସଚ୍ଚା ସମାଜବାଦୀ ଭାବେ। ଯୁକ୍ତରାଷ୍ଟ୍ରରେ ଜୟପ୍ରକାଶ ମାର୍କ୍ସବାଦକୁ ସଠିକ୍ ଜାଣିଲେ। ସମାଜରେ ବୈପ୍ଳବିକ ପରିବର୍ତ୍ତନ ଜରୁରୀ। ଏହାର ସଫଳତା ପାଇଁ ମାର୍କ୍ସବାଦ ଏକାନ୍ତ ପ୍ରୟୋଜନ। ଏକଥାଟି ବି ହୃଦ୍‌ବୋଧ କଲେ। ଋଷର ବିପ୍ଳବକୁ ଅନୁଧ୍ୟାନ କଲେ। ଲେଲିନ୍‌ଙ୍କ ସିଦ୍ଧାନ୍ତ ତାଙ୍କୁ ଗଭୀର ଭାବେ ପ୍ରଭାବିତ କଲା। ଲେଲିନ୍‌ଙ୍କ ଦର୍ଶନ ଏକ ଅନୁନ୍ନତ ସାମନ୍ତବାଦୀ ସମାଜକୁ ପ୍ରଗତିଶୀଳ ଦିଗ୍‌ଦର୍ଶନ ଦେଲା। ତାହା ଥିଲା ଜୟପ୍ରକାଶଙ୍କ ପ୍ରେରଣାର ଉତ୍ସ। ସମାଜର ପ୍ରଗତି ପାଇଁ ସମାଜବାଦ ଏକ ଶ୍ରେଷ୍ଠ ଆୟୁଧ। ସମାଜବାଦର ଲକ୍ଷ୍ୟ ସମଗ୍ର ସମାଜର ସୁସଂଗଠିତ ତଥା ସୁପରିକଳ୍ପିତ ପରିପ୍ରକାଶ। ଭାରତ ତଥା ସମଗ୍ର ଏସିଆ ମହାଦେଶରେ ସମାଜବାଦ ଦ୍ୱାରା ଦାରିଦ୍ର୍ୟ ଦୂରୀଭୂତ ହେବ, ଏସବୁ ଦୃଢ଼ ଧାରଣା ଜୟପ୍ରକାଶଙ୍କର। ରେଙ୍ଗୁନଠାରେ ଅନୁଷ୍ଠିତ ପ୍ରଥମ ଏସୀୟ ସମାଜବାଦୀ ସମ୍ମିଳନୀ (୧୯୫୩)ରେ ଜୟପ୍ରକାଶ ଯୋଗ ଦେଇଥିଲେ। ସେଠାରେ ନିଜର ଅଭିଭାଷଣ ରଖିଲେ। ସମାଜବାଦୀ ଆନ୍ଦୋଳନର ନେତୃତ୍ୱ କୃଷକ, ଶ୍ରମିକମାନେ ନେବା ଉଚିତ – ଏ ମତଟି ମଧ୍ୟ ପ୍ରଦାନ କଲେ। ସମାଜବାଦୀ, ଜାତୀୟତାବାଦୀ ଉଭୟ ମଧ୍ୟରେ ସମନ୍ୱୟ ରକ୍ଷା – ଏଥିଲା ଜୟପ୍ରକାଶଙ୍କ ଆଉ ଏକ ଉଦ୍ଦେଶ୍ୟ। ଜୟପ୍ରକାଶ ଆଦ୍ୟ ଜୀବନରେ ଦେଖିଲେ ସମାଜବାଦୀ ସ୍ୱପ୍ନ। ତାଙ୍କୁ ସାକାର କରିବାକୁ ଲାଗିଲେ, ୧୯୪୭ ମସିହାରେ ଗଠିତ ସମାଜବାଦୀ ଦଳ କଂଗ୍ରେସ ସହ ସମ୍ପର୍କ ତୁଟାଇଲା (୧୯୪୮)। ୧୯୫୬ ମସିହା ନିର୍ବାଚନରେ ଦଳଟି ଆଖିଦୃଶିଆ ସଫଳତା ପାଇଲାନି। ୧୯୫୪ ମସିହାରେ ଜୟପ୍ରକାଶ ଯୋଗଦେଲେ ଭୂଦାନ ଆନ୍ଦୋଳନରେ। ରାଜନୀତିକ ଜୀବନର ଆଦ୍ୟଭାଗର କଥା। ସମାଜବାଦରେ ବିହ୍ୱଳ ଜୟପ୍ରକାଶ, ଗାନ୍ଧିଜୀଙ୍କ ଅସହଯୋଗ ଅବା ଆଇନ ଅମାନ୍ୟ ଆନ୍ଦୋଳନ – ଏହାଠାରୁ ମାର୍କ୍ସବାଦ ଅଧିକ ବାସ୍ତବ ଆଉ ପ୍ରଗତିଶୀଳ – ଏକଥାଟି ମଧ୍ୟ ପ୍ରକାଶ କରିଥିଲେ।

ମହାନ ମୁକ୍ତିଯୋଦ୍ଧା ଜୟପ୍ରକାଶ। ଭାରତର ମୁକ୍ତିଯୁଦ୍ଧରେ ଜଣେ ସକ୍ରିୟ ସ୍ୱତନ୍ତ୍ରତା ସେନାନୀ। ଗାନ୍ଧିଜୀଙ୍କ ଆଇନ ଅମାନ୍ୟ ଆନ୍ଦୋଳନ ଡାକରା (୧୯୩୦), ସାରା ଭାରତରେ ଚହଳ ପଡ଼ିଲା। ଗାନ୍ଧିଜୀ ଗୁଜୁରାଟର ଦାଣ୍ଡି ଉପତ୍ୟକାରେ ଲବଣ ଆଇନ ଭଙ୍ଗ କଲେ। ଚାଲିଲା ପୁଲିସର ବର୍ବରୋଚିତ କାଣ୍ଡ, ଗୁଳି, ଲାଠି, ଗିରଫଦାରୀ। ଆଇନ ଅମାନ୍ୟ ଆନ୍ଦୋଳନରେ ଯୋଗଦେଇ ଜୟପ୍ରକାଶ ଗିରଫ ହେଲେ (୧୯୩୨)। ଭୋଗିଲେ ଦୁଇବର୍ଷ କାରାକଷଣ, ନାସିକ ଜେଲରେ ଅକଥନୀୟ ନିର୍ଯ୍ୟାତନା ସହିଲେ। ସେଠାରେ ମନୁମାସାନି, ପୁରୁଷୋତ୍ତମ ଦାସ, ଡକ୍ଟର ରାମ ମନୋହର ଲୋହିଆ, ଆଚାର୍ଯ୍ୟ ନରେନ୍ଦ୍ର ଦେବଙ୍କ ସହ ସାକ୍ଷାତ ହେଲା। ଏମାନେ ସମସ୍ତେ ସମାଜବାଦୀ। ତାଙ୍କ ସହ ଯୋଗଦେଲେ ନରେନ୍ଦ୍ର ଦେବ। ଏମାନେ ସମାଜବାଦୀ ଦଳଟେ ଗଢ଼ିବାର ନିଷ୍ପତ୍ତି ନେଲେ। ଶେଷରେ ସେମାନଙ୍କୁ ଜେଲଖାନାରୁ ମୁକ୍ତି ମିଳିଲା। ୧୯୩୪ ମସିହା ଅକ୍ଟୋବର ୨୧, ୨୨ ତାରିଖ। ବମ୍ବେର ବରେଲିସ୍ଥିତ ରେଡ଼ି ମନି ଟେରେସ୍‌ଠାରେ ସମାଜବାଦୀ କର୍ମୀଏ ଏକତ୍ର ହେଲେ। ସେମାନଙ୍କ ସଂଖ୍ୟା ୧୫୦। ଗଠିତ ହେଲା 'କଂଗ୍ରେସ ସୋସାଲିଷ୍ଟ ପାର୍ଟି'। ଦଳର ଦ୍ୱିତୀୟ ଅଧିବେଶନ ହେଲା ମେରଠ଼ା ଠାରେ (୧୯୩୬)। ଏଥିରେ ଅଧ୍ୟକ୍ଷତା କଲେ କମଳାଦେବୀ ଚଟ୍ଟୋପାଧ୍ୟାୟ। ଦଳର ତୃତୀୟ ଅଧିବେଶନ ହେଲା ଫୈଜିପୁରରେ ଅଧ୍ୟକ୍ଷତା କଲେ ଜୟପ୍ରକାଶ। ମନୁମସାନିଙ୍କ ଅଧ୍ୟକ୍ଷତାରେ ଲାହୋରଠାରେ ଦଳର ଚତୁର୍ଥ ଅଧିବେଶନ ଅନୁଷ୍ଠିତ ହୋଇଥିଲା (୧୯୩୮)। ମୁକ୍ତିସଂଗ୍ରାମକୁ ତ୍ୱରାନ୍ୱିତ କରିବାର ପନ୍ଥା ଅଧିବେଶନ ଗୁଡ଼ିକରେ ସ୍ଥିରୀକୃତ ହେଲା। କଂଗ୍ରେସ ସୋସାଲିଷ୍ଟ ପାର୍ଟିରେ ସ୍ଥାୟୀ ସଭାପତି ଆଚାର୍ଯ୍ୟ ନରେନ୍ଦ୍ରଦେବ ରହିଲେ। ଜୟପ୍ରକାଶ ହେଲେ ସେକ୍ରେଟାରୀ। କଂଗ୍ରେସ ଦଳ ମଧ୍ୟରେ ଏଇ ବାମପନ୍ଥୀମାନେ ସ୍ୱ ସ୍ୱ ଆଦର୍ଶରେ ଆଗେଇ ଚାଲିଲେ।

କାରାକଷଣ ଜୟପ୍ରକାଶଙ୍କ ପାଇଁ ଥିଲା ଅମାନବୀୟ। ଫିରିଙ୍ଗି ବାହିନୀ ଥିଲେ ନିର୍ଦ୍ଦୟ। ଜୟପ୍ରକାଶଙ୍କ ବିପ୍ଳବାତ୍ମକ ପଦକ୍ଷେପ, ବ୍ରିଟିଶର ହୃତକମ୍ପ ହେଲା, ହେଲେ କାରାକକ୍ଷ ଥିଲା ତାଙ୍କ ପାଇଁ ସୃଜନର ଜନନୀ। ଜୟପ୍ରକାଶ ଲେଖାଲେଖି ଆରମ୍ଭ କଲେ, ବିଭିନ୍ନ ପ୍ରକାର ଖବରକାଗଜ ପାଠ କଲେ। ସମାଜବାଦର ବାର୍ତ୍ତା ପ୍ରସ୍ତୁତ ପାଇଁ ପ୍ରକୃଷ୍ଟ କ୍ଷେତ୍ର ପ୍ରସ୍ତୁତ ହୋଇଗଲା। ଜୟପ୍ରକାଶ କାରାଗାରରୁ ମୁକ୍ତି ପାଇଲେ (୧୯୩୪)। ୧୯୩୬ ମସିହାରେ ନେହେରୁ ହେଲେ କଂଗ୍ରେସ ସଭାପତି। ସେ କଂଗ୍ରେସ ସୋସାଲିଷ୍ଟ ପାର୍ଟିର ତିନି ଜଣଙ୍କୁ କାର୍ଯ୍ୟକାରୀ କମିଟିରେ ଗ୍ରହଣ କଲେ। ସେମାନେ ହେଲେ ଆଚାର୍ଯ୍ୟ ନରେନ୍ଦ୍ରଦେବ, ଅଚ୍ୟୁତ ପଟ୍ଟବର୍ଦ୍ଧନଙ୍କ ସହ ଜୟପ୍ରକାଶ। ଜୟପ୍ରକାଶ ନିଜ ପାର୍ଟି ସେକ୍ରେଟାରୀ ପଦବୀରୁ ଇସ୍ତଫା ଦେଲେ। ଘଟିଲା ଏକ ନାରକୀୟ ଘଟଣା। କଂଗ୍ରେସ ଅନ୍ତରୀଣ ସରକାରରେ ଯୋଗ ଦେଲେ (୧୯୩୬)। ଏହାର ପ୍ରତିବାଦରେ ଜୟପ୍ରକାଶ ଇସ୍ତଫା ଦେଲେ, ପୁନଃ ଫେରି ପାଇଲେ ତାଙ୍କ ପାର୍ଟିର ସେକ୍ରେଟାରୀ ପଦବୀକୁ। ୧୯୩୯ ମସିହା, ୟୁରୋପ ଆକାଶରେ ଦ୍ୱିତୀୟ ବିଶ୍ୱଯୁଦ୍ଧର ଘନଘଟା। ତ୍ରସ୍ତ ମାନବ ସମାଜ, ବ୍ରିଟିଶ୍ ସରକାର ଭାରତୀୟ ସୈନ୍ୟଙ୍କୁ ଯୁଦ୍ଧରେ ନିୟୋଜିତ କଲା। କଂଗ୍ରେସ ଏହାର ଘୋର ବିରୋଧ କଲା। ଜୟପ୍ରକାଶ ସମ୍ପୂର୍ଣ୍ଣ ସକ୍ରିୟ ହୋଇଗଲେ। ଇଂରେଜଙ୍କର ଏଇ ପ୍ରକାର ମାନସିକତାକୁ ପ୍ରଚଣ୍ଡ ବିରୋଧ କଲେ, ଇଂରେଜମାନଙ୍କ ନିଦ ହଜିଗଲା। ଜୟପ୍ରକାଶଙ୍କୁ ବନ୍ଦୀ କଲେ (୧୯୪୦), ହଜାରୀବାଗର ଏକ ନିବୁଜ କୋଠରୀରେ ତାଙ୍କୁ ନିର୍ଯ୍ୟାତନା ଦିଆଗଲା। ସର୍ବଭାରତୀୟ କଂଗ୍ରେସ କମିଟି ବସିଥାଏ, ଚକ୍ରବର୍ତ୍ତୀ ରାଜଗୋପାଳଚାରୀ ପ୍ରଭାବ ବିସ୍ତାର କଲେ, ଇଂରେଜଙ୍କୁ ଯୁଦ୍ଧରେ ସାହାଯ୍ୟ ପାଇଁ ପ୍ରସ୍ତାବଟେ ଗ୍ରହଣ କରାଗଲା। ଜୟପ୍ରକାଶ କଂଗ୍ରେସର ବିଶ୍ୱାସଘାତକତାରେ କ୍ଷୁବ୍ଧ ହେଲେ। ଏଇ ମର୍ମରେ ନେହେରୁଙ୍କୁ ପତ୍ରଟେ ଲେଖିଲେ। ଭାରତର ଜନସାଧାରଣଙ୍କୁ ପ୍ରତାରିତ କରାଗଲା – ଏଇ ଥିଲା ଚିଠିଟିର ଭାବାର୍ଥ। ଜୟପ୍ରକାଶ ୯ ମାସର କାରାବାସ ପରେ ମୁକ୍ତି ପାଇଲେ। ପୁନଶ୍ଚ ଗିରଫ ହେଲେ (୧୯୪୧)। ମୁମ୍ବାଇର ଆର୍ଥର ରୋଡ଼ ପ୍ରିଜିନ୍‌ରୁ ତାଙ୍କୁ ସ୍ଥାନାନ୍ତର କରାଗଲା ରାଜସ୍ଥାନର ଦିଓଲି କ୍ୟାମ୍ପକୁ। ଉକ୍ତ କ୍ୟାମ୍ପଟି କେବଳ ସଶସ୍ତ୍ର ସଂଗ୍ରାମୀ ଆଉ କମ୍ୟୁନିଷ୍ଟଙ୍କ ପାଇଁ ଉଦ୍ଦିଷ୍ଟ। ଏଠାରେ ଅକଥନୀୟ ନିର୍ଯ୍ୟାତନା ପୁଲିସର। ଜୟପ୍ରକାଶଙ୍କ ସହ ଅନ୍ୟ ଦୁଇଶହ ବନ୍ଦୀ, ଘୋର ବିରୋଧ କଲେ। ଆରମ୍ଭ କଲେ ଅନଶନ, ବାର୍ତ୍ତାଟି ପ୍ରଘଟ ହେଲା। ବହୁ ସ୍ଥାନରେ ଜନ ଆନ୍ଦୋଳନ ମୁଣ୍ଡ ଟେକିଲା। ଶେଷରେ ଇଂରେଜ ଶାସକ ମୁଣ୍ଡ ନୁଆଁଇଲେ, ବନ୍ଦୀମାନଙ୍କୁ ଆପଣା ଆପଣା ରାଜ୍ୟ କାରାଗାରକୁ ସ୍ଥାନାନ୍ତରିତ କରାଗଲ। ଜୟପ୍ରକାଶ ପାଲଟିଲେ ଜାତୀୟ ନାୟକ (ନାସନାଲ ହିରୋ)। ତାଙ୍କୁ ହଜାରିବାଗ ଜେଲକୁ ପଠାଗଲା (୧୯୪୨)।

ଅଗଷ୍ଟ ୮ ତାରିଖ, ୧୯୪୨ ମସିହା। ସର୍ବଭାରତୀୟ କଂଗ୍ରେସ କମିଟି ଭାରତଛାଡ଼ ଆନ୍ଦୋଳନ ସିଦ୍ଧାନ୍ତ ନେଲେ। ଗାନ୍ଧିଜୀ ଦେଲେ 'କର ଅବା ମର' ଡାକରା। ସେଇ ଆଠ ତାରିଖ ମଧ୍ୟ ରାତ୍ରରେ ଗାନ୍ଧିଜୀ ବନ୍ଦୀ ହେଲେ। ଖବରଟି ଚହଳ ପକାଇଲା। ଆନ୍ଦୋଳନକୁ ତେଜୋଦୀପ୍ତ କରିବାକୁ ଜୟପ୍ରକାଶ ସିଦ୍ଧାନ୍ତ ନେଲେ। ନଭେମ୍ବର ୮ ତାରିଖ ୧୯୪୨ ମସିହା। ଦୀପାବଳୀ ଉତ୍ସବ। ସମସ୍ତେ ଆନନ୍ଦରେ ବିଭୋର। ଜୟପ୍ରକାଶ, ତାଙ୍କର କେଇଜଣ ବିଶ୍ୱସ୍ତ ବନ୍ଧୁ, ଜେଲକାନ୍ଥ ଡେଇଁ ପଳାୟନ କଲେ। ଏ ପ୍ରକାର ଦୁଃସାହସ, ସମସ୍ତେ ଆଶ୍ଚର୍ଯ୍ୟଚକିତ। ଜୟପ୍ରକାଶଙ୍କ ପରି ଜଣେ ସାହାସୀ ଯୁବକ। ଅସମ୍ଭବକୁ ସମ୍ଭବ କଲେ। ଜୟପ୍ରକାଶ ଆରମ୍ଭ କଲେ ଲୁଚାଛପାରେ ବିଦ୍ରୋହ। ବେଶ୍ କିଛି ସମୟ ଅଣ୍ଡରଗ୍ରାଉଣ୍ଡ ପାଲଟିଲେ। କିନ୍ତୁ ଫିରିଙ୍ଗି ପୁଲିସର ଶ୍ୟେନ ଚକ୍ଷୁକୁ ଏଡ଼ାଇ ପାରି ନଥିଲେ। ଶେଷରେ ଧରାପଡ଼ି ବନ୍ଦୀ ହେଲେ (ସେପ୍ଟେମ୍ବର ୧୯, ୧୯୪୩)। ଲାହୋର ଫୋର୍ଟ ଜେଲରେ ବନ୍ଦୀ ଜୀବନ କାଟିଲେ। ମୁକ୍ତି ପାଇଲେ ୧୯୪୬ ମସିହାରେ।

ଲାହୋର ଜେଲର କାରାକଷଣ ଜୟପ୍ରକାଶଙ୍କ ପାଇଁ ଥିଲା ଦୁର୍ବିସହ। ୧୬ ମାସର ବିନିଦ୍ର ରଜନୀ, ମାନସିକ, ଶାରୀରିକ ନିର୍ଯ୍ୟାତନା। ଏସବୁ କଥା ଜୟପ୍ରକାଶ ଲେଖିଥିଲେ ଆପଣା ଡାଏରୀରେ। ନିବୁଜ ଅନ୍ଧକାର କୋଠରୀ। ଏକାକୀ ଜୟପ୍ରକାଶ। ପ୍ରହରୀଟିଏ, ହାତରେ ବନ୍ଧୁକ। ବଏନଟ ତାଙ୍କରି ଆଡ଼କୁ। ତାଙ୍କୁ ନିତି ବାହାର ଅଫିସକୁ ନିଆଯାଏ, ବାମ ହାତରେ ଶୃଙ୍ଖଳ, ଡାହାଣ ହାତ ଚୌକିର ଗୋଟେ ଖୁରାରେ ବନ୍ଧାଯାଏ। ଜୟପ୍ରକାଶ ଚେୟାର ଉପରେ, କେତେ କେତେ ପ୍ରଶ୍ନ, ଉତ୍ତର ଅଦା ପାଇଁ ଅପକୌଶଳ, ସମସ୍ତ ନିର୍ଯ୍ୟାତନା ସତ୍ତ୍ୱେ ତାଙ୍କ ପେଟରୁ କଥା କାଢ଼ି ପାରିନଥିଲା ଫିରିଙ୍ଗି ପୁଲିସ। ଏମିତି ନିତିଦିନିଆ ଯାତନା। ଚୌକିରେ ବସି ଆଖି ଲାଗିଆସେ, ତା' ପରେ ଧକ୍‌କା, ଶୋଇବାକୁ ଦିଆଯାଏନା। ଏପରିକି ତାଙ୍କୁ ଉଲଗ୍ନ କରି ଦୁଇଦିନ ବରଫ ଉପରେ ବସାଇ ଦିଆଗଲା। ସମ୍ବାଦଟି ପ୍ରକାଶ ପାଇଲା ଖବରକାଗଜରେ। ଗଭୀର ଜନ ଅସନ୍ତୋଷ ସୃଷ୍ଟି ହେଲା। ବିକ୍ଷୋଭ, ପ୍ରତିବାଦ ଚାଲିଲା। ଶେଷରେ ରାମମନୋହର ଲୋହିଆ, ଜୟପ୍ରକାଶଙ୍କୁ ଆଗ୍ରା ସେଣ୍ଟ୍ରାଲ ଜେଲ୍‌କୁ ନିଆଗଲା। କିଛି କିଛି ସ୍ୱାଧୀନତା ମିଳିଲା। ଚାଲିଥାଏ 'କର ବା ମର'ର ସଂଗ୍ରାମ। ଗାନ୍ଧିଜୀଙ୍କର ଏ ଆହ୍ୱାନ ତାଙ୍କୁ ଶାନ୍ତି ଦେଲା। ଅହିଂସା ଆନ୍ଦୋଳନ କ'ଣ, କେମିତି ଚାଲେ ଜନତା ଏ ବିଷୟରେ ଅଜ୍ଞ। କ୍ରମେ ଏକ ଗଣସମାଜ ବାହାରିଲେ, ସ୍ୱାଧୀନତା ପାଇଁ ଆଇନକୁ ହାତକୁ ନେଲେ। ଗାନ୍ଧିଜୀ ବଦଳି ଯାଇଥିବା, ଶେଷ ପର୍ଯ୍ୟନ୍ତ ସଂଗ୍ରାମ ନ କରିବା, ପୂର୍ଣ୍ଣ ସ୍ୱାଧୀନତା ପ୍ରାପ୍ତି ନ ହେବା ଭଳି ସିଦ୍ଧାନ୍ତ ଗ୍ରହଣ କରିବା – ଏମିତି ଧାରଣା ଜୟପ୍ରକାଶଙ୍କ ପରି ଅନ୍ୟ ସମାଜବାଦୀଙ୍କର। ତଥାପି ବିଶ୍ୱର ଯେତେ ଯେତେ ବିପ୍ଳବୀ ଜନ୍ମ ନେଇଛନ୍ତି, ସମସ୍ତଙ୍କ ଠାରୁ ଅଧିକ ସମର୍ଥ ଗାନ୍ଧିଜୀ। ଏଇଟି ଜୟପ୍ରକାଶଙ୍କ ପୂର୍ଣ୍ଣ ଧାରଣା। ପୃଥିବୀ ବକ୍ଷରେ ଅନେକ ବିପ୍ଳବ ସଂଗଠିତ, ସେ ସବୁ ବିଭିନ୍ନ ନୀତି ନିୟମ, ରାଜନୀତିକ ଗତିଧାରା, ଆର୍ଥନୀତିକ କାର୍ଯ୍ୟକ୍ରମ ଉପରେ ପର୍ଯ୍ୟବସିତ। ମଣିଷକୁ ପରିବର୍ତ୍ତନ ପାଇଁ ଯଦି ବିପ୍ଳବ ନ ହୋଇଛି, ସମାଜ ପରିବର୍ତ୍ତନ ସମ୍ଭବ ନୁହେଁ। ଗାନ୍ଧିଜୀଙ୍କ ଏ କଥାଟି ଜୟପ୍ରକାଶଙ୍କୁ ଗଭୀର ପ୍ରଭାବିତ କଲା। ଲେଲିନ୍‌ଙ୍କ ଦେହାବସାନ ହେଲା, ଷ୍ଟାଲିନ୍‌ଙ୍କ ଦୁର୍ବଳ ଶାସନ, ସୃଷ୍ଟି ହେଲା ଏକ ଭୟାନକ ସମୟ, ସୋଭିଏତ ରୁଷ ସହ ତାଙ୍କର ରହିଲାନି ଭଲ ସମ୍ପର୍କ। ଏ ସବୁ ତାଙ୍କ ଡାଏରୀରେ ଲିଖିତ କିଛି ସାରାଂଶ। ଗାନ୍ଧିଜୀଙ୍କ ସହିତ ଆଦର୍ଶଗତ ଅସହମତି। ତଥାପି ଉଭୟ ପତିପତ୍ନୀଙ୍କର ତାଙ୍କ ପ୍ରତି ଥିଲା ପ୍ରଗାଢ଼ ଭକ୍ତି। କାରଣ ଗାନ୍ଧିଜୀ ଥିଲେ ନିର୍ଭୀକ ତଥା ଦୃଢ଼ମନା। ଆପଣ ଜୀବନ ଦାନ ପାଇଁ ସେ କୁଣ୍ଠା ପ୍ରକାଶ କରିନଥିଲେ।
(କ୍ରମଶଃ)

# ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନର ପ୍ରତୀକ ମଧୁ ବାବୁ



ବିଶ୍ୱବିଜୟୀ ଦାଶ
ସମ୍ପାଦକ, ବ୍ରଜବିଳାସ ଇ-ପତ୍ରିକା
ବାଣପୁର, ଖୋର୍ଦ୍ଧା
ପିନ୍ ନଂ - ୭୫୨୦୩୫
ମୋ ନଂ- ୬୩୭୦୨୦୮୪୨୮

ଉତ୍ଥାନ, ପତନ ଗୋଟିଏ ଜାତିର ଇତିହାସରେ କିଛି ନୂଆ କଥା ନୁହେଁ। ଇଂରେଜ ଶାସନ ଅମଳରେ ନିର୍ଯାତିତ ଓଡ଼ିଆ ଜାତି ମୁମୂର୍ଷ ଅବସ୍ଥାରେ ନିଜର ଅସ୍ତିତ୍ୱ ରକ୍ଷା ପାଇଁ ସଂଗ୍ରାମରତ ଥିବାବେଳେ କେତେଜଣ ଯୋଗଜନ୍ମା ବ୍ୟକ୍ତିବିଶେଷଙ୍କ ଆବିର୍ଭାବ ଜାତୀୟ ଜୀବନରେ ଆଶାର ସଂଚାର କରିଥିଲା। ଉତ୍କଳୀୟ ସଂସ୍କୃତିର ସୁରକ୍ଷା ତଥା ରାଜନୈତିକ, ସାମାଜିକ ଏବଂ ଅର୍ଥନୈତିକ କ୍ଷେତ୍ରରେ ଓଡ଼ିଶାକୁ ସର୍ବଭାରତୀୟ ସ୍ତରରେ ଏକ ସ୍ୱତନ୍ତ୍ର ସ୍ଥାନ ଦେବା ପାଇଁ ଯେଉଁ ଯୋଗଜନ୍ମା ନିଜର ଜୀବନକୁ ତିଳତିଳ କରି ଉତ୍ସର୍ଗ କରିଥିଲେ, ସେମାନଙ୍କ ମଧ୍ୟରୁ ଦେଶପ୍ରାଣ ଉତ୍କଳଗୌରବ ମଧୁସୂଦନ ଦାସ ଅନ୍ୟତମ। ଆମ ଓଡ଼ିଶାର ପ୍ରଥମ ଓଡ଼ିଆ ବି.ଏ,ପ୍ରଥମ ଓଡ଼ିଆ ଏମ୍.ଏ,ପ୍ରଥମ ଓଡ଼ିଆ ଓକିଲ,ପ୍ରଥମ ଓଡ଼ିଆ ବିଲାତ ଯାତ୍ରୀ, ସ୍ୱାଧିନତା ସଂଗ୍ରାମୀ, ଯିଏକି ଓଡ଼ିଶାକୁ ନିଜର ପ୍ରାଣ ଦେଇ ଭଲ ପାଉଥିଲେ ଓ କାମ କରୁଥିଲେ ତଥା ଓଡ଼ିଆ ଜାତିର ଚିର ନମସ୍ୟ,ପ୍ରାତଃ ସ୍ମରଣୀୟ, ଚିର ବରଣୀୟ କୁଳବୃଦ୍ଧ ଉତ୍କଳଗୌରବ ମଧୁସୂଦନ ଦାସ।

ଉତ୍କଳଗୌରବ ମଧୁସୂଦନ ଦାସ କଟକ ଜିଲ୍ଲାର ସତ୍ୟଭାମାପୁରରେ ୨୮ ଅପ୍ରେଲ ୧୮୪୮ରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଚୌଧୁରୀ ରଘୁନାଥ ଦାସ ଓ ମାତାଙ୍କ ନାମ ପାର୍ବତୀ ଦେବୀ। ତାଙ୍କର ପାଠପଢ଼ା ଆରମ୍ଭ ହୋଇଥିଲା ସତ୍ୟଭାମାପୁରର ଗାଁ ଚାଟଶାଳୀରୁ ମାଟି ବଂଶ ଅବଧାନଙ୍କ ତତ୍ତ୍ୱାବଧାନରେ। ଚାଟଶାଳୀ ପଢ଼ା ଶେଷ କରି ସେ କଟକ ଗଲେ ଓ ଇଂରାଜୀ ବିଦ୍ୟାଳୟରେ ନାମ ଲେଖାଇଲେ । ୧୮୬୪ରେ ମଧୁସୂଦନ ଅନ୍ୟ ଚାରିଜଣଙ୍କ ସହ କଟକ ସ୍କୁଲରୁ ଦ୍ୱିତୀୟ ଶ୍ରେଣୀରେ ଏଣ୍ଟ୍ରାନ୍ସ ପାସ କରିଥିଲେ (ଆଜି ଏହାକୁ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା କୁହାଯାଉଅଛି) । ଏହାପରେ ସେ ବାଲେଶ୍ୱରରେ କିରାଣି ଚାକିରିଟିଏ କଲେ । କିଛି ପଇସା ସଞ୍ଚୟ କରି ସେ ଉଚ୍ଚଶିକ୍ଷା ନିମିତ୍ତ ଚାନ୍ଦବାଲି ଦେଇ ଧୂଆଁକଳ ଚାଳିତ ନାଆରେ କଲିକତା ଯାତ୍ରା କଲେ।୧୮୭୦ରେ ସେ ବି.ଏ. ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ । ସେତେବେଳେ କଲିକତା ବିଶ୍ୱବିଦ୍ୟାଳୟରେ ବି.ଏ. ପରୀକ୍ଷାର୍ଥୀମାନଙ୍କ ସଂସ୍କୃତ ପରୀକ୍ଷାର ଉତ୍ତର ନିଜ ମାତୃଭାଷରେ ଲେଖିବା ନିୟମ ଥିଲା, କିନ୍ତୁ ପରୀକ୍ଷକ ବଙ୍ଗଳା ଛଡ଼ା ଅନ୍ୟ କୌଣସି ଭାଷା ଜାଣି ନଥିବାରୁ ବଙ୍ଗଳା ବ୍ୟତୀତ ଅନ୍ୟ କୌଣସି ଲିପିରେ ସଂସ୍କୃତ ପ୍ରଶ୍ନୋତ୍ତର ଲେଖିବାକୁ ଅନୁମତି ମିଳୁନଥିଲା । ମଧୁବାବୁ ନିଜ ମାତୃଭାଷା ଓଡ଼ିଆରେ ସଂସ୍କୃତର ଉତ୍ତର ଲେଖିବାପାଇଁ ଜିଦ ଧରି ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ ସଦସ୍ୟମାନଙ୍କୁ ଜଣାଇଲେ । ସେଠାରୁ କୌଣସି ସୁଫଳ ନ ମିଳିବାରୁ ସେ ତତ୍କାଳୀନ ବଙ୍ଗ-ବିହାର-ଓଡ଼ିଶାର ଲ୍ୟୁଟେନାଣ୍ଟ ଗଭର୍ଣ୍ଣର ସାର ଉଇଲିଅମ ଗ୍ରେଙ୍କ ନିକଟକୁ ଏକ ଟେଲିଗ୍ରାମ ପ୍ରେରଣ କରିବାପରେ ଗ୍ରେଙ୍କ ହସ୍ତକ୍ଷେପ ପରେ ସେ ଓଡ଼ିଆରେ ନିଜର ଉତ୍ତର ଲେଖିଥିଲେ। ସେଠାରେ ମଧୁବାବୁ ଏମ୍.ଏ. ପାସ୍ କରିଥିଲେ। ତା'ପରେ ମଧୁବାବୁ କଲିକତା ବିଶ୍ୱବିଦ୍ୟାଳୟ ବି.ଏଲ୍. ପାସ କରି ସାରିଥିଲେ। ଓକିଲ ହେବାପରେ ମଧୁବାବୁ ପ୍ରଥମେ ଚବିଶ ପ୍ରଗଣା ଅନ୍ତର୍ଗତ ଆଲିପୁର କୋର୍ଟରେ ଓକିଲାତି ଆରମ୍ଭ କରିଥିଲେ। ସେଠାରେ ଥିବା ପ୍ରବାସୀ ଓଡ଼ିଆ ଶ୍ରମିକମାନଙ୍କ ଉନ୍ନତି ପଥରେ ମଧୁବାବୁ ଲାଗିପଡ଼ିଥିଲେ। ପରେ ସେ କଲିକତା ହାଇକୋର୍ଟରେ ବାରିଷ୍ଟର ଜେଟି ଉଡ୍ରଫଙ୍କ ସହଯୋଗୀ ଭାବେ ଓକିଲାତି କରିଥିଲେ । ୧୨ ସେପ୍ଟେମ୍ବର ୧୮୮୧ରେ କଲିକତାରୁ ଫେରି ସେ କଟକରେ ଓକିଲାତି କଲେ।ବିଚ୍ଛକ୍ଷଣ ବୁଦ୍ଧି ବଳରେ ସେ ଓକିଲାତିରେ ବିଶେଷ ପାରଦର୍ଶିତା ଅର୍ଜନ କରିପାରିଥିଲେ ଓ ମଧୁବାରିଷ୍ଟର ଭାବେ ପରିଚ୍ଚିତ ହୋଇଥିଲେ। ତାଙ୍କର ଓକିଲାତି ଜୀବନକାଳରେ ସେ ବହୁ ଜନହିତକର କାର୍ଯ୍ୟ କରିଥିଲେ। ୬ ଜାନୁଆରୀ ୧୯୨୧ ମସିହାରେ ମଧୁବାବୁ ବିହାର ଓଡ଼ିଶାର ମନ୍ତ୍ରୀରୂପେ ନିଯୁକ୍ତି ପାଇଥିଲେ । ସେତେବେଳେ ମନ୍ତ୍ରୀମାନଙ୍କୁ ମାସିକ ବେତନ ମିଳୁଥିଲା। ଇଂରେଜ ସରକାରଙ୍କଠାରୁ ଦରମା ନେଇ କାମ କଲେ ଲୋକଙ୍କୁ ନିରପେକ୍ଷ ସେବା ଦେବା ସମ୍ଭବ ନୁହେଁ ବୋଲି ଯୁକ୍ତି କରି ସେ ଅବୈତନିକ ମନ୍ତ୍ରୀପଦ ପାଇଁ ପ୍ରସ୍ତାବ ରଖିଥିଲେ । ସରକାର ଏଥିରେ ରାଜି ନ ହେବାରୁ ୯ ମାର୍ଚ୍ଚ ୧୯୨୩ରେ ସେ ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ।

ଓଡ଼ିଶାରେ ଚ୍ଚମଡ଼ାଶିଳ୍ପର ବିକାଶ ନିମନ୍ତେ ଉତ୍କଳ ଟ୍ୟାନେରି ଏବଂ ଓ କଟକର ସୁନା-ରୂପାର ତାରକସି କାମ ପାଇଁ ସେ ଉତ୍କଳ ଆର୍ଟ ଓ୍ୱାର୍କସର ପ୍ରତିଷ୍ଠା କରିଥିଲେ।

ଉନ୍ନବିଂଶ ଶତାବ୍ଦୀର ଶେଷାର୍ଦ୍ଧ ବେଳକୁ ଏକ ବିପର୍ଯ୍ୟନ୍ତ ଖଣ୍ଡିତ କଙ୍କାଳରେ ପରିଣତ ହୋଇସାରିଥିଲା ବାଣିଜ୍ୟ ସମୃଦ୍ଧ ବିଶାଳ ଓଡ଼ିଶା। ଉତ୍କଳ ଜନନୀର ପୂର୍ଣ୍ଣାଙ୍ଗ ରୂପ ପ୍ରତିଷ୍ଠା ପାଇଁ ଜାତୀୟ ଆନ୍ଦୋଳନର ପ୍ରାଣପ୍ରତିଷ୍ଠାତା ମଧୁବାବୁଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିଲା ଦୁର୍ବାର ଅଭିଯାନ। ଉତ୍କଳୀୟ ମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ସେ ଗଢ଼ିଥିଲେ ଜାତୀୟ ମହାମଞ୍ଚ ଉତ୍କଳ ସମ୍ମିଳନୀ। ଜାତୀୟତାର ମହାପ୍ରବାହ ସୃଷ୍ଟି କରିବାର ଆକାଂକ୍ଷା ନେଇ ଲେଖିଥିଲେ ପ୍ରାଣ ନିଗିଡ଼ା କବିତା। ଜାତୀୟ ବିକାଶ, ଜାତୀୟ ସମସ୍ୟା, ଜାତୀୟ ଚ୍ଚରିତ୍ର, ଜାତୀୟ ଅସ୍ମିତା ଓ ଜାତୀୟ ସ୍ୱାଭିମାନ ସହିତ ପ୍ରତ୍ୟେକ ଓଡ଼ିଆଙ୍କୁ ଯୋଡ଼ିବାର ସଂକଳ୍ପ ନେଇ ସମ୍ମିଳନୀ ମଣ୍ଡପରୁ ଗାଇଥିଲେ 'ଏଇ ସମ୍ମିଳନୀ ଜାତିପ୍ରାଣ ସିନ୍ଧୁ କୋଟି ପ୍ରାଣ ବିନ୍ଦୁ ଧରେ, ତୋର ପ୍ରାଣ ବିନ୍ଦୁ ମିଶେଇ ଦେ ଭାଇ ଡେଇଁ ପଡ଼ି ସିନ୍ଧୁ ନୀରେ'। ଗଭୀର ଜାତୀୟତାବୋଧର ଉଦବେଳନ ନେଇ ଭାବିଲେ ମନେହୁଏ ଏହା କେବେବି ଜଣେ ସାଧାରଣ କବିର ଆହ୍ୱାନ ନୁହେଁ, ବରଂ ଜଣେ ମହାମାନ୍ତ୍ରିକ ସଞ୍ଜିବନୀ ମନ୍ତ୍ର, ଯେଉଁ ମନ୍ତ୍ରର ଯାଦୁକରୀ ମାୟାରେ ଦିନେ ଚ୍ଚେଇଁ ଉଠିଥିଲା ସମଗ୍ର ଓଡ଼ିଆ ଜାତି।

ତାଙ୍କରି ଲେଖନୀ ନିସୃତ କବିତା ଏବେ ବି ଓଡ଼ିଆଙ୍କ କାନରେ ଠାଇ ଠାଇ ହୋଇ ବାଜେ-

'ଉଠରେ ଉଠରେ ଉତ୍କଳ ସନ୍ତାନ
ଉଠିବୁ ତୁ କେତେ ଦିନେ
ପୂରୁବ ଗୌରବ ପୂରୁବ ସାହସ
ପଡୁ ନାହିଁ କିରେ ତୋର ମନେ ?'

ସେ ଓଡ଼ିଆ ଓ ଇଂରାଜୀରେ ଅନେକ ଉପାଦେୟ ଲେଖା ଲେଖିଯାଇଛନ୍ତି। ତାଙ୍କର କେତୋଟି ଜଣାଶୁଣା ଲେଖା ହେଉଛି, 'ଉତ୍କଳ ସନ୍ତାନ', 'ଜାତି ଇତିହାସ', 'ଜ୍ଞାନୀର ଉକ୍ତି', 'ଜାତୀୟ ଗୀତିକା'। ସେ ମଧ୍ୟ ଓଡ଼ିଆ, ଇଂରାଜୀ ଓ ବଙ୍ଗଳାରେ ଜଣେ ସୁବକ୍ତା ଥିଲେ।

ଏହି ମହାପୁରୁଷ, ଓଡ଼ିଆ ମାଟିର ସ୍ୱାଭିମାନ କୁଳବୃଦ୍ଧ ଉତ୍କଳ ଗୌରବ ମଧୁସୂଦନ ଦାସ ୧୯୩୪ ମସିହା ଫେବୃଆରୀ ୪ ତାରିଖରେ ଓଡ଼ିଶା ବାସୀଙ୍କୁ ଶୋକସାଗରରେ ଭସାଇ ଚ୍ଚାଲିଗଲେ। ତାଙ୍କର ଜୟନ୍ତୀ ଅବସରରେ ମୋର ଭୂମିଷ୍ଠ ପ୍ରଣାମ ଓ ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ





# ଅନୁଗୁଳକୁ ଅପପୁଷ୍ଟି ଅପବାଦ:୫ବର୍ଷରେ ୧୭ଶହ ଶିଶୁଙ୍କୁ କୁପୋଷଣ, ସଚେତନତା ଅଭାବ ବଢ଼ାଉଛି ଅଡୁଆ

**ଅନୁଗୁଳ, ନ୍ୟୁଜ୍ ବ୍ୟୁରୋ**

ବିକଶିତ ଜିଲ୍ଲା ଅନୁଗୁଳକୁ ଅପପୁଷ୍ଟି ଅପବାଦ ଘାରିଛି । ଗତ ୫ ବର୍ଷରେ ଜିଲ୍ଲାରେ ପ୍ରାୟ ୧୭ ଶହ ଶିଶୁ ଅପପୁଷ୍ଟିର ଶିକାର ହୋଇଥିବା ବେଳେ ଏହା ସରକାରୀ ଯୋଜନାର ବିଫଳତାକୁ ପଦାରେ ପକାଇଛି । ଅପପୁଷ୍ଟି ରୋକିବାକୁ ସରକାର ଅନେକ ଯୋଜନା ହାତକୁ ନେଇଛନ୍ତି । ଶିଶୁମାନଙ୍କୁ ରନ୍ଧାଖାଦ୍ୟ ପ୍ରଦାନ ସହ ଅଙ୍ଗନବାଡ଼ି କେନ୍ଦ୍ରରୁ ଦୂରରେ ରହୁଥିବା ଶିଶୁମାନଙ୍କ ଘରେ ଖାଦ୍ୟ ସାମଗ୍ରୀ ପହଞ୍ଚାଇ ଦିଆଯାଉଛି । ତଥାପି ଅନୁଗୁଳ ପରି ଶିକ୍ଷିତ ଓ ଉନ୍ନତ ଜିଲ୍ଲାରେ ଅପପୁଷ୍ଟି ନହଟିବା ଚିନ୍ତାର ବିଷୟ ହୋଇଛି । ସରକାରୀ ତଥ୍ୟ ଅନୁସାରେ, ଜିଲ୍ଲାରେ ଅପପୁଷ୍ଟି କମିଥିଲେ ମଧ୍ୟ ଏହାକୁ ସମ୍ପୂର୍ଣ୍ଣ ରୋକାଯାଇ ପାରିନାହିଁ । ୨୦୨୩-୨୪ରେ ଜିଲ୍ଲାର ୬ ମାସରୁ ୫ ବର୍ଷ ଭିତରେ ରହିଥିବା ୨୦୧ ଜଣ ଶିଶୁ ଅପପୁଷ୍ଟିର ଶିକାର ହୋଇଥିଲେ । ଏହାର ପୂର୍ବ ବର୍ଷ ଏହି ସଂଖ୍ୟା ଅପେକ୍ଷାକୃତ କମ୍ ରହିଥିଲା । ୨୦୨୨-୨୩ରେ ୧୯୬ ଜଣ ଓ ୨୦୨୧-୨୨ରେ ୨୮ ଜଣ ଶିଶୁ ଅପପୁଷ୍ଟିର ଶିକାର ହୋଇଥିବା ଜଣାପଡ଼ିଛି । ଏହା ପୂର୍ବରୁ ଅପପୁଷ୍ଟି ଶିଶୁମାନଙ୍କ ହାର ବେଶ୍ ଅଧିକ ରହିଥିଲା । ୨୦୨୧-୨୨ରେ ୪୫୯ ଜଣ ଶିଶୁ ଓ ୨୦୧୯-୨୦ରେ ୫୬୬ ଜଣ ଶିଶୁଙ୍କୁ ଅପପୁଷ୍ଟି ହୋଇଥିବା ସରକାରୀ ତଥ୍ୟ କହୁଛି । ଏମିତି ଗତ ୫ ବର୍ଷରେ ପ୍ରାୟ ୧୭ ଶହ ଶିଶୁ ଅପପୁଷ୍ଟିର ଶିକାର ହୋଇଛନ୍ତି । ପରିପୂରକ ପୁଷ୍ଟି ଯୋଜନାରେ ଅପପୁଷ୍ଟି ଦୂର କରିବାକୁ ପ୍ରଶାସନ ପକ୍ଷରୁ ଉଦ୍ୟମ କରାଯାଉଥିଲେ ହେଁ ଏହା ନିୟନ୍ତ୍ରଣକୁ ନଆସିବା ଭିନ୍ନ ବାର୍ତ୍ତା ଦେଉଛି । ଜିଲ୍ଲାରେ ୬ ମାସରୁ ୫ ବର୍ଷ ବୟସର ଶିଶୁଙ୍କୁ ବର୍ଷକୁ ୩ ଶହ ଦିନର ପୁଷ୍ଟିକର ଖାଦ୍ୟ ଯୋଗାଇ ଦିଆଯାଉଥିବା କୁହାଯାଉଛି । ପୁଣି ଯେଉଁ ଶିଶୁମାନଙ୍କର ଓଜନ କମ୍ ରହିଛି ଓ ଉପଯୁକ୍ତ ବିକାଶ ହୋଇପାରିନି ସେମାନଙ୍କୁ ନିୟମିତ ଅଣ୍ଡା, ଛତୁଆ ପ୍ରଦାନ କରାଯିବା ସହ ଗୁରୁତର ଥିବା ଶିଶୁମାନଙ୍କୁ ବେସନ ମିଶ୍ରଣ ଅଟା ସହ କଦଳୀ ଓ ଅଣ୍ଡା ଦିଆଯାଉଛି । ଏପଟେ ଜିଲ୍ଲା ଡିଏମ୍ଏଫ୍ ପାଣ୍ଠିରେ ଟଙ୍କାର ଅଭାବ ନାହିଁ । ଏହା ସତ୍ତ୍ୱେ କେମିତି ଅପପୁଷ୍ଟି କମୁନି ତା'କୁ ନେଇ ବୁଦ୍ଧିଜୀବୀ ପ୍ରଶ୍ନ ଉଠାଇଛନ୍ତି । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀଶଙ୍କର ବେହେରା କହିଛନ୍ତି, ଏତେ ଯୋଜନା ଥାଇ ବି ଅପପୁଷ୍ଟି ନ ହଟିବା ନିଶ୍ଚିତ ଭାବେ ଚିନ୍ତାର ବିଷୟ । ଏ ଦିଗରେ ତୃଣମୂଳ ସ୍ତରରେ ଅଧିକ କାମ କରିବାର ଆବଶ୍ୟକତା ରହିଛି । ଗ୍ରାମାଞ୍ଚଳରେ ଅଧିକ ସଚେତନତା ସୃଷ୍ଟି କରାଯିବା ଦରକାର । ଅପପୁଷ୍ଟିରୁ ମୁକୁଳିବା ପାଇଁ ଗାଁ କଲ୍ୟାଣ ସମିତି ବୈଠକରେ ନିୟମିତ ସମୀକ୍ଷା କରାଗଲେ ନିଶ୍ଚିତ ଭାବେ ଏହାର ସୁଫଳ ମିଳିବ । ଏ କ୍ଷେତ୍ରରେ ଆଶାକର୍ମୀ, ଅଙ୍ଗନବାଡ଼ି କର୍ମୀ ଓ ଏଏନ୍ଏମ୍‌ଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଶ୍ରୀ ବେହେରା କହିଛନ୍ତି ।

# ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଚୁକ୍ତି କରି ଓହରୁଛନ୍ତି କମ୍ପାନୀ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଶିଳ୍ପାୟନକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟ ନେଇ ୨୦୧୬ରୁ ରାଜ୍ୟ ସରକାର 'ମେକ୍ ଇନ୍ ଓଡ଼ିଶା' କନ୍‌କ୍ଲେଭ୍ ଆୟୋଜନ କରିଆସୁଛନ୍ତି । ଏଥିମଧ୍ୟରେ ୪ ଥର ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ ହୋଇସାରିଲାଣି । କନ୍‌କ୍ଲେଭ୍‌ରେ ଯୋଗଦେଉଥିବା ଏକାଧିକ କମ୍ପାନୀ ଶିଳ୍ପ ସ୍ଥାପନର ସୁନେଲି ସ୍ୱପ୍ନ ଦେଖାଇ ରାଜ୍ୟ ସରକାରଙ୍କ ସହିତ ଚୁକ୍ତି ସ୍ୱାକ୍ଷର କରୁଛନ୍ତି । ପରବର୍ତ୍ତୀ ସମୟରେ ଚୁକ୍ତି କରୁଥିବା ଅଧିକାଂଶ କମ୍ପାନୀ ଓଡ଼ିଶାରେ ଶିଳ୍ପ ନ ବସାଇ ଓହରି ଯାଉଛନ୍ତି । ଫଳରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଆୟୋଜିତ କନ୍‌କ୍ଲେଭ୍‌ରୁ ଆଶାନୁରୂପ ସଫଳତା ମିଳିପାରୁନାହିଁ । ତାମିଲନାଡୁ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ଗୁଜରାଟ ଆଦି ରାଜ୍ୟ ପରି ଓଡ଼ିଶା ସରକାର ୨୦୧୬ରେ ଦେଶବିଦେଶର ଶିଳ୍ପପତିଙ୍କୁ ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ଦିଗରେ ଆକୃଷ୍ଟ କରିବା ଲକ୍ଷ୍ୟ ନେଇ ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍ ଆୟୋଜନ କରିଥିଲେ । ୨୦୧୬, ୨୦୧୮ ଓ ୨୦୨୨ କନ୍‌କ୍ଲେଭ୍‌ରେ ମୋଟ ୧୬ ଲକ୍ଷ ୭୫ ହଜାର ୧୫୭ କୋଟି ଟଙ୍କାର ୧୦୨୭ଟି ପୁଞ୍ଜିନିବେଶ ପ୍ରସ୍ତାବ ମିଳିଥିଲା । ୨୦୧୬ରେ ୮୪ଟି ନିବେଶ ପ୍ରସ୍ତାବରେ ୨.୦୩ ଲକ୍ଷ କୋଟି ଟଙ୍କାର ନିବେଶ ପ୍ରତିଶ୍ରୁତି ସହ ୧ ଲକ୍ଷ ୩୭ ହଜାର ୬୩୪ ଜଣଙ୍କୁ ନିଯୁକ୍ତି ସୁଯୋଗ ସମ୍ଭାବନା ରହିଥିଲା । ୨୦୧୮ରେ ୨୦୨ଟି ନିବେଶ ପ୍ରସ୍ତାବରେ ୪.୨୩ ଲକ୍ଷ କୋଟି ଟଙ୍କାର ନିବେଶ ସମ୍ଭାବନା ସୃଷ୍ଟି ହୋଇଥିଲା । ୨୦୨୨ରେ ୭୪୧ଟି ନିବେଶ ପ୍ରସ୍ତାବ ମାଧ୍ୟମରେ ୧୦.୪୮ ଲକ୍ଷ କୋଟି ଟଙ୍କାର ନିବେଶ ପ୍ରତିଶ୍ରୁତି ମିଳିଥିଲା । ସେହିପରି ୨୦୨୫ ଜାନୁଆରୀ ୨୮ ଓ ୨୯ରେ ଆୟୋଜିତ ହୋଇଥିବା ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍‌ରେ ସର୍ବାଧିକ ୧୫ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ କରିବା ସକାଶେ ୧୪୫ଟି କମ୍ପାନୀ ସହିତ ବୁଝାମଣା ସ୍ୱାକ୍ଷରିତ ହୋଇଛି । ତେବେ ଅତୀତର ଅର୍ଥାତ୍ ୨୦୧୬, ୨୦୧୮ ଓ ୨୦୨୨ର ୩ଟି ସଂସ୍କରଣରେ ମୋଟ ୧୦୨୭ଟି ନିବେଶ ପ୍ରସ୍ତାବ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୨୨୦ଟି ପ୍ରସ୍ତାବ କାର୍ଯ୍ୟକ୍ଷମ ହୋଇଥିବାବେଳେ ୮୦୭ଟି ନିବେଶ ପ୍ରସ୍ତାବ ଶୀତଳ ଭଣ୍ଡାରରେ ପଡ଼ିଛି । ୨୦୧୬ରେ ଚୁକ୍ତି ହୋଇଥିବା ୮୪ଟି ନିବେଶ ପ୍ରସ୍ତାବ ମଧ୍ୟରୁ ମାତ୍ର ୩୬ଟି ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇଥିବା ଶିଳ୍ପ ବିଭାଗ ତଥ୍ୟରୁ ଜଣାପଡିଛି । ୨୦୧୮ରେ ୨୦୨ଟି ନିବେଶ ପ୍ରସ୍ତାବରୁ ପ୍ରାୟ ୩୬% ଅର୍ଥାତ୍ ୭୩ଟି ପ୍ରସ୍ତାବ ଶିଳ୍ପ ସ୍ଥାପନ ହୋଇଛି । ୨୦୨୨ରେ ୭୪୧ଟି ଚୁକ୍ତି ମଧ୍ୟରୁ ୧୧୧ଟି ନିବେଶ ପ୍ରସ୍ତାବ ସଫଳ ହୋଇଛି । ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ ଆୟୋଜନ ପୂର୍ବରୁ ୨୦୦୨ରୁ ୨୦୧୫ ମଧ୍ୟରେ ରାଜ୍ୟ ସରକାର ସିଙ୍ଗଲ୍‌ୱିଣ୍ଡୋ ମାଧ୍ୟମରେ ୨୯୧ଟି ବୃହତ୍ ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ କରିଥିଲେ । ୨୦୦୨ରୁ ୨୦୨୩ ସୁଦ୍ଧା ରାଜ୍ୟରେ ମୋଟ୍ ୨୦.୭୧ କୋଟି ଟଙ୍କାର ୮୦୮ଟି ଶିଳ୍ପ ପ୍ରକଳ୍ପକୁ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ ଅନୁମୋଦନ ମିଳିଥିବା ଜଣାପଡ଼ିଛି । ୧୦ ବର୍ଷରେ ରାଜ୍ୟ ସରକାର ବିଭିନ୍ନ ସଂସ୍ଥା ସହ ଶିଳ୍ପ ସ୍ଥାପନ ନିମନ୍ତେ ମୋଟ ୭୯୧ଟି ଏମ୍ଓୟୁ ସ୍ୱାକ୍ଷର କରିଛନ୍ତି । ଏମ୍ଓୟୁ ସ୍ୱାକ୍ଷର କରିଥିବା ଶିଳ୍ପସଂସ୍ଥା ମଧ୍ୟରୁ ମୋଟ ୪୦ଟି ପ୍ରକଳ୍ପକୁ ରାଜ୍ୟ ସରକାର ୬୪୨୧.୫୧୪ ଏକର ଜମି ଦେଇଛନ୍ତି । ଯେଉଁଥିରେ ୧୯୦୯.୫୨୫ ଏକର ସରକାରୀ ଓ ୪୫୧୧.୯୮୯ ଏକର ଘରୋଇ ଜମି ରହିଛି । ୨୦୧୬ରେ 'ମେକ୍ ଇନ୍ ଓଡ଼ିଶା' କନ୍‌କ୍ଲେଭ୍ ଆୟୋଜନ ହୋଇଥିଲା । ଏଥିପାଇଁ ପ୍ରାୟ ୧୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ୨୦୧୮ରେ ୩୨ କୋଟି ୬୨ ଲକ୍ଷ ୭୨ ହଜାର ୫୬୩ ଟଙ୍କା ଓ ୨୦୨୨ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍‌ରେ ୫୭.୭୩ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା । ୨୦୨୫ରେ ହୋଇଥିବା ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍‌ରେ ରାଜ୍ୟ ସରକାର ୧୦୦ କୋଟି ଟଙ୍କା ଖର୍ଚ୍ଚ କରିଥିବା ଜଣାପଡ଼ିଛି । ତେବେ ଚୁକ୍ତି କରି ଶିଳ୍ପ ସଂସ୍ଥା ଖୋଲି ନିବେଶ କରିବାର ପ୍ରତିଶ୍ରୁତି ପରେ ଅନେକେ ବିଭିନ୍ନ କାରଣରୁ ଓହରି ଯାଉଥିବା ଦେଖିବାକୁ ମିଳୁଛି ।

# ୩ ବର୍ଷରେ ୮୧୯ ନାବାଳିକା ଦୁଷ୍କର୍ମର ଶିକାର

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଦକ୍ଷିଣାଞ୍ଚଳ ପୋଲିସ ରେଞ୍ଜ ଅଧୀନରେ ରହିଥିବା ୫ଟି ପୋଲିସ ଜିଲ୍ଲାରେ ଗତ ତିନିବର୍ଷ ମଧ୍ୟରେ ୮୧୯ ନାବାଳିକା ଦୁଷ୍କର୍ମ ମାମଲା ରୁଜୁ ହୋଇଛି । ତନ୍ମଧ୍ୟରୁ ଗଞ୍ଜାମ ଜିଲ୍ଲାରେ ଦରଜ ହୋଇଛି ସର୍ବାଧିକ ୪୯୯ ମାମଲା । ନାବାଳିକାଙ୍କୁ କିପରି ସୁରକ୍ଷା ଦିଆଯାଇପାରିବ ତାହା ଏବେ ପୋଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି । ନାବାଳିକା ଦୁଷ୍କର୍ମକାରୀଙ୍କୁ କଠୋର ଦଣ୍ଡ ଦେବା ପାଇଁ ଏବଂ ମାମଲାର ତ୍ୱରିତ୍ ବିଚାରଣା ଲାଗି ୨୦୧୨ ମସିହାରେ ପୋକ୍‌ସୋ ଆଇନ୍ କାର୍ଯ୍ୟକାରୀ କରାଯାଇଥିଲା । ଏଥିପାଇଁ ସାରା ଦେଶରେ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ତଥା ଫାଷ୍ଟଟ୍ରାକ୍ କୋର୍ଟ ପ୍ରତିଷ୍ଠା କରାଯାଇଛି । ନାବାଳିକାଙ୍କୁ ନ୍ୟାୟ ପ୍ରଦାନ କ୍ଷେତ୍ରରେ ଏହି କୋର୍ଟଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । କିନ୍ତୁ ଦୁଷ୍କର୍ମ ଘଟଣାକୁ ରୋକିବା ଦିଗରେ ପୋଲିସ ସେତେଟା ସଫଳ ହୋଇପାରୁନାହିଁ । ଦକ୍ଷିଣାଞ୍ଚଳ ପୋଲିସ ରେଞ୍ଜରେ ଗତ ୨୦୨୨ରୁ ୨୦୨୪, ତିନି ବର୍ଷ ମଧ୍ୟରେ ଦୁଷ୍କର୍ମ ମାମଲା ବୃଦ୍ଧି ପାଇଛି । ଗତ ୨୦୨୨ରେ ୫ଟି ପୋଲିସ ଜିଲ୍ଲାରେ ମୋଟ୍ ୨୫୨ ମାମଲା ରୁଜୁ ହୋଇଥିବା ବେଳେ ୨୦୨୩ରେ ୨୬୨ ଓ ୨୦୨୪ରେ ଏହା ୩୦୫ରେ ପହଞ୍ଚିଥିଲା । ସେହିପରି ଗଞ୍ଜାମ ପୋଲିସ ଜିଲ୍ଲାରେ ଏହି ତିନିବର୍ଷରେ ୨୫୦ ମାମଲା ରୁଜୁ ହୋଇଛି । ବ୍ରହ୍ମପୁର ପୋଲିସ ଜିଲ୍ଲାରେ ୨୪୯ ମାମଲା ରୁଜୁ ହୋଇଥିବା ବେଳେ କନ୍ଧମାଳ ଜିଲ୍ଲାରେ ୧୪୮, ଗଜପତି ଜିଲ୍ଲାରେ ୧୨୬ ଓ ବୌଦ୍ଧ ଜିଲ୍ଲାରେ ୪୬ ନାବାଳିକା ଦୁଷ୍କର୍ମ ମାମଲା ରୁଜୁ ହୋଇଥିଲା । ପ୍ରତ୍ୟେକ ଥାନାରେ ମହିଳା ଓ ଶିଶୁ ଡେସ୍କ କାର୍ଯ୍ୟକ୍ଷମ ରହିଛି । ବିଭିନ୍ନ ସମୟରେ ଏହି ଡେସ୍କର ଅଧିକାରୀ ସଚେତନତା କାର୍ଯ୍ୟକ୍ରମ ମଧ୍ୟ କରୁଛନ୍ତି । ତଥାପି ବିଭିନ୍ନ କାରଣରୁ ନାବାଳିକା ଦୁଷ୍କର୍ମ ଘଟଣା ବଢ଼ି ଚାଲିଛି । ଏ ସମ୍ପର୍କରେ ଏମ୍‌କେସିଜି ମେଡିକାଲ୍ ମାନସିକ ରୋଗ ବିଭାଗର ପ୍ରଫେସର ଡା. ଚନ୍ଦ୍ରଶେଖର ତ୍ରିପାଠୀ କହିଛନ୍ତି, ଦୁଷ୍କର୍ମ ଚିନ୍ତାଧାରା ଅଧିକାଂଶ କ୍ଷେତ୍ରରେ ଏକ ମାନସିକ ବିକୃତିଜନିତ ରୋଗ । ଏହାକୁ ଚିକିତ୍ସା ବିଜ୍ଞାନରେ 'ପେଡୋଫିଲିଆ' ବୋଲି କୁହାଯାଏ । ଏହି ରୋଗରେ ବିଭିନ୍ନ ବୟସର ବ୍ୟକ୍ତି ଆକ୍ରାନ୍ତ ହୋଇଥାନ୍ତି ଓ ଏହାର ଲକ୍ଷଣ ହେଲା, ଛୋଟ ପିଲାଙ୍କ ପ୍ରତି ଆକର୍ଷିତ ହେବା । ଅନେକ ସମୟରେ ସେମାନେ ଦୁଷ୍କର୍ମ ଘଟାଇଥାନ୍ତି । ଚିକିତ୍ସା ଦ୍ୱାରା ଏହି ରୋଗରୁ ଉପଶମ ସମ୍ଭବ ବୋଲି ପ୍ରଫେସର ତ୍ରିପାଠୀ କହିଛନ୍ତି ।

# ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନରେ ବିଳମ୍ବ:ଭତ୍ତା ଓ ଅନ୍ୟାନ୍ୟ ସୁବିଧାରୁ ବଞ୍ଚିତ ବହୁ ଯୋଗ୍ୟ ହିତାଧିକାରୀ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ବିଜେପି କ୍ଷମତାକୁ ଆସିବା ପରେ ବିଭିନ୍ନ ସରକାରୀ ଯୋଜନା ଧୂମେଇ ଯାଇଥିବା ଖୋଦ୍ ହିତାଧିକାରୀମାନେ ଅଭିଯୋଗ କରିଛନ୍ତି । ଏଥିରୁ ବାଦ୍ ପଡ଼ିନାହାନ୍ତି ଦିବ୍ୟାଙ୍ଗ ବା ଭିନ୍ନକ୍ଷମ । ଭିନ୍ନକ୍ଷମଙ୍କ ପାଇଁ ଉର୍ଦ୍ଦିଷ୍ଟ ତଥା ଅତ୍ୟାବଶ୍ୟକୀୟ ପ୍ରମାଣପତ୍ର ମିଳିବାରେ ବହୁ ବିଳମ୍ବ ହେଉଥିବା ଅଭିଯୋଗ ହୋଇଛି । ଫଳରେ ଭିନ୍ନକ୍ଷମଙ୍କୁ ପ୍ରମାଣପତ୍ର ହାସଲ କରିବା ପାଇଁ ଦୀର୍ଘ ଦିନ ଅପେକ୍ଷା କରିବାକୁ ପଡୁଛି । ଏଭଳି ପରିସ୍ଥିତି ଯୋଗୁଁ ବର୍ତ୍ତମାନ ଜିଲ୍ଲାରେ ପ୍ରାୟ ୧୦ ହଜାରରୁ ଅଧିକ ଭିନ୍ନକ୍ଷମ ପ୍ରମାଣପତ୍ର ପାଇବାକୁ ଅପେକ୍ଷା କରିଥିବା ବେଳେ ସରକାରଙ୍କ ବିଭିନ୍ନ ଯୋଜନାରୁ ବଞ୍ଚିତ ହେଉଛନ୍ତି । ପୋର୍ଟାଲ୍‌ରେ ଆବେଦନ ପରେ ଜିଲ୍ଲା ଭିନ୍ନକ୍ଷମ ବୋର୍ଡ଼ର ନିକଟରେ ହାଜର ହେବା ସତ୍ତ୍ୱେ ମାସ ମାସ ଧରି ଯୋଗ୍ୟ ଭିନ୍ନକ୍ଷମଙ୍କୁ ପ୍ରମାଣପତ୍ର ମିଳୁନଥିବା ଜଣାପଡ଼ିଛି । ଭାଟକୁମୁରୁଡ଼ା ଗ୍ରାମର ୫ବର୍ଷର ଶିଶୁ ଭିନ୍ନକ୍ଷମ ପ୍ରମାଣପତ୍ରର ଅବଧି ସରିଯାଇଥିବା ବେଳେ ଏହାର ନବୀକରଣ ପାଇଁ ସେ ଗତବର୍ଷ ଅଗଷ୍ଟ ୯ ତାରିଖରେ ଆବେଦନ କରିଥିଲେ । ତେବେ ବର୍ତ୍ତମାନ ସୁଦ୍ଧା ତାଙ୍କର ଭିନ୍ନକ୍ଷମ ପ୍ରମାଣପତ୍ର ମିଳିପାରିନାହିଁ । ସାନ ଭାଇଙ୍କ ପ୍ରମାଣପତ୍ର ନିମନ୍ତେ ବଡ଼ଭାଇ ବାରମ୍ବାର ସିଟି ହସ୍‌ପିଟାଲ୍ ପରିସରରେ ଥିବା ଜିଲ୍ଲା ଭିନ୍ନକ୍ଷମ କାର୍ଯ୍ୟାଳୟକୁ ଆସି ପ୍ରମାଣପତ୍ର ସମ୍ପର୍କରେ ପଚାରି ଫେରିଯାଉଥିବା ସେ ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷରେ ଭିନ୍ନକ୍ଷମ ପ୍ରମାଣପତ୍ର ଅବଧି ନଥିବାରୁ ସାନଭାଇ ଭତ୍ତାରୁ ବଞ୍ଚିତ ହୋଇଥିବା ସେ କହିଛନ୍ତି । ପୂର୍ବରୁ ଯେତେବେଳେ ପ୍ରତ୍ୟକ୍ଷ ଭାବେ ଆବେଦନ ହେଉଥିଲା ସେହି ସମୟରେ ୩ ଜଣ ଡ଼ାକ୍ତର ଓ ସିଡ଼ିଏମ୍ଓଙ୍କ ଦ୍ୱାରା ପ୍ରମାଣପତ୍ର ପ୍ରଦାନ କରାଯାଉଥିଲା । ବର୍ତ୍ତମାନ ଅନ୍‌ଲାଇନ୍ ପ୍ରକ୍ରିୟା ଆରମ୍ଭ କରାଯାଇ ଏହାକୁ ସରଳୀକରଣ କରାଯାଇ ଜଣେ ବିଭାଗୀୟ ଡ଼ାକ୍ତରଙ୍କ ଦ୍ୱାରା ଯାଞ୍ଚ ପରେ ପ୍ରମାଣପତ୍ର ପ୍ରଦାନ କରୁଛନ୍ତି । ଭିନ୍ନକ୍ଷମଙ୍କ ପ୍ରମାଣପତ୍ର ଆବେଦନ ଓ ପ୍ରଦାନ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ସ୍ୱତନ୍ତ୍ର ପୋର୍ଟାଲ୍ ରହିଛି । ଏହି ପୋର୍ଟାଲ୍‌ରେ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ଆବେଦନ ପରେ ଏହାକୁ ଯାଞ୍ଚ କରି ପ୍ରମାଣପତ୍ର ପ୍ରଦାନ ନିମନ୍ତେ ସିଟି ହସ୍‌ପିଟାଲ୍‌ରେ ଜିଲ୍ଲା ଭିନ୍ନକ୍ଷମ ବୋର୍ଡ଼ ରହିଛି । ଏଠାରେ ପ୍ରାୟ ୪ ଜଣ କର୍ମଚାରୀ ନିୟୋଜିତ ଥିବା ବେଳେ ପୂର୍ବରୁ ଆବେଦନ ପାଇଁ ଏକାଧିକ କମ୍ପ୍ୟୁଟର ବ୍ୟବହାର କରାଯାଇ ପୋର୍ଟାଲ୍‌କୁ ଲଗ୍‌ଇନ୍ କରାଯାଉଥିଲା । କିନ୍ତୁ ବର୍ତ୍ତମାନ ଏହା ସମ୍ଭବପର ହେଉନାହିଁ । କେବଳ ଗୋଟିଏ କମ୍ପ୍ୟୁଟରରେ ପୋର୍ଟାଲ୍‌କୁ ଲଗ୍‌ଇନ୍ କରାଯାଇପାରୁଛି । ଇତି ମଧ୍ୟରେ ରାଜ୍ୟରେ ଭିନ୍ନକ୍ଷମଙ୍କ ଭତ୍ତା ବୃଦ୍ଧି ପାଇ ଶତକଡ଼ା ୮୦ ଭାଗରୁ ଅଧିକ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ମାସିକ ୩୫୦୦ ଟଙ୍କା ପ୍ରଦାନ କରିବାକୁ ଘୋଷଣା କରାଯାଇଛି । ତେବେ ଜିଲ୍ଲାରେ କେବଳ ଗୋଟିଏ ସିଷ୍ଟମ୍‌ରେ ପୋର୍ଟାଲ୍ ଖୋଲି ପ୍ରମାଣପତ୍ର ପ୍ରଦାନ କରିବାରେ ବିଳମ୍ବ ହେଉଛି । ଫଳରେ ଜିଲ୍ଲାରେ ବର୍ତ୍ତମାନ ପ୍ରାୟ ୧୦ ହଜାରରୁ ଅଧିକ ଭିନ୍ନକ୍ଷମଙ୍କ ପ୍ରମାଣପତ୍ର ଆବେଦନ ଯାଞ୍ଚ ନହୋଇ ପଡ଼ିରହିଛି । ଗତ ବର୍ଷ ଅଗଷ୍ଟରେ ଆବେଦନ ହୋଇଥିବା ଆବେଦନର ବର୍ତ୍ତମାନ ଯାଞ୍ଚ ହେଉଥିବା ବେଳେ ଅପେକ୍ଷାରେ ଥିବା ଅନ୍ୟ ସହସ୍ରାଧିକ ଆବେଦନ ଗୁଡ଼ିକର କେବେ ଯାଞ୍ଚ ଶେଷ ହେବ ଓ ସେମାନଙ୍କୁ ପ୍ରମାଣପତ୍ର ମିଳିବ ତାକୁ ନେଇ ଉଠିଛି ପ୍ରଶ୍ନ । ତେଣୁ ଭିନ୍ନକ୍ଷମ ପ୍ରମାଣପତ୍ର ଯାଞ୍ଚ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରି ଯୋଗ୍ୟ ହିତାଧିକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଗଲେ ସେମାନେ ବିଭିନ୍ନ ସରକାରୀ ଯୋଜନାରେ ଉପଲବ୍ଧ ସୁବିଧା ଓ ଭତ୍ତା ପାଇପାରନ୍ତେ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି ।

# ଦଶ ହଜାର ଦେଇ ଠକିଦେଲା ଶାନ୍ତିଲତା

## ହାତ ଗୋଡ଼ ହରାଇ ଚିକିତ୍ସା ସହାୟତା ଅପେକ୍ଷାରେ ତାପସ



**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ଗତ ଏପ୍ରିଲ ମାସ ଦୁଇ ତାରିଖରେ ନରଣପୁରର ହଳଦିଆଟାଙ୍ଗିରି ନିକଟରେ ଶାନ୍ତିଲତା ବସ୍ ଦୁର୍ଘଟଣାରେ ଗୁରୁତର ଆହତ ତାପସ କୁମାର ନାଏକଙ୍କୁ ସମାଜସେବୀ ପ୍ରିୟବ୍ରତ କମଳକୃଷ୍ଣ ନାୟକ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଡାକ୍ତର ପରୀକ୍ଷା ପରେ ପ୍ରାରମ୍ଭିକ ଚିକିତ୍ସା ପ୍ରଦାନ କରି କଟକ ସ୍ଥାନାନ୍ତର କରିଥିଲେ । ଗତ ଏପ୍ରିଲ ତିନି ତାରିଖରେ ତାଙ୍କୁ ଏକ ଘରୋଇ ଡାକ୍ତରଖାନାରେ ଅସ୍ତ୍ରୋପଚାର ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା । ସେଠାରେ ଅବସ୍ଥା ଗୁରୁତର ଥିବାରୁ ତାଙ୍କର ଡାହାଣ ଗୋଡ଼ କାଟିବାକୁ ପଡିଥିବା ବେଳେ ବାମ ଗୋଡ଼ର ଆଙ୍ଗୁଳି କାଟିବାକୁ ପଡିଥିଲା । ଏହା ସହିତ ତାପସର ବାମ ହାତର ଅବସ୍ଥା ଗୁରୁତର ଥିବାରୁ ଅସ୍ତ୍ରୋପଚାର ପରେ ବାମ ହାତ ଓ ଗୋଡ଼ର ପ୍ଲାଷ୍ଟିକ୍ ସର୍ଜରି କରିବାକୁ ପଡିଲା । ସେତେବେଳେ ଶାନ୍ତିଲତା ବସ ତାପସଙ୍କ ଚିକିତ୍ସା ଖର୍ଚ୍ଚ ଓ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିବାର ପ୍ରତିଶ୍ରୁତି ଟାଉନ୍ ଥାନା ଅଧିକାରୀଙ୍କ ମାଧ୍ୟମରେ ଦେଇଥିଲା । ବିଳମ୍ବିତ ରାତିରେ ତାପସ ଘରୋଇ ଡାକ୍ତରଖାନାରୁ ଡିସ୍‌ଚାର୍ଜ ହେବା ପରେ ସମ୍ପୂର୍ଣ୍ଣ ସୁସ୍ଥ ହୋଇନଥିବା ଯୋଗୁ ଚିକିତ୍ସା ପାଇଁ ଅନେଇ ବସିଛନ୍ତି । ଶାନ୍ତିଲତା ବସ୍ ମାତ୍ର ଦଶ ହଜାର ଟଙ୍କା ଦେଇ ଆଉ ଧାରା ଛୁଆଁ ଦେଉନାହିଁ ବୋଲି ତାପସଙ୍କ ପରିବାର ଅଭିଯୋଗ କରିଛନ୍ତି । ସେପଟେ ବିଏସ୍‌କେୱାଇ କାର୍ଡରେ ମଧ୍ୟ ଟଙ୍କା ସାରିଯାଇଥିବା କାରଣରୁ ଆର୍ଥିକ ସମସ୍ୟା ଯୋଗୁ ଆଗକୁ ଚିକିତ୍ସା କରିବା ତାଙ୍କ ପାଇଁ ସ୍ୱପ୍ନ ପାଲଟିଛି । ତାପସର ପରିବାର ଅତି ଗରିବ ଓ ଭୟଙ୍କର ଅଭାବ ଅନାଟନ ଭିତରେ ଦିନ କାଟୁଥିବା ବେଳେ ସେ ପରିବାରର ଏକ ମାତ୍ର ରୋଜଗାରିଆ ବ୍ୟକ୍ତି ଥିଲା । ମୂଲ ମଜୁରୀ କରି ସେ ପରିବାର ପ୍ରତିପୋଷଣ କରୁଥିଲା । ତାର ଦୁଇଟି ଛୋଟ ଛୋଟ ପିଲା ଥିବାବେଳେ ଘର ଚଳାଇବା ପାଇଁ ରୋଜଗାର କରିବା ପାଇଁ ଆଉ କେହିନାହାନ୍ତି । ଘରେ ପହଞ୍ଚିବା ପରେ ପୁଣିଥରେ ଅସୁସ୍ଥ ହୋଇପଡିବା ଯୋଗୁ ପୁନର୍ବାର ତାକୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିବାକୁ ପରିବାର ଲୋକେ ବାଧ୍ୟ ହୋଇଛନ୍ତି । ଜିଲ୍ଲା ପ୍ରଶାସନ ପକ୍ଷରୁ ତାପସଙ୍କ ଅଧିକ ଚିକିତ୍ସା ପାଇଁ ଆର୍ଥିକ ବ୍ୟବସ୍ଥା କରାଯିବା ସହିତ ତାପସର ପୁନର୍ବାସ ଥଇଥାନ କରାଯିବାର ବ୍ୟବସ୍ଥା କରିବା ପାଇଁ ପରିବାର ଓ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି ।



# ବର୍ଷକ ପରେ ଖୋଲିଲା ଅଙ୍ଗନୱାଡ଼ି କେନ୍ଦ୍ରର ତାଲା

**ନନ୍ଦପୁର, ନ୍ୟୁଜ୍ ବ୍ୟୁରୋ**

ଲମତାପୁଟ ବ୍ଲକ ନନ୍ଦପୁର ଥନା ଅଧିନ ଟିକରପଡ଼ା ପଞ୍ଚାୟତର ପଞ୍ଜାଲ ଗ୍ରାମରେ ଅଙ୍ଗନବାଡ଼ି ଦିଦି ମାସ ମାସ ଧରି ଅଙ୍ଗନବାଡ଼ି କେନ୍ଦ୍ରକୁ ଆସୁନଥିବା ନେଇ ଗାଁ ଲୋକେ ବ୍ଲକ ପ୍ରଶାସନକୁ ଅଭିଯୋଗ କରିବା ସହ ଅଙ୍ଗନବାଡ଼ି କେନ୍ଦ୍ରରେ ତାଲା ପକାଇଦେଇଥିଲେ । ବର୍ଷେ ହେଲା ପିଲାମାନେ ବାରଣ୍ଡାରେ ପାଠ ପଢୁଥିଲେ । ଲମତାପୁଟ ତହସିଲଦାର ଦିବାକର ବାଗ, ସିଡିପିଓ ସନ୍ଧ୍ୟା ରାଣୀ ପାତ୍ର, ସୁପର ଭାଇଜର ଭାଗିଦେଇ ଶିସା, ନନ୍ଦପୁର ପୋଲିସ ଏଏସ୍ଆଇ ଗୁପ୍ତେଶ୍ୱର ଗୌଡ଼, ହାବିଲ୍‌ଦାର ପୂର୍ଣ୍ଣଚନ୍ଦ୍ର ନାୟକ ଓ ପୋଲିସ ଟିମ୍ ଉପସ୍ଥିତିରେ ଅଙ୍ଗନ୍ୱାଡି କେନ୍ଦ୍ରର ଖୋଲା ଯାଇଥିଲା ସୂଚନା ଅନୁଯାୟୀ ଅଙ୍ଗନବାଡ଼ି ଦିଦି ସୁମିତ୍ରା ଅଙ୍ଗେଲ ମାସ ମାସ ଧରି ଅଙ୍ଗନବାଡ଼ି କେନ୍ଦ୍ରକୁ ନଆସି ଶିଶୁମାନଙ୍କୁ ଖାଦ୍ୟ ବଣ୍ଟନରେ ଅବହେଳା କରୁଥିଲେ । ଏହି ଘଟଣାକୁ ନେଇ ଗତବର୍ଷ ଅଗଷ୍ଟ ମାସରେ ଦିଦି ଆସୁନଥିବା ଅଭିଯୋଗକୁ ନେଇ ପ୍ରଥମେ ସିଡିପିଓ ପରିଦର୍ଶନ କରି ଫେରିଥିବା ବେଳେ ଗତ ବର୍ଷ ଅଗଷ୍ଟରେ ଉପଜିଲ୍ଲା ବେଣୁଧର ଶବରଙ୍କ ନିର୍ଦ୍ଦେଶକ୍ରମେ ତହସିଲଦାର କମଲେସ ମହନ୍ତ, ସୁପରଭାଇଜର ସୋମନାଥ ମୁଦୁଲି, ଆର୍ଆଇ ଚନ୍ଦ୍ର ଶେଖର ବେହେରା ପ୍ରମୁଖ କେନ୍ଦ୍ର ପରିଦର୍ଶନ କରିଥିଲେ । ଉକ୍ତ ଘଟଣାକୁ ନେଇ ପ୍ରଶାସନିକ ଅଧିକାରୀଙ୍କ ଗାଁ ଲୋକଙ୍କୁ ବୁଝା ସୁଝା ପରେ ଅଙ୍ଗନବାଡ଼ି ଦିଦି ସୁମିତ୍ରା ଅଙ୍ଗେଲଙ୍କୁ ମଧ୍ୟ ତାଗିଦ୍ କରିଥିଲେ ।

# ବଲାଙ୍ଗିର ପୃଥ୍ୱୀରାଜ ଗୋଶାଳାରେ ଗୋବରରୁ ତିଆରିହେଉଛି ଉତ୍କୃଷ୍ଟ କାଠ

**ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗିର ପୃଥ୍ୱୀରାଜ ଗୋଶାଳା ଠାରେ ମେସିନ୍ ସାହାଯ୍ୟରେ ଗୋବରରୁ ଜାଳେଣି କାଠ ତିଆରି କରୁଛନ୍ତି । ଗୋ କାଷ୍ଟ ମେସିନ୍ ଓ ପରିବେଶର ସଂରକ୍ଷଣ ଉପରେ ଅଖିଳ ଭାରତୀୟ ମାରଓ୍ୱାଡ଼ି ମହିଳା ସମ୍ମେଳନର ପ୍ରାନ୍ତୀୟ ଅଧ୍ୟକ୍ଷା ବବିତା ଅଗ୍ରଓ୍ୱାଲ ଓ ବରିଷ୍ଠ ସଦସ୍ୟା ମୀରା କେଜରିଓ୍ୱାଲ, ସରଳା ଅଗ୍ରଓ୍ୱାଲ, ବଲାଙ୍ଗିର ମାରଓ୍ୱାଡ଼ି ମହିଳା ସମିତିର ସଭାପତି ଲକ୍ଷ୍ମୀ ଅଗ୍ରଓ୍ୱାଲ ସମ୍ପାଦିକା ଜ୍ୟୋତି ଅଗ୍ରଓ୍ୱାଲ କୋଷାଧ୍ୟକ୍ଷ ସୁଧା ଅଗ୍ରଓ୍ୱାଲ ଏବଂ ଗୋଶାଳା କମିଟିର ପ୍ରଫୁଲ୍ଲ ଜୈନ, ଜୟରାମ ଅଗ୍ରଓ୍ୱାଲ ରବି କୁମାର ଅଗ୍ରଓ୍ୱାଲ, ପଓ୍ୱନ୍ ଅଗ୍ରଓ୍ୱାଲ ସମେତ ବହୁ ସଂଖ୍ୟାରେ ମହିଳା ସମିତିର ସଦସ୍ୟାମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ମାରଓ୍ୱାଡ଼ି ମହିଳା ସମ୍ମେଳନ ପକ୍ଷରୁ ବଲାଙ୍ଗିରର ଠିକାଦାର ପଡ଼ା ଠାରେ ଥିବା ପୃଥ୍ୱୀରାଜ ଗୋଶାଳାରେ ହରିଦ୍ୱାରରୁ ଆସିଥିବା ପୂଜ୍ୟ ସ୍ୱାମୀ ପ୍ରମାର୍ଥ ଦେବ ଓ ତାଙ୍କ ଟିମ୍, ମହିଳା ସମ୍ମେଳନର ସଦସ୍ୟା ମାନେ ଏହାର ମହତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ ଓ ଗୋ ପୂଜନ ସହ ଗୋ କାଷ୍ଟ ମେସିନ୍ ବାବଦରେ ଓ ପରିବେଶ ସୁରକ୍ଷା ଉପରେ ଦିଗ୍‌ଦର୍ଶନ ଦେଇଥିଲେ । ଜଙ୍ଗଲ ଏବଂ ପରିବେଶ ସୁରକ୍ଷା ପାଇଁ ଏହା ଅଭିନବ ପ୍ରୟାସ ବୋଲି କୁହାଯାଉଛି । ପୂର୍ବ କାଳରେ କୃଷି ପାଇଁ ବହୁଳ ଭାବରେ ଗୋପାଳନ କରାଯାଉଥିଲା । କିନ୍ତୁ, ବର୍ତ୍ତମାନର ଆଧୁନିକ ଯୁଗରେ କୃଷି କ୍ଷେତ୍ରରେ ଆଧୁନିକ ଯନ୍ତ୍ରପାତିର ପ୍ରୟୋଗ ଯୋଗୁ ଗୋରୁ ଗାଈ ସଂଖ୍ୟା କମିବାରେ ଲାଗିଲା । ଗୋରୁଗୋବର ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ କୃଷକମାନଙ୍କ ଅଭିବୃଦ୍ଧି ସହିତ ପରିବେଶ ସଂରକ୍ଷଣରେ ସହାୟକ ହେଉଛି । ଆଧୁନିକ ଯୁଗରେ କାଠର ବିକଳ୍ପ ରୂପେ ଗୋବରରୁ ଗୋବର କାଠ ତିଆରି ହେଉଛି । ଜଙ୍ଗଲ ସଂରକ୍ଷଣରେ ପ୍ରମୁଖ ଭୂମିକା ନେବା ସହିତ ପ୍ରଦୂଷଣ ନିୟନ୍ତ୍ରଣ କରିଥାଏ । ହିନ୍ଦୁ ସମାଜରେ ମୃତଦେହ ଦାହ ପାଇଁ କାଠ ବ୍ୟବହାର ହୋଇଥାଏ । ବର୍ତ୍ତମାନ ଯୁଗରେ ଜଙ୍ଗଲ କ୍ଷୟ ଯୋଗୁ କାଠର ଘୋର ଅଭାବ ଦେଖାଦେଇଛି । ଏହାର ବିକଳ୍ପ ଭାବେ ଗୋ-କାଷ୍ଟକୁ ବ୍ୟବହାର କରିବାକୁ ମହିଳା ସମ୍ମେଳନର ସଦସ୍ୟାମାନେ ମତ ଦେଇଛନ୍ତି । ତେବେ ଏହି ସବୁ କାରଣକୁ ଆଖି ଆଗରେ ଗୋକାଷ୍ଠ ତିଆରି ମେସିନ୍ ଲଗାଇ ଗୋକାଷ୍ଠ ତିଆରି କରୁଛନ୍ତି । ଗୋଶାଳାରୁ ବାହାରୁ ଥିବା ଗୋବର ଜମାହୋଇ ନଷ୍ଟ ହେଉଥିଲା । ଗୋବର ଠିକ୍ ବ୍ୟବହାର ବିଷୟରେ ମୋବାଇଲ୍‌ରେ ଖୋଜୁଥିବା ବେଳେ ଏ ଗୋକାଷ୍ଠ ତିଆରି ମେସିନ୍ ବିଷୟରେ ଜାଣିବାକୁ ପାଇଲେ । ଏହି ମେସିନ୍‌କୁ ବ୍ୟବହାର କରି ସେମାନେ ଗୋକାଷ୍ଠ ତିଆରି କରୁଛନ୍ତି । ଏହା ବର୍ତ୍ତମାନ ଲୋକଙ୍କ କାମରେ ଲାଗୁଛି ବୋଲି ସେମାନେ କହିଛନ୍ତି । ଏହାର ବ୍ୟବହାର ଦ୍ୱାରା ପରିବେଶ ସନ୍ତୁଳିତ ହେବା ସହ ପ୍ରଦୂଷଣ କମିଥାଏ । ଗୋକାଷ୍ଠ ଉପରେ ସମସ୍ତେ ନିର୍ଭର କଲେ ଏହାର ଚାହିଦା ବଢନ୍ତା । ଜଙ୍ଗଲ କାଠ ଉପରେ ଲୋକେ ନିର୍ଭର ନକରି ଗୋକାଷ୍ଠ ଉପରେ ନିର୍ଭର କଲେ ଜଙ୍ଗଲ ସୁରକ୍ଷା ସହ ପରିବେଶ ସୁରକ୍ଷା ହୋଇପାରିବ ।

# ଶୁଖିଗଲା ନଦୀ ଓ ଝରଣା:ବୈତରଣୀରେ କମୁଛି ଜଳସ୍ତର

**ଆନନ୍ଦପୁର, ନ୍ୟୁଜ୍ ବ୍ୟୁରୋ**

ଏପ୍ରିଲ ଆରମ୍ଭରୁ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଜାରି ରହିଛି । କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡରେ ପାଣି ସମସ୍ୟା ଉତ୍କଟ ହୋଇଛି । ମୁଷଳ ନଦୀ ଓ ଝାଡ଼େଶ୍ୱର ଝରଣା ଶୁଖି ଯାଇଥିବା ବେଳେ କେନ୍ଦୁଝର ଜିଲ୍ଲାର ଜୀବନରେଖା ବୈତରଣୀ ନଦୀର ଜଳସ୍ତର ହ୍ରାସ ପାଇଛି । ଉପରମୁଣ୍ଡ ସିଂହନାଳୀ ନିକଟରେ ନିର୍ମାଣ ହୋଇଥିବା ଜଳ ବିଦ୍ୟୁତ୍ ପ୍ରକଳ୍ପ ନଦୀଜଳକୁ ଅଟକାଉଥିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି । ଫଳରେ ବୈତରଣୀ ଉପରେ ଭରସା କରୁଥିବା ତଳମୁଣ୍ଡର ଜନସାଧାରଣ ପାଣି ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବୈତରଣୀ ନଦୀରେ ଯେଉଁଠି ଦିନେ ବଡ଼ ଗଣ୍ଡ ଥିଲା, ଏବେ ସେଠାରେ ପାଦ ଭିଜିଲା ପରି ପାଣି ଥିବା ଦେଖିବାକୁ ମିଳୁଛି । ଝାଡ଼େଶ୍ୱର ଘାଟ, ରାଜଘାଟ, ଖପରାଖାଇ ନିକଟସ୍ଥ ଘାଟରେ କେଉଁଠି ବାଲି ଦେଖାଯାଉଛି ତ କେଉଁଠି ମାତ୍ର ଫୁଟେ ଦୁଇଫୁଟ ପାଣି ରହୁଛି । ୬/୭ବର୍ଷ ହେଲା ଗ୍ରୀଷ୍ମଋତୁରେ ବୈତରଣୀ ନଦୀରେ ଏଭଳି ସ୍ଥିତି ସୃଷ୍ଟି ହେଉଛି । ଚଳିତବର୍ଷ



ଜଳସ୍ତର ମଧ୍ୟ ସମସ୍ତ ରେକର୍ଡ ଭାଙ୍ଗିଛି । ଗୋହିରା ପଞ୍ଚାୟତ କଲାବିଲା ବନ୍ଧହୁଡ଼ି ନିକଟରୁ ବାହାରିଥିବା ଝାଡ଼େଶ୍ୱର ଝରଣା ଏବେ ସମ୍ପୂର୍ଣ୍ଣ ଶୁଖିଯାଇଛି । ସୁନାଟାଙ୍ଗିରି, ଗୋହିରା, ଇନ୍ଦୁପୁରା ଦେଇ ଯାଇଥିବା ଏହି ଝରଣା ଝାଡ଼େଶ୍ୱର ମନ୍ଦିର ନିକଟରେ ବୈତରଣୀ ନଦୀରେ ମିଶିଛି । ପ୍ରତିବର୍ଷ ଝରଣାରେ କିଛି ପାଣି ରହୁଥିଲା । ଚଳିତବର୍ଷ ଏହା ସମ୍ପୂର୍ଣ୍ଣ ଶୁଖିଯାଇଛି । ସେହିପରି ଆନନ୍ଦପୁର ବ୍ଲକ୍ କୋଲିମାଟି ପଞ୍ଚାୟତ ଟିକିରା ନିକଟରେ ଥିବା ମୁଷଳ ନଦୀର 'ସାପଘର' ଜଳପ୍ରପାତ ଶୁଖିଲା ପଡ଼ିଛି । ଗତବର୍ଷ ଏପ୍ରିଲରେ ଏଠାରେ ଯଥେଷ୍ଟ ପାଣି ରହିଥିଲା । ପର୍ଯ୍ୟଟକମାନେ ଗରମରୁ ରକ୍ଷା ପାଇବା ପାଇଁ ଝରଣାରେ ଗାଧୋଉଥିଲେ । ଚଳିତବର୍ଷ ମାର୍ଚ୍ଚ ଆରମ୍ଭରୁ ଝରଣା ଶୁଖି ଯାଇଥିବାରୁ ଭୋଜି କରିବାକୁ ଆସୁଥିବା ଆଗନ୍ତୁକ ନିରାଶ ହୋଇଥିଲେ । କନ୍ତୋ ନିକଟରେ ମୁଷଳ ନଦୀଶଯ୍ୟା ମଧ୍ୟ ଶୁଖିଲା ପଡ଼ିଛି । ଝରଣାଗୁଡିକ ଶୁଖିଯିବା ଯୋଗୁଁ ଏହାର ପ୍ରଭାବ ବୈତରଣୀ ନଦୀ ଉପରେ ପଡ଼ିଛି । ଏପଟେ ସିଂହନାଳୀ ଠାରେ ନିର୍ମାଣ ହୋଇଥିବା ବୈତରଣୀ ପାୱାର ପ୍ରକଳ୍ପ କର୍ତ୍ତୃପକ୍ଷ ପାଣି ଅଟକାଇ ନିଜ ଇଚ୍ଛା ଅନୁସାରେ ଛାଡୁଥିବାରୁ ନଦୀରେ ପାଣି ରହୁନି । ତଳମୁଣ୍ଡରେ ନଦୀ ଉପରେ ନିର୍ଭର କରୁଥିବା ଲୋକେ ସ୍ନାନଶୌଚ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବୈତରଣୀର ଘସିପୁରା ଝାଡ଼େଶ୍ୱର ଘାଟରେ ଲୋକେ ସ୍ନାନ କରୁଥିଲେ । ସପ୍ତାହେ ହେଲା ଏଠାରେ ପାଣି ନାହିଁ ବୋଲି ସ୍ଥାନୀୟ ବାସିନ୍ଦା ତ୍ରିଲୋଚନ ସାହୁ, ନିରଞ୍ଜନ ସାହୁ କହିଛନ୍ତି । ବୈତରଣୀର ଏଭଳି ସ୍ଥିତି କେବେ ଦେଖିନଥିଲୁ ବୋଲି ହାଟଡିହି ବ୍ଲକ୍ ତରଭା ଗ୍ରାମର ତୁଷାର ପଣ୍ଡା କହିଛନ୍ତି ।

# କାମରେ ଆସୁନି ଯାତ୍ରୀ ଆଶ୍ରୟସ୍ଥଳ:ପର୍ଯ୍ୟଟକ ହନ୍ତସନ୍ତ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଏକାମ୍ରରେ ପର୍ଯ୍ୟଟକଙ୍କ ସେବାରେ ଲାଗୁନି ଯାତ୍ରୀ ଆଶ୍ରୟସ୍ଥଳ । କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଯାତ୍ରୀ ଆଶ୍ରୟସ୍ଥଳ ଆରମ୍ଭରୁ ଅକାମି ହୋଇପଡ଼ିଛି । ରାଜ୍ୟ ବାହାରୁ ଆସୁଥିବା ପର୍ଯ୍ୟଟକ ଯାତ୍ରୀ ଆଶ୍ରୟସ୍ଥଳ ନପାଇ ବହୁ ହନ୍ତସନ୍ତ ହେଉଛନ୍ତି । ରାତ୍ରିଯାପନର ସୁବିଧା ନଥିବାରୁ ବସ୍‌ଷ୍ଟାଣ୍ଡରେ ରାତି କାଟିବାକୁ ପଡୁଛି । ମହିଳା ପର୍ଯ୍ୟଟକ ଏକାମ୍ରରେ ନିଜକୁ ଅସୁରକ୍ଷିତ ମଣୁଛନ୍ତି । ପାଳି କରି ବସ୍‌ଷ୍ଟାଣ୍ଡରେ ଶୋଇବାକୁ ପଡୁଛି । ରାଜ୍ୟ ପର୍ଯ୍ୟଟନ ବିଭାଗର ମୁଖ୍ୟ କାର୍ଯ୍ୟାଳୟ ଠାରୁ ମାତ୍ର ୨ କି. ମି. ଦୂରରେ ଏଭଳି ଅଭାବନୀୟ ସ୍ଥିତି ଉପୁଜୁଛି । ବିଭାଗୀୟ ଅଧିକାରୀ ଏ ଦିଗରେ ଚିନ୍ତା କରୁନାହାନ୍ତି । ଖରା, ବର୍ଷା, ଶୀତ କାକରରେ ପର୍ଯ୍ୟଟକ ଦହଗଞ୍ଜ ହୋଇ ବିଶ୍ୱପ୍ରସିଦ୍ଧ ପର୍ଯ୍ୟଟନସ୍ଥଳ ଏକାମ୍ରକ୍ଷେତ୍ରରୁ ତିକ୍ତ ଅନୁଭୂତି ନେଇ ଫେରୁଛନ୍ତି । ସୂଚନା ଅନୁଯାୟୀ, ଲିଙ୍ଗରାଜଙ୍କ ୪ ଏକର ୩୧୯ ଡେସିମିଲ୍ ଜମିରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି



ଲିଙ୍ଗରାଜ ମାର୍କେଟ୍ ନିର୍ମାଣ କରାଯାଇଥିଲା । ୨୦୧୮ ନଭେମ୍ବରରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଶୁଭାରମ୍ଭ କରିଥିଲେ । ତତ୍କାଳୀନ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ଉଦ୍ୟମରେ ପର୍ଯ୍ୟଟନ ବିଭାଗ କୋଟି କୋଟି ଟଙ୍କା ବ୍ୟୟରେ ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ କରିଥିଲା । ୫୮ ଦୋକାନ ଗୃହ, ୮୦ ପର୍ଯ୍ୟଟକ ଏକକାଳୀନ ରହିବା ପାଇଁ ଯାତ୍ରୀ ଆଶ୍ରୟସ୍ଥଳ ନିର୍ମାଣ କରାଯିବା ସହ ଶୌଚାଳୟ ବସ୍‌ଷ୍ଟାଣ୍ଡ ରାସ୍ତାଘାଟ ନିର୍ମାଣ ଓ ଆଲୋକୀକରଣ କରାଯାଇଥିଲା । ମାର୍କେଟ୍ ନିର୍ମାଣ ସରିବା ପରେ ବିଏମ୍‌ସି ମାର୍କେଟ୍ ବିଲ୍ଡିଂ ହାତକୁ ନେଇ ୫୮ ଦୋକାନ ଘରକୁ ଭଡ଼ାରେ ଲଗାଇ ଭଡ଼ା ଅର୍ଥ ଆଦାୟ କରୁଛି । ୨୦୧୯ରେ ରାଜ୍ୟ ସରକାର ଏକାମ୍ର ବିକାଶ ଯୋଜନାକୁ ହାତକୁ ନେଇଥିଲେ । ଶ୍ରୀଲିଙ୍ଗରାଜ ମନ୍ଦିରକୁ ବିଶ୍ୱସ୍ତରୀୟ କରିବା ପାଇଁ ଜମି ଅଧିଗ୍ରହଣ କରିଥିଲେ । ଲିଙ୍ଗରାଜ ମନ୍ଦିର କାର୍ଯ୍ୟାଳୟ କୋଠାକୁ ଭାଙ୍ଗିବା ପରେ ଯାତ୍ରୀ ଆଶ୍ରୟସ୍ଥଳର କିଛି କୋଠରୀରେ ସେହି କାର୍ଯ୍ୟାଳୟ ଖୋଲିଥିଲେ । ସେହିପରି ଏକାମ୍ର ସାଂସ୍କୃତିକ ପ୍ରକାଶନୀର ଭଜନ ମଣ୍ଡପକୁ ଭାଙ୍ଗିବା ପରେ ତା'ର ଜମି ଅଧିଗ୍ରହଣ ଅର୍ଥରାଶି ଅନୁଷ୍ଠାନର ଅଧିକାରୀଙ୍କୁ ପ୍ରଦାନ କରିବା ସହିତ ଯାତ୍ରୀ ଆଶ୍ରୟସ୍ଥଳର କିଛି କୋଠରିରେ କାର୍ଯ୍ୟାଳୟ ଖୋଲିବାକୁ ଅନୁମତି ଦେଇଥିଲେ । ଏହାବାଦ୍ ଆଉ କିଛି କୋଠରୀ ସେବେଠାରୁ ଖାଲିପଡ଼ିଛି, ତାହାକୁ କାର୍ଯ୍ୟକ୍ଷମ କରାଯାଉନାହିଁ । ଯାତ୍ରୀ ଦହଗଞ୍ଜ ହେବା ନେଇ ଟ୍ରଷ୍ଟବୋର୍ଡରେ ଆଲୋଚନା ହୋଇଥିଲା । ବିଏମ୍‌ସି ଯାତ୍ରୀ ଆଶ୍ରୟସ୍ଥଳ କୋଠାକୁ ମନ୍ଦିର ପ୍ରଶାସନକୁ ଫେରାଇବା ଲାଗି ପ୍ରସ୍ତାବ ଦିଆଯାଇଥିଲା । ବିଏମ୍‌ସି ଅଧିକାରୀ ଏ ଦିଗରେ କୌଣସି ପଦକ୍ଷେପ ନେଉନଥିବାରୁ ଯାତ୍ରୀ ଆଶ୍ରୟସ୍ଥଳ ଯାତ୍ରୀଙ୍କ ସେବାରେ ଆସୁନି । ଲିଙ୍ଗରାଜ ମାର୍କେଟ ଉଦ୍‌ଘାଟନ ଦିନରୁ ମାର୍କେଟ୍‌ରେ ଥିବା ଲିଫ୍ଟ କାର୍ଯ୍ୟକ୍ଷମ ହୋଇପାରୁନି । ମାର୍କେଟ୍ ଭିତରେ ଦୁଇଟି ଦୋକାନ ଘର ଆରମ୍ଭରୁ ବନ୍ଦ ହୋଇପଡ଼ିଛି । ସେଥିରୁ ଗୋଟିଏ ଏଟିଏମ୍ କାଉଣ୍ଟର ଓ ଗୋଟିଏ ରେଳ ବସ୍ ଟିକଟ କାଉଣ୍ଟର ଖୋଲିବାକୁ ପ୍ରସ୍ତାବ ରହିଥିଲା । ତାହା ମଧ୍ୟ କାର୍ଯ୍ୟକାରୀ ହୋଇପାରୁନି । ସେହିପରି ଲିଙ୍ଗରାଜ ମାର୍କେଟ୍ ହୋଇପାରୁନି । ସେହିପରି ଲିଙ୍ଗରାଜ ମାର୍କେଟ୍ ବିଲ୍ଡିଂ ପଛପଟେ ପର୍ଯ୍ୟଟକ ରୋଷେଇ କରିବା ପାଇଁ ବିଏମ୍‌ସି ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ରୋଷେଇ ପିଣ୍ଡି ନିର୍ମାଣ ହୋଇଥିଲେ ମଧ୍ୟ ତାହାକୁ କାର୍ଯ୍ୟକ୍ଷମ କରାଯାଉନାହିଁ । ପର୍ଯ୍ୟଟକଙ୍କୁ ରାସ୍ତାକଡ଼ରେ ରୋଷେଇ କରିବାକୁ ପଡୁଛି । ଏକାମ୍ର ପରି ପର୍ଯ୍ୟଟନସ୍ଥଳରେ ଦୀର୍ଘ ୭ ବର୍ଷ ପୂର୍ବରୁ ନିର୍ମାଣ ହୋଇଥିବା ଯାତ୍ରୀ ଆଶ୍ରୟସ୍ଥଳ ପର୍ଯ୍ୟଟକଙ୍କ ସେବାରେ ନଆସିବା ଦୁର୍ଭାଗ୍ୟଜନକ ବୋଲି ସ୍ଥାନୀୟ ବ୍ୟବସାୟୀ କହିଛନ୍ତି । ବ୍ରାହ୍ମଣ ନିଯୋଗ ସମ୍ପାଦକ ବିରଞ୍ଚି ନାରାୟଣ ପତି କହିଛନ୍ତି, ଯେଉଁ ଉଦ୍ଦେଶ୍ୟ ନେଇ ପର୍ଯ୍ୟଟନ ବିଭାଗ ପକ୍ଷରୁ ମାର୍କେଟ୍ ବିଲ୍ଡିଂ ହୋଇଥିଲା ତାହା ଏପର୍ଯ୍ୟନ୍ତ ସାଧିତ ହୋଇପାରିନାହିଁ । ଲିଙ୍ଗରାଜ ମନ୍ଦିର ଦର୍ଶନରେ ଆସୁଥିବା ପର୍ଯ୍ୟଟକ ରାତ୍ରିଯାପନ ପାଇଁ ବହୁ ହଇରାଣ ହେଉଛନ୍ତି । ଯାତ୍ରୀ ଆଶ୍ରୟସ୍ଥଳକୁ ସେମାନଙ୍କ ଉଦ୍ଦେଶ୍ୟରେ ଛଡ଼ାଯାଉ ।

# ନିୟମକୁ ଅଣଦେଖା କରୁଛି ଲକ୍ଷ୍ମୀବସ୍ ଗ୍ରୀଷ୍ମ ପ୍ରବାହ ବେଳେ ଭରୁଛି ଡିଜେଲ୍

**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସରକାର ସମସ୍ତ ପଞ୍ଚାୟତରୁ ବ୍ଲକ ହେଡକ୍ୱାର୍ଟରକୁ ସୁବିଧା ଓ ଶସ୍ତାରେ ଯାତାୟାତ ପାଇଁ ଲକ୍ଷ୍ମୀବସ୍‌ର ବ୍ୟବସ୍ଥା କରିଛନ୍ତି କିନ୍ତୁ ଅନେକ ସମୟରେ ଏହି ବସ୍‌ରେ କାର୍ଯ୍ୟକରୁଥିବା କର୍ମଚାରୀଙ୍କ ମନମାନି ଓ ସରକାରୀ ନିୟମ ଉଲ୍ଲଂଘନ କରୁଥିବା ଦେଖିବାକୁ ମିଳିଛି । ଏଭଳି ଏକ ଘଟଣା କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ପଞ୍ଚାୟତ ଗୁଡ଼ିକୁ ଯାତାୟାତ କରୁଥିବା ଲକ୍ଷ୍ମୀବସ୍‌ରେ ଦେଖିବାକୁ ମିଳିଛି । ପ୍ରକାଶ ଯେ, ଦାରିଙ୍ଗବାଡ଼ି ଠାରୁ ସିର୍କାବର୍ଗ, ଭ୍ରମରବାଡ଼ି, ପର୍ତ୍ତମାହା, ଗୁମିକିଆ, କାଟିଙ୍ଗିଆ ଆଦି ଅଞ୍ଚଳକୁ ନିୟମିତ ଯାତ୍ରୀଙ୍କୁ ନେଇ ଯାତାୟାତ କରୁଥିବା ବେଳେ ଡିଜେଲ ଭର୍ତ୍ତି କରାଯାଉଥିବା ବେଳେ ବସ୍‌ରେ ଯାତ୍ରୀ ଭର୍ତ୍ତି ଥାଇ ପେଟ୍ରୋଲ ଟାଙ୍କିକୁ ବସ୍‌କୁ ନିଆଯାଉଛି ଯାହାକି କୌଣସି ସମୟରେ ବିପଦ ଘଟିଲେ ଯାତ୍ରୀମାନଙ୍କ କ୍ଷତି ଆଶଙ୍କା କରି ଏହାର ଯାତ୍ରୀମାନେ ବିରୋଧ କଲେ ମଧ୍ୟ ଏହାର ଦାୟିତ୍ୱରେ ଥିବା କର୍ମଚାରୀ ଖାତିର କରୁନଥିବା ଅଭିଯୋଗ ହେଉଛି । ବିଶେଷ କରି ଏହି ବସ୍‌ଗୁଡ଼ିକରେ ମହିଳା ଓ ଶିଶୁ ଯାତ୍ରୀଙ୍କ ସଂଖ୍ୟା ଅଧିକ ରହୁଥିବା ବେଳେ ଯାତ୍ରୀମାନେ ନିଜକୁ ନିରାପଦ ମଣୁନାହାନ୍ତି । ଏବେ ଗ୍ରୀଷ୍ମ ପ୍ରବାହ ରହିଥିବା ବେଳେ ମଧ୍ୟାହ୍ନରେ ପ୍ରଚଣ୍ଡ ଖରାରେ ମଧ୍ୟ ଏଭଳି ଡିଜେଲ ଭର୍ତ୍ତି କରାଯାଉଥିବା ଦେଖିବାକୁ ମିଳିଛ । ଏନେଇ ବିଡିଓ ପ୍ରୀତିରଞ୍ଜନ ରଥଙ୍କ ସହ ଯୋଗାଯୋଗ କରାଯାଇଥିଲେ ହେଁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ ।

31 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୨୮ ଅପ୍ରେଲ, ସୋମବାର, ୨୦୨୫


# ଶ୍ରୀଲଙ୍କାକୁ ୯ ୱିକେଟରେ ହରାଇ ଭାରତର ବିଜୟ ଅଭିଯାନ ଆରମ୍ଭ




**କଲମ୍ବୋ**

ଓପନର ପ୍ରତୀକା ରାଓ୍ୱଲଙ୍କ ଅପରାଜିତ ଅର୍ଦ୍ଧଶତକ ଏବଂ ସ୍ମୃତି ମନ୍ଧାନା ଓ ହାର୍ଲିନ ଦେଓଲଙ୍କ ଉପଯୋଗୀ ଅବଦାନ ସହାୟତାରେ ଭାରତ କଲମ୍ବୋରେ ଚାଲିଥିବା ଅନ୍ତର୍ଜାତୀୟ ମହିଳା ଦିନିକିଆ କ୍ରିକେଟ ସିରିଜ୍‌ର ଉଦ୍‌ଘାଟନୀ ମ୍ୟାଚ୍‌ରେ ଆୟୋଜକ ଶ୍ରୀଲଙ୍କାକୁ ୯ ଉଇକେଟରେ ପରାସ୍ତ କରିଛି।

ପ୍ରବଳ ବର୍ଷାଯୋଗୁ ୩ ଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥିବା ମ୍ୟାଚ୍‌କୁ ୩୯ ଓଭର ବିଶିଷ୍ଟ କରାଯାଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ୩୮.୧ ଓଭରରେ ୧୪୭ ରନ କରି ଅଲଆଉଟ ହୋଇଯାଇଥିଲା। ହସିନୀ ପେରେରା ୪୬ ବଲ୍‌ରୁ ୩୦ ଓ କାମିଶା ଦିଲ୍‌ହରା ୨୬ ବଲ୍‌ରୁ ୨୫ ରନ କରିଥିଲେ। ଦଳର ଅନ୍ୟ କୌଣସି ବ୍ୟାଟର ବଡ଼ ସ୍କୋର କରିପାରି ନ ଥିଲେ।

ଭାରତ ପକ୍ଷରୁ ସ୍ନେହ ରାଣା (୩/୩୧), ଶ୍ରୀ ଚାରାନୀ (୨/୨୬) ଓ ଦୀପ୍ତି ଶର୍ମା (୨/୨୨) ଚମତ୍କାର ବୋଲିଂ କରି ଶ୍ରୀଲଙ୍କାର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଜବାବରେ ଭାରତ ୧୪୮ରନର ବିଜୟ ଲକ୍ଷ୍ୟକୁ ୨୯.୪ ଓଭରରେ ୧ ଉଇକେଟ ବିନିମୟରେ ହାସଲ କରି ନେଇଥିଲା। ପ୍ରତୀକା (୫୦) ଓ ମନ୍ଧାନା (୪୩) ଓପନିଂ ଉଇକେଟରେ ୫୪ରନ ଯୋଗ କରିଥିଲେ। ଦିଲ୍ଲୀ ୟଙ୍ଗଷ୍ଟର ବ୍ୟାଟର ପରେ ହାର୍ଲିନ (୪୮)ଙ୍କ ସହ ଅପରାଜିତ ୯୫ରନ ଯୋଗ କରି ଦଳକୁ ଜିତାଇଥିଲେ। ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣ ଘଟଣାରେ ନିହତଙ୍କ ସମ୍ମାନାର୍ଥେ ଭାରତୀୟ ମହିଳା କ୍ରିକେଟ ଦଳର ସଦସ୍ୟମାନେ ରବିବାର ମ୍ୟାଚ୍‌ରେ ହାତରେ କଳା ରଙ୍ଗର ଆର୍ମବ୍ୟାଣ୍ଡ ପିନ୍ଧି ଖେଳିଥିଲେ।

# ଲକ୍ଷ୍ନୌକୁ ହରାଇ କ୍ରମାଗତ ୫ମ ବିଜୟ ଲାଭ କଲା ମୁମ୍ବାଇ

**ମୁମ୍ବାଇ**

ରିୟାନ ରିକଲଟନ ଓ ସୂର୍ଯ୍ୟକୁମାର ଯାଦବଙ୍କ ବିସ୍ଫୋରକ ଅର୍ଦ୍ଧଶତକ ପରେ ବୁମ୍‌ରାଙ୍କ ଘାତକ ବୋଲିଂରେ ଲକ୍ଷ୍ନୌକୁ ପରାସ୍ତ କଲା ମୁମ୍ବାଇ। ୱାଙ୍ଖେଡ଼େରେ ଖେଳା ଯାଇଥିବା ଆଇପିଏଲ୍ ୨୦୨୫ର ୪୫ତମ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ୫୪ ରନରେ ଲକ୍ଷ୍ନୌ ସୁପର ଜାଏଣ୍ଟସକୁ ହରାଇଛି। ଦଳ କ୍ରମାଗତ ପଞ୍ଚମ ବିଜୟ ହାସଲ କରି ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନକୁ ଉଠିଛି। ଅନ୍ୟପଟେ ଲକ୍ଷ୍ନୌ ଦଶମ ମ୍ୟାଚ୍‌ରୁ ପଞ୍ଚମ ପରାଜୟ ଭୋଗିଛି। ଲକ୍ଷ୍ନୌକୁ ହରାଇ ମୁମ୍ବାଇ ମଧୁର ପ୍ରତିଶୋଧ ନେଇଛି। ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ୨୦ ଓଭରରେ ୭ ୱିକେଟ୍ ହରାଇ ୨୧୫ ରନର ବିଶାଳ ସ୍କୋର କରିଥିଲା। ଦଳ ପକ୍ଷରୁ ରିୟାନ ରିକଲଟର ୫୮ ରନ ଓ ସୂର୍ଯ୍ୟକୁମାର ଯାଦବ ୫୪ ରନର ବିସ୍ଫୋରକ ଇନିଂସ ଖେଳିଥିଲେ। ଜବାବରେ ଲକ୍ଷ୍ନୌ ୧୬୧ ରନ କରିପାରିଛି। ଦଳର କୌଣସି ବ୍ୟାଟର ଅର୍ଦ୍ଧଶତକ ହାସଲ କରିପାରି ନାହାନ୍ତି। ଯଶପ୍ରୀତ ବୁମ୍‌ରା ଘାତକ ବୋଲିଂ କରି ୨୨ ରନ ଦେଇ ୪ ୱିକେଟ୍ ଅକ୍ତିଆର କରିଛନ୍ତି। ଟ୍ରେଣ୍ଟ ବୋଲ୍ଟଙ୍କୁ ୩ ୱିକେଟ୍ ମିଳିଛି।



୨୧୬ ରନର ବିଶାଳ ବିଜୟ ଲକ୍ଷ୍ୟ ପିଛା କରିଥିବା ଲକ୍ଷ୍ନୌକୁ ୧୮ ରନରେ ପ୍ରଥମ ଝଟ୍‌କା ଲାଗିଥିଲା। ଆଡନ ମାରକ୍ରମ (୯ ରନ)କୁ ଆଉଟ୍ କରି ମୁମ୍ବାଇକୁ ପ୍ରଥମ ସଫଳତା ଦେଇଥିଲେ ବୁମ୍‌ରା। ନିକୋଲାସ ପୂରନ ୨୭ ରନ କରି ଆଉଟ୍ ହେବା ଲକ୍ଷ୍ନୌକୁ ବଡ଼ ଝଟ୍‌କା ଲାଗିଥିଲା। ଋଷଭ ପନ୍ତ ନିଜର ଖରାପ ଫର୍ମ ବଜାୟ ରଖି ମାତ୍ର ୪ ରନ କରି ଆଉଟ୍ ହୋଇଥିଲେ। ମିଚେଲ୍ ମାର୍ଶ ୩୪ ରନ କରିଥିଲେ ହେଁ ଇନିଂସ ଆଗକୁ ବଢାଇ ପାରି ନ ଥିଲେ। ନିୟମିତ ବ୍ୟବଧାନରେ ୱିକେଟ୍ ହରାଇବାରୁ ଲକ୍ଷ୍ନୌ ବିଜୟଠୁ ଦୂରେଇ ଯାଇଥିଲା। ବିଶେଷ କରି ୧୬ତମ ଓଭରରେ ବୁମ୍‌ରା ୩ ୱିକେଟ୍ ନେଇ ଲକ୍ଷ୍ନୌକୁ ପରାଜୟ ମୁହଁକୁ ଠେଲି ଥିଲେ। ଆୟୁଷ ବାଦୋନି ୩୫ ରନ କରିଥିଲେ ହେଁ ତାହା ଦଳ ପାଇଁ ଯଥେଷ୍ଟ ନ ଥିଲା। ଆଉ ମୁମ୍ବାଇ ବୋଲରଙ୍କ ଉଚିତ୍ ମୁକାବିଲା କରି ନ ପାରି ଲକ୍ଷ୍ନୌ ୧୬୧ ରନରେ ଅଲଆଉଟ୍ ହୋଇଛି। ମୁମ୍ବାଇକୁ ମ୍ୟାଚ୍‌କୁ ୫୪ ରନରେ ଜିତି ନେଇଛି। ପ୍ରଥମ ଥର ଲିଗ୍ ପର୍ଯ୍ୟାୟରେ ମୁମ୍ବାଇ ଲକ୍ଷ୍ନୌକୁ ହରାଇବାରେ ସଫଳ ହୋଇଛି।

ବୋଲିଂରେ ବୁମ୍‌ରା ୨୨ ରନ ଦେଇ ୪ଟି ୱିକେଟ୍ ଅକ୍ତିଆର କରିଛନ୍ତି। ଟ୍ରେଣ୍ଟ ବୋଲ୍ଟ ମଧ୍ୟ ଘାତକ ବୋଲିଂ କରି ୨୦ ରନ ଦେଇ ୩ଟି ୱିକେଟ୍ ନେଇଛନ୍ତି। ୱିଲ ଜ୍ୟାକ୍ସ ୨ଟି ଓ କୋର୍ବିନ ବୋସ୍‌ଙ୍କୁ ଗୋଟିଏ ସଫଳତା ମିଳିଛି।

## ଚେନ୍ନାଇର ପ୍ରଦର୍ଶନକୁ ନେଇ ମୁହଁ ଖୋଲିଲେ ଧୋନୀ

**ଚେନ୍ନାଇ**

ଚଳିତ ଆଇପିଏଲ୍‌ରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଦଳର ନୈରାଶ୍ୟଜନକ ପ୍ରଦର୍ଶନ ଲାଗି ଅସହାୟତା ପ୍ରକାଶ କରିବା ସହ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ କହିଛନ୍ତି ଯେ, ଏକା ସମୟରେ ଦଳର ୪ରୁ ୫ ଖେଳାଳି ଫର୍ମ ହରାଇଲେ ଆଶାନୁଯାୟୀ ଫଳାଫଳ ପାଇବା କଷ୍ଟକର। ସିଏସ୍‌କେ ଶୁକ୍ରବାର ଅନୁଷ୍ଠିତ ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ୍ (ଏସ୍‌ଆରଏଚ୍)ଠାରୁ ପରାଜିତ ହେବା ଦ୍ୱାରା ପ୍ଲେଅଫ୍ ଦୌଡ଼ରୁ ବାଦ୍ ପଡ଼ିବା ଦ୍ୱାରରେ ଦଳ ପହଞ୍ଚିଛି।

## ନିନ୍ଦା କରିବା ପରିବର୍ତ୍ତେ ଭାରତକୁ ପ୍ରମାଣ ମାଗିଲେ ଶାହିଦ ଆଫ୍ରିଦି

**ଇସଲାମାବାଦ**



ଜମ୍ମୁ-କାଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ଏହାକୁ ନେଇ ଚାରିଆଡ଼େ ପ୍ରତିକ୍ରିୟା ପ୍ରକାଶ ପାଉଥିବା ବେଳେ ପାକିସ୍ତାନ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ତଥା ଅଲରାଉଣ୍ଡର ଶାହିଦ ଆଫ୍ରିଦି ବିବାଦୀୟ ବୟାନ ଦେଇଛନ୍ତି। ପାକିସ୍ତାନ ସହ ଜଡ଼ିତ ଏକ ଆତଙ୍କବାଦୀ ସଂଗଠନ ଏହି ଆକ୍ରମଣ ପାଇଁ ଦାୟୀ ବୋଲି ଦାବି କରିଛି। ଏହା ସତ୍ତ୍ୱେ ଆଫ୍ରିଦି ଘଟଣାର ନିନ୍ଦା କରିବା ପରିବର୍ତ୍ତେ ଭାରତଠାରୁ ପ୍ରମାଣ ମାଗିଛନ୍ତି। ପାକିସ୍ତାନକୁ ଦୋଷ ଦେବା ପାଇଁ, ଆଫ୍ରିଦି ଲଜ୍ଜାଜନକ ଭାବରେ ଭାରତକୁ ସମାଲୋଚନା କରିଛନ୍ତି। ଏହି ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ଏବଂ କୌଣସି ତଦନ୍ତ ବିନା ପାକିସ୍ତାନକୁ ଦୋଷ ଦେବା ଠିକ୍ ନୁହେଁ ବୋଲି ସେ କହିଛନ୍ତି।

ପହଲଗାମ ଆକ୍ରମଣ ଉପରେ ଶାହିଦ ଆଫ୍ରିଦିଙ୍କ ମତାମତ ପଚରାଯାଇଥିଲା। ଜବାବରେ ପାକିସ୍ତାନ ବିରୋଧରେ ଅଭିଯୋଗ ସମ୍ପର୍କରେ ଆଫ୍ରିଦି କହିଛନ୍ତି, 'ମୁଁ କ୍ରିକେଟ ଏବଂ କ୍ରୀଡ଼ା କୂଟନୀତିରେ ଗଭୀର ବିଶ୍ୱାସ ରଖେ। ଏଥିରେ କୌଣସି ରାଜନୀତି ହେବା ଉଚିତ ନୁହେଁ। ଯଦି ଆମେ ପଡ଼ୋଶୀ ଦେଶ, ତେଣୁ ଆମେ ପରସ୍ପରର ଯତ୍ନ ନେବା ଉଚିତ। କିନ୍ତୁ ଏହି ଘଟଣା ଏବେ ଘଟିଛି ଏବଂ ତୁମେ ସିଧାସଳଖ ପାକିସ୍ତାନର ନାମ ନେଲ। ଅତି କମ୍‌ରେ ପ୍ରମାଣ ସହିତ ଆସନ୍ତୁ। ବିଶ୍ୱକୁ କୁହନ୍ତୁ।'

ସେ ଏହି ଘଟଣା ପାଇଁ ଦୁଃଖ ପ୍ରକାଶ କରି କହିଛନ୍ତି ଯେ କୌଣସି ଧର୍ମର ଆତଙ୍କବାଦୀଙ୍କୁ କେହି ସମର୍ଥନ କରନ୍ତି ନାହିଁ। ଏହା ପାକିସ୍ତାନରେ ମଧ୍ୟ ଘଟୁଛି। ଏହି ଘଟଣା ସତ୍ତ୍ୱେ ସେ ବିଶ୍ୱାସ କରନ୍ତି ଯେ ଦୁଇ ଦେଶ ମଧ୍ୟରେ ସମ୍ପର୍କରେ ଉନ୍ନତି ହେବା ଉଚିତ କାରଣ ଯୁଦ୍ଧ କରିବାର କୌଣସି କାରଣ ନାହିଁ।

ପହଲଗାମରେ ଆକ୍ରମଣ ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି। ଭାରତ ଦ୍ୱାରା ଅନେକ କଠୋର ପଦକ୍ଷେପ ନିଆଯାଇଛି। ଭାରତ ମଧ୍ୟ ପାକିସ୍ତାନ ସହିତ ସୀମା ବନ୍ଦ କରିଦେଇଛି। ଏହା ସହିତ ଭାରତରେ ଉପସ୍ଥିତ ସମସ୍ତ ପାକିସ୍ତାନୀ ନାଗରିକଙ୍କୁ ଫେରାଇ ଦିଆଯାଇଛି। କେବଳ ଏତିକି ନୁହେଁ ପାକିସ୍ତାନୀ କୂଟନୀତିଜ୍ଞଙ୍କ ଭିସା ମଧ୍ୟ ବାତିଲ କରାଯାଇଛି। ଏହା ବ୍ୟତୀତ ପାକିସ୍ତାନ ସହିତ ଜଳ ବାଣ୍ଟୁଥିବା ସିନ୍ଧୁ ଜଳ ଚୁକ୍ତିନାମା ମଧ୍ୟ ସମାପ୍ତ ହୋଇଛି। ଅନ୍ୟପକ୍ଷରେ, ବିସିସିଆଇ ଆଇସିସିକୁ ଚିଠି ଲେଖି ଭାରତ ଏବଂ ପାକିସ୍ତାନକୁ ଗୋଟିଏ ଗ୍ରୁପ୍‌ରେ ନ ରଖିବାକୁ ଅନୁରୋଧ କରିପାରେ ବୋଲି କୁହାଯାଉଛି।

# ରିକି ପଣ୍ଟିଂଙ୍କ ରଣନୀତି ଉପରେ ପ୍ରଶ୍ନ ଉଠାଇଲେ ମନୋଜ ତିୱାରୀ

**ନୂଆଦିଲ୍ଲୀ**

ପଞ୍ଜାବ କିଙ୍ଗ୍ସକୁ ସବୁଠାରୁ ଦୁର୍ବଳ ଦଳ ମଧ୍ୟରେ ଗଣନା କରାଯାଉଥିଲା। କିନ୍ତୁ ମୁଖ୍ୟ ପ୍ରଶିକ୍ଷକ ରିକି ପଣ୍ଟିଂ ଏବଂ ଶ୍ରେୟସ ଆୟରଙ୍କ ନେତୃତ୍ୱରେ ପଞ୍ଜାବ ଆଇପିଏଲ୍ ୨୦୨୫ରେ ଚମତ୍କାର ପ୍ରଦର୍ଶନ କରିଛି। ଏହି ଦଳ ୯ ମ୍ୟାଚ୍‌ରେ ୧୧ ପଏଣ୍ଟ ପାଇ ବର୍ତ୍ତମାନ ପଏଣ୍ଟ ଟେବୁଲରେ ଚତୁର୍ଥ ସ୍ଥାନରେ ଅଛି। ଏଥର ପଞ୍ଜାବ କିଙ୍ଗ୍ସକୁ ମଧ୍ୟ ଚାମ୍ପିଅନ ହେବାର ଏକ ବଡ଼ ଦାବିଦାର ବିବେଚନା କରାଯାଉଛି। ଏହା ସତ୍ତ୍ୱେ ପୂର୍ବତନ ଭାରତୀୟ କ୍ରିକେଟର ମନୋଜ ତିୱାରୀ କହିଛନ୍ତି ଯେ ସେ ନିଜକୁ ଟ୍ରଫି ଜିତିବା ଦେଖୁନାହାନ୍ତି। କେବଳ ଏତିକି ନୁହେଁ ସେ ମୁଖ୍ୟ ପ୍ରଶିକ୍ଷକ ପଣ୍ଟିଂଙ୍କ ରଣନୀତି ଉପରେ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। ଏହା ସହିତ ତାଙ୍କ ଉପରେ ଭାରତୀୟ ଖେଳାଳିମାନଙ୍କୁ ଅଣଦେଖା କରିବାର ଅଭିଯୋଗ ମଧ୍ୟ ଆସିଛି।




ମନୋଜ ତିୱାରୀ ଇଡେନ ଗାର୍ଡେନରେ କୋଲକାତା ନାଇଟ ରାଇଡର୍ସ ଏବଂ ପଞ୍ଜାବ କିଙ୍ଗ୍‌ସ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ଆଧାରରେ ରିକି ପଣ୍ଟିଂଙ୍କ ଉପରେ ଅଭିଯୋଗ ଆଣିଥିଲେ। ବର୍ଷା ଯୋଗୁ ମ୍ୟାଚ୍ କୌଣସି ଫଳାଫଳ ବିନା ଶେଷ ହୋଇଥିଲା। ଏହା ପରେ ସେ କହିଥିଲେ, "ମୋର ଅନ୍ତରଙ୍ଗ ଭାବନା କହୁଛି ଯେ ପଞ୍ଜାବ ଦଳ ଏହି ସିଜିନରେ ଆଇପିଏଲ୍ ଟ୍ରଫି ଜିତିପାରିବ ନାହିଁ, କାରଣ ଯେତେବେଳେ ସେମାନେ ବ୍ୟାଟିଂ କରୁଥିଲେ, ମୁଁ ଦେଖିଲି ଯେ ପ୍ରଶିକ୍ଷକ ଭାରତୀୟ ଫର୍ମରେ ଥିବା ବ୍ୟାଟ୍ସମ୍ୟାନ ନେହଲ ୱାଢ଼େରା ଏବଂ ଶଶାଙ୍କ ସିଂଙ୍କୁ ପଠାଇ ନ ଥିଲେ। ବରଂ ସେ ତାଙ୍କ ବିଦେଶୀ ଖେଳାଳିମାନଙ୍କୁ ବିଶ୍ୱାସ କରିଥିଲେ। କିନ୍ତୁ ସେମାନେ ବିଶ୍ୱାସ ପୂରଣ କରିପାରିଲେ ନାହିଁ। ଏହା ସ୍ପଷ୍ଟ ଭାବରେ ଦେଖାଯାଉଛି ଯେ ସେ ଭାରତୀୟ ଖେଳାଳିମାନଙ୍କ ଉପରେ ବିଶ୍ୱାସ କରନ୍ତି ନାହିଁ। ଯଦି ସେମାନେ ଏହିପରି ଆଗକୁ ଖେଳନ୍ତି, ତେବେ ଟପ୍-୨ରେ ରହିବା ସତ୍ତ୍ୱେ, ସେମାନେ ଟାଇଟଲ ଜିତିପାରିବେ ନାହିଁ।"

ମନୋଜ ତିୱାରୀଙ୍କ ଇଙ୍ଗିତ ଗ୍ଲେନ୍ ମ୍ୟାକ୍ସୱେଲ୍ ଆଡ଼କୁ ଥିଲା। ତାଙ୍କ ମତରେ, ଅଷ୍ଟ୍ରେଲୀୟ ଖେଳାଳି ମ୍ୟାକ୍ସୱେଲଙ୍କ କ୍ରମାଗତ ବିଫଳତା ସତ୍ତ୍ୱେ, ଭାରତୀୟ ଖେଳାଳିମାନଙ୍କୁ ଅଣଦେଖା କରାଯାଉଛି। ଭାରତୀୟ ଖେଳାଳିମାନେ ସେମାନଙ୍କୁ ସୁଯୋଗ ଦେବାର ମୂଲ୍ୟ ଦେଉଛନ୍ତି। ସେ ଚେତାବନୀ ଦେଇଛନ୍ତି ଯେ ଯଦି ସେମାନେ ସମାନ ରଣନୀତି ଜାରି ରଖନ୍ତି, ତେବେ ଏଥର ମଧ୍ୟ ସେମାନଙ୍କୁ ଟ୍ରଫି ମିଳିବ ନାହିଁ।

ସୂଚନାଯୋଗ୍ୟ, କେକେଆର ବିପକ୍ଷ ଏହି ମ୍ୟାଚ୍‌ରେ ମ୍ୟାକ୍ସୱେଲ ୮ ବଲ୍‌ରେ କେବଳ ୭ ରନ୍ କରିପାରିଥିଲେ। ସେ ଏହି ସିଜିନରେ ୬ଟି ମ୍ୟାଚ୍ ଖେଳିଛନ୍ତି ଏବଂ କେବଳ ୪୮ ରନ କରିପାରିଛନ୍ତି। ଏହା ବ୍ୟତୀତ, ଆଇପିଏଲ୍‌ର ଶେଷ ୨୦ ଇନିଂସରେ, ସେ ୧୩ ଥର ଦୁଇ ଅଙ୍କ ଛୁଇଁପାରି ନାହାନ୍ତି।

# ଗୌତମ ଗମ୍ଭୀରଙ୍କୁ ଧମକପୂର୍ଣ୍ଣ ମେଲ୍ ଦେଇଥିବା ଯୁବକ ଗିରଫ

**ନୂଆଦିଲ୍ଲୀ**

କ୍ରିକେଟର ତଥା ପୂର୍ବତନ ବିଜେପି ସାଂସଦ ଗୌତମ ଗମ୍ଭୀରଙ୍କୁ ଧମକପୂର୍ଣ୍ଣ ଇମେଲ୍ ପଠାଇବା ଘଟଣାରେ ପୋଲିସ ଗୁଜରାଟର ଜଣେ ୨୧ ବର୍ଷୀୟ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ନାଁ ଜିଗ୍ନେଶସିଂହ ପରମାର। ଏନେଇ ଦିଲ୍ଲୀ ପୁଲିସ ସୂଚନା ଦେଇଛି। ପୁଲିସ କହିଛି "କ୍ରିକେଟର ଗୌତମ ଗମ୍ଭୀରଙ୍କୁ ଧମକପୂର୍ଣ୍ଣ ଇ-ମେଲ୍ ପଠାଇଥିବା ବ୍ୟକ୍ତି ଗୁଜରାଟର ୨୧ ବର୍ଷୀୟ ଜିଗ୍ନେଶସିଂହ ପରମାର ବୋଲି ଚିହ୍ନଟ କରାଯାଇଛି। ତାକୁ କେନ୍ଦ୍ରୀୟ ଜିଲ୍ଲା ପୋଲିସ ଦଳ ଧରି ପଚରାଉଚରା କରୁଛନ୍ତି। ସେ ଜଣେ ଇଞ୍ଜିନିୟରିଂ ଛାତ୍ର। ତେବେ ତା'ର ମାନସିକ



ସ୍ୱାସ୍ଥ୍ୟାବସ୍ଥା ଭଲ ନାହିଁ ବୋଲି ତାଙ୍କ ପରିବାର ଲୋକ ଦାବି କରିଛନ୍ତି। ମାମଲେର ଅଧିକ ତଦନ୍ତ ଜାରି ରହିଛି।"

ହତ୍ୟା ଧମକ ମିଳିବା ପରେ ଗୌତମ ଗମ୍ଭୀର ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦିଲ୍ଲୀ ପୋଲିସର ଦ୍ୱାରସ୍ଥ ହୋଇଥିଲେ। ସେ ରାଜିନ୍ଦର ନଗର ପୋଲିସ ଷ୍ଟେସନର ଏସଏଚଓ ଏବଂ କେନ୍ଦ୍ରୀୟ ଦିଲ୍ଲୀର ଡିସିପିଙ୍କୁ ଏଫଆଇଆର ରୁଜୁ କରିବାକୁ ଆବେଦନ କରିଥିଲେ। ତାଙ୍କ ପରିବାରର ସୁରକ୍ଷା ଏବଂ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ପଦକ୍ଷେପ ନେବାକୁ ମଧ୍ୟ ସେ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ।

୨୨ ଏପ୍ରିଲରେ ଦିନ ପହଲଗାମ ଆକ୍ରମଣ ହୋଇଥିଲା। ଆଉ ସେହି ଦିନ ଗମ୍ଭୀରଙ୍କୁ ଦୁଇଟି ଧମକପୂର୍ଣ୍ଣ ଇମେଲ୍ ଆସିଥିଲା। ଗୋଟିଏ ଅପରାହ୍ନରେ ଏବଂ ଅନ୍ୟଟି ସନ୍ଧ୍ୟାରେ ଆସିଥିବା। ଯେଉଁଥିରେ 'ଆଇକିଲ୍‌ୟୁ' ଲେଖା ହୋଇଥିଲା। ତେବେ ଗମ୍ଭୀରଙ୍କୁ ଏପରି ଧମକ ମିଳିବା ପ୍ରଥମ ଥର ନୁହେଁ। ନଭେମ୍ବର ୨୦୨୧ରେ ସେ ସଂସଦ ଥିବା ସମୟରେ ମଧ୍ୟ ତାଙ୍କ ପାଖକୁ ସମାନ ଧମକପୂର୍ଣ୍ଣ ଇମେଲ୍ ଆସିଥିଲା।

## ଆଇସିସି ମହିଳା ଦିନିକିଆ କ୍ରିକେଟ ବିଶ୍ୱକପ : ଭାରତ ନ ଆସିବା ପାଇଁ ପିସିବିର ଯୋଜନା

**ନୂଆଦିଲ୍ଲୀ**

ପହଲଗାଓଁରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ବିବାଦ ଦିନକୁ ଦିନ ଜଟିଳ ହେବାକୁ ଲାଗିଛି। ଏହାର ପ୍ରଭାବ କ୍ରିକେଟ ଉପରେ ମଧ୍ୟ ପଡ଼ିଛି। ଆଇସିସି ଇଭେଣ୍ଟରେ ଗୋଟିଏ ଗ୍ରୁପରେ ଉଭୟ ଭାରତ ଓ ପାକିସ୍ତାନକୁ ନ ରଖିବା ନେଇ ବିସିସିଆଇ ପକ୍ଷରୁ ଆଇସିସିକୁ ଚିଠି ମାଧ୍ୟମରେ ଅବଗତ କରାଇଛି। ଏଭଳି ସ୍ଥିତିରେ ଭାରତରେ ଆସନ୍ତା ସେପ୍ଟେମ୍ବରରେ ଖେଳାଯିବାକୁ ଥିବା ଆଇସିସି ମହିଳା ଦିନିକିଆ ବିଶ୍ୱକପକୁ ନେଇ ବିବାଦ ଆରମ୍ଭ ହୋଇଛି। ଭାରତରେ ଖେଳିବାକୁ ପାକିସ୍ତାନର ଆଗ୍ରହ ନାହିଁ। ଭାରତରେ ମ୍ୟାଚ୍ ନ ଖେଳିବାକୁ ଆମେ ଯୋଜନା କରୁଛୁ ବୋଲି ପିସିବି ପକ୍ଷରୁ କୁହାଯାଇଛି। ଯାହାକୁ ନେଇ ଏବେ ଆଇସିସି, ବିସିସିଆଇ ଓ ପିସିବି ମଧ୍ୟରେ ଛକାପଞ୍ଝା ଆରମ୍ଭ ହୋଇଛି।

ଆଇସିସି ମହିଳା ବିଶ୍ୱକପ ଆସନ୍ତା ସେପ୍ଟେମ୍ବର ୨୯ରୁ ଅକ୍ଟୋବର ୨୬ ପର୍ଯ୍ୟନ୍ତ ଭାରତରେ ଆୟୋଜିତ ହେବ। ଏଥିରେ ମୋଟ୍ ୮ଟି ଦଳ ଅଂଶଗ୍ରହଣ କରିବେ। ପାକିସ୍ତାନ ମଧ୍ୟ ଉକ୍ତ ପ୍ରତିଯୋଗିତା ଲାଗି ଯୋଗ୍ୟତା ହାସଲ କରିଛି। ପହଲଗାଓଁରେ ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନ ମହିଳା କ୍ରିକେଟ ଦଳ ଭାରତକୁ ବିଶ୍ୱକପ ଖେଳିବାକୁ ଆସିବାକୁ ଅନିଚ୍ଛା ପ୍ରକାଶ କରିଛି। ପିସିବି ଅଧ୍ୟକ୍ଷ ମୋହସିନ ନକ୍ ?ଭି କହିଛନ୍ତି ଯେ,ମହିଳା ଦିନିକିଆ ବିଶ୍ୱକପ ଖେଳିବା ଲାଗି ଭାରତ ନ ଆସିବାକୁ ଯୋଜନା କରୁଛୁ। ହାଇବ୍ରିଡ ମଡେଲରେ ବିଶ୍ୱକପ ଆୟୋଜନ ନେଇ ଆମେ ଆଇସିସିକୁ ପ୍ରସ୍ତାବ ଦେବୁ। ଭାରତ ବଦଳରେ ଆମେ ଏସିଆର ଅନ୍ୟ ଯେକୌଣସି ଦେଶରେ ମ୍ୟାଚ୍ ଖେଳିବାକୁ ପ୍ରସ୍ତୁତ ବୋଲି ନକ୍‌ଭି କହିଛନ୍ତି। ଭାରତ ବଦଳରେ ଆମେ ନିରପେକ୍ଷ ସ୍ଥାନ ଶ୍ରୀଲଙ୍କା କିମ୍ବା ୟୁଏଇରେ ଖେଳିବାକୁ ଆଇସିସିକୁ ପ୍ରସ୍ତାବ ଦେବୁ ବୋଲି ପିସିବି ଅଧ୍ୟକ୍ଷ ନକ୍‌ଭି କହିଛନ୍ତି। ସୂଚନାଯୋଗ୍ୟ ଗତ ଫେବୃଆରୀ ଓ ମାର୍ଚ୍ଚରେ ଆୟୋଜିତ ଆଇସିସି ଚମ୍ପିଆନ୍‌ସ ଟ୍ରଫି କ୍ରିକେଟ ହାଇବ୍ରିଡ ମଡେଲରେ ୟୁଏଇ ଓ ପାକିସ୍ତାନରେ ଖେଳାଯାଇଥିଲା। ପ୍ରତିଯୋଗିତାର ଆୟୋଜକ ପାକିସ୍ତାନ ରହିଥିଲା। ଭାରତ ପାକିସ୍ତାନ ଗସ୍ତ କରିବ ନାହିଁ ବୋଲି ମନା କରିବାକୁ ପ୍ରତିଯୋଗିତା ହାଇବ୍ରିଡ୍ ମଡେଲରେ ଖେଳାଯାଇଥିଲା।

# ମୁମ୍ବାଇ ଦକ୍ଷିଣ କେନ୍ଦ୍ରୀୟ ମରାଠା ରୟାଲ୍ସ ଟି-୨୦ ମୁମ୍ବାଇ ଲିଗ୍‌ର ମେଣ୍ଟର ହେଲେ ନାୟାର




**ନୂଆଦିଲ୍ଲୀ**

ଟିମ୍ ଇଣ୍ଡିଆର ପୂର୍ବତନ ସହାୟକ ପ୍ରଶିକ୍ଷକ ଅଭିଷେକ ନାୟାର ଏବେ ପ୍ରଶିକ୍ଷକ ଦଳର ଅଂଶ ନୁହନ୍ତି। ନିକଟରେ ବିସିସିଆଇ ତାଙ୍କୁ ଚାକିରିରୁ ବହିଷ୍କାର କରିଥିଲା। ହେଲେ ଦଳରୁ ବାଦ୍ ପଡ଼ିବା ପରେ ଟି-୨୦ ଲିଗ୍‌ରେ ତାଙ୍କର ଚାହିଦା ବଢ଼ିଯାଇଛି। କିଛିଦିନ ପୂର୍ବେ ନାୟାର ଆଇପିଏଲ୍‌କୁ ଫେରି ପୂର୍ବତନ ଫ୍ରାଞ୍ଚାଇଜ କୋଲକାତା ନାଇଟ ରାଇଡର୍ସରେ ଯୋଗ ଦେଇଥିଲେ। ଏସବୁ ମଧ୍ୟରେ ଏବେ ତାଙ୍କୁ ଆଉ ଏକ ଚାକିରି ମିଳିଛି। ମୁମ୍ବାଇ ଦକ୍ଷିଣ କେନ୍ଦ୍ରୀୟ ମରାଠା ରୟାଲ୍ସ ତାଙ୍କୁ ଟି-୨୦ ମୁମ୍ବାଇ ଲିଗ୍‌ର ତୃତୀୟ ସଂସ୍କରଣ ପାଇଁ ନିଜର ମେଣ୍ଟର (ମାର୍ଗଦର୍ଶକ) କରିଛି। ଏହାର ଅର୍ଥ ହେଉଛି ଆଇପିଏଲ ସରିବା ପରେ ସେ ଏହି ଲିଗ୍‌ରେ ପ୍ରମୁଖ ଦାୟିତ୍ୱ ତୁଲାଇବେ।

ଟି-୨୦ ମୁମ୍ବାଇ ଲିଗରେ ଦୁଇଟି ନୂତନ ଦଳକୁ ସାମିଲ କରାଯାଇଛି। ମୁମ୍ବାଇ ଦକ୍ଷିଣ କେନ୍ଦ୍ରୀୟ ମରାଠା ରୟାଲ୍ସ ମଧ୍ୟ ସେମାନଙ୍କ ମଧ୍ୟରୁ ଗୋଟିଏ। ୨୦୨୫ ଆଇପିଏଲ୍ ଶେଷ ହେବା ପରେ, ୨୬ ମଇରେ ଆରମ୍ଭ ହେବାକୁ ଥିବା ଏହି ଲିଗ୍‌ରେ ନାୟାରଙ୍କୁ ମେଣ୍ଟର ଭୂମିକାରେ ଦେଖିବାକୁ ମିଳିବ। ସେ ପୂର୍ବତନ ମୁମ୍ବାଇ ଦ୍ରୁତ ବୋଲର ଏବଂ ଦଳର ମୁଖ୍ୟ ପ୍ରଶିକ୍ଷକ ଅମିତ ଦାନିଙ୍କ ସହ କାମ କରିବେ। ନାୟାର ୭ ମଇରେ ହେବାକୁ ଥିବା ନିଲାମ ସମୟରେ ଦଳକୁ ସାହାଯ୍ୟ କରିବେ। ଅନ୍ୟପକ୍ଷରେ ପୂର୍ବତନ ଟିମ୍ ଇଣ୍ଡିଆ ବୋଲିଂ ପ୍ରଶିକ୍ଷକ ପାରସ ମାହାମ୍ବରେ ଏଆରସିଏସ୍ ଅନ୍ଧେରୀ ଦଳରେ ମେଣ୍ଟର ଭାବରେ ଯୋଗ ଦେଇଛନ୍ତି। ବର୍ତ୍ତମାନ ସେ ଆଇପିଏଲ୍‌ରେ ମୁମ୍ବାଇ ଇଣ୍ଡିଆନ୍ସର ବୋଲିଂ ପ୍ରଶିକ୍ଷକ ଅଛନ୍ତି। ନାୟାର ୨୦୨୪ ମସିହାରେ କୋଲକାତାର ଟାଇଟଲ ଜିତିଥିବା କୋଚିଂ ଷ୍ଟାଫର ଅଂଶ ଥିଲେ। ତା'ପରେ ଦଳ ଆଇପିଏଲ ଚାମ୍ପିଅନ ହେବା ପରେ, ମେଣ୍ଟର ଗୌତମ ଗମ୍ଭୀରଙ୍କୁ ଟିମ୍ ଇଣ୍ଡିଆର ମୁଖ୍ୟ କୋଚ୍ କରାଯାଇଥିଲା। ତାଙ୍କ ସହିତ ନାୟାରଙ୍କୁ ମଧ୍ୟ ସହାୟକ ପ୍ରଶିକ୍ଷକ ଭାବରେ ଟିମ୍ ଇଣ୍ଡିଆରେ ସାମିଲ କରାଯାଇଥିଲା। କିନ୍ତୁ ୧୦ ମାସରୁ କମ୍ ସମୟ ମଧ୍ୟରେ ତାଙ୍କୁ ଦଳରୁ ବାହାର କରିଦିଆଯାଇଥିଲା। ଜାନୁଆରୀରେ ବିସିସିଆଇ ସମୀକ୍ଷା ବୈଠକ ପରେ ନାୟାରଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା।

# ମାଇକେଲ୍ କିଣ୍ଡୋ ସ୍ମାରକୀ ହକି ଫାଇନାଲ୍‌ରେ ଛତ୍ରପୁର-ଭୁବନେଶ୍ୱର



**ଭୁବନେଶ୍ୱର**

ଭୁବନେଶ୍ୱର ହକି କ୍ଲବ୍ ଟ୍ରଷ୍ଟ (ବିଏଚ୍‌ସିଟି) ଓ ହକି ଆସୋସିଏସନ୍ ଅଫ୍ ଓଡ଼ିଶା (ହାଓ)ର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ମାଇକେଲ୍ କିଣ୍ଡୋ ସ୍ମାରକୀ ଯୁବ ହକି ପ୍ରତିଯୋଗିତାର ଫାଇନାଲ୍‌ରେ ଏଚ୍‌ଟିସି ଛତ୍ରପୁର ଭେଟିବ ଆୟୋଜକ ବିଏଚ୍‌ସିଟିକୁ। ଶନିବାର ଏଚ୍‌ଟିସି ଛତ୍ରପୁର ଏବଂ ଜିଆର ରଣପୁର ମଧ୍ୟରେ ଖେଳାଯାଇଥିବା ପ୍ରଥମ ସେମିଫାଇନାଲ୍‌ରେ ୧-୧ ଗୋଲ୍‌ରେ ଶେଷ ହେବା ପରେ ସୁଟ୍‌ଆଉଟ୍‌ରେ ଛତ୍ରପୁର ୨-୧ରେ ବାଜି ମାରିନେଇଥିଲା।

ଦ୍ୱିତୀୟ ସେମିଫାଇନାଲ୍‌ରେ କିନ୍ତୁ ଆୟୋଜକ ଭୁବନେଶ୍ୱର ହକି କ୍ଲବ୍ ଟ୍ରଷ୍ଟ (ବିଏଚ୍‌ସିଟି) ୨-୧ରେ ଏଚ୍‌ଟିସି ଭୁବନେଶ୍ୱରକୁ ହରାଇ ଦେଇଥିଲା। ଶନିବାର କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ହକି ଖେଳାଳି ଦୀପସାନ୍ ତିର୍କୀ, ରୋଶନ୍ ମିଞ୍ଜ୍, ପୋଲିନା ସୋରେନ୍, ଅଧିନାୟକ ଧୃପତି ରାଉତ, କ୍ୟାପଟେନ୍ ତରାଇ, ଦେବାଶିଷ ଗୌଡ଼ ଅତିଥି ଭାବେ ଯୋଗ ଦେଇଥିଲେ।

# ଏଫଏମୟୁରେ ଆଧୁନିକ ଉପାଦାନର ପ୍ରୟୋଗ ସମ୍ବନ୍ଧୀୟ ଅନ୍ତର୍ଜାତୀୟ ସମ୍ମିଳନୀ

**ବାଲେଶ୍ୱର, ନ୍ୟୁଜ୍**

ଫକୀରମୋହନ ବିଶ୍ୱବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗ ଓ ମାନବ ସମ୍ବଳ ବିକାଶ କେନ୍ଦ୍ରର ମିଳିତ ସହଯୋଗରେ ଦୁଇଦିନିଆ ଆନ୍ତର୍ଜାତୀୟ ସମ୍ମିଳନୀ ଆରଟିପିଏଏମ ର ତୃତୀୟ ସଂସ୍କରଣ ଆରମ୍ଭ ହୋଇଛି। 'ଆଧୁନିକ ଉପାଦାନର ପ୍ରୟୋଗ ସମ୍ବନ୍ଧୀୟ ସମ୍ଭାବ୍ୟ ପ୍ରବୃତ୍ତି-୨୦୨୫' ନାମିତ ଏହି ସମ୍ମିଳନୀ ଯାହା ଆଧୁନିକ ଉପାଦାନର ସାମ୍ପ୍ରତିକ ଉନ୍ନତି, ନୂତନତମ ଅବିଷ୍କାର ଓ ପ୍ରଯୁକ୍ତିଗତ ବ୍ରେକଥ୍ରୁଗୁଡିକ ଉପରେ ଆଧାରିତ କରିବାକୁ ଲକ୍ଷ୍ୟ ସ୍ଥିର କରାଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏହି ସମ୍ମିଳନୀର ଉଦ୍‌ଘାଟନୀ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଓ ପ୍ରଫେସର ରଣୀନ୍ଦ୍ର କୁମାର ନାୟକ, ମାନବ ସମ୍ବଳ ବିକାଶ କେନ୍ଦ୍ରର ନିର୍ଦ୍ଦେଶକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରଫେସର ସତ୍ୟବାନ ଜେନା (ପୂର୍ବତନ ପ୍ରଫେସର, ଉତ୍କଳ ବିଶ୍ୱବିଦ୍ୟାଳୟ) ମୁଖ୍ୟ ଅତିଥି ଭାବେ, ପ୍ରଫେସର ସ୍ୱପ୍ନଦୀପ ସିଂହ ଚିମ୍ନି (ଜିଏନଡି-ବିଶ୍ୱବିଦ୍ୟାଳୟ, ଅମୃତସର) ସମ୍ମାନୀତ ଅତିଥି ଭାବେ ଯୋଗଦେଇ ନିଜର ମୂଲ୍ୟବାନ ଉଦ୍‌ବୋଧନ ପ୍ରଦାନ କରିଥିଲେ। ଏଥିସହ ପ୍ରଫେସର ରାଜେଶ କୁମାର ଜ୍ୟୋତି (ସିଏସଆଇଆରଓ , ଅଷ୍ଟ୍ରେଲିଆ) ଭର୍ଚୁଆଲ୍ ମୋଡ୍‌ରେ ଯୋଗ ଦେଇ ସମ୍ମିଳନୀର ମୂଳ ପ୍ରସଙ୍ଗରେ ମୂଲ୍ୟବାନ ଅଭିମତ ଦେଇଥିଲେ। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ନିଜ ଅଧ୍ୟକ୍ଷୀୟ ଭାଷଣରେ ଦୀର୍ଘକାଳୀନ ଉନ୍ନତି ପାଇଁ ଆଧୁନିକ ଉପାଦାନର ସଠିକ୍ ବ୍ୟବହାର, ଦୁର୍ଲଭ ଉପାଦାନ ଓ ପ୍ରାକୃତିକ ସଂସାଧନର ସୁରକ୍ଷା ବିଷୟରେ ଆଲୋକପାତ କରିବା ସହିତ ସମ୍ମିଳନୀର ନିଷ୍କର୍ଷ ଏକ ଗୁରୁତ୍ୱପୂର୍ଣ୍ଣ ଓ ତଥ୍ୟସଂପନ୍ନ ହୋଇପାରିବା ନେଇ ମତପୋଷଣ କରିଥିଲେ। ସମ୍ମିଳନୀର ସଂଯୋଜକ ପ୍ରଫେସର ପଙ୍କଜ କୁମାର ପାରହୀ ସମ୍ମିଳନୀର ବିସ୍ତୃତ ବିବରଣୀ ଦେଇ, କିପରି ଏହି ଉପାଦାନଗୁଡିକ ଶକ୍ତି, ଇଲେକ୍ଟ୍ରୋନିକ୍ସ, ହେଲ୍ଥକେୟାର, ପରିବେଶୀୟ ସୁସ୍ଥିତି ଭଳି ବିଭିନ୍ନ ଶିଳ୍ପକୁ ପରିବର୍ତ୍ତନ କରୁଛି ଓ ଏଥିସହ ଏହି ସମ୍ମିଳନୀ ବିଜ୍ଞାନଜଗତର ଅନେକ ବିଭାଗ ଓ ନୂତନ ପ୍ରଯୁକ୍ତି ଉନ୍ନତି ସହ ଯୋଗ ସମ୍ବନ୍ଧ ତିଆରିରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଓଡିଶା, ଭାରତ, ଅଷ୍ଟ୍ରେଲିଆ, ଆମେରିକା, ଇଟାଲୀ, ଜାପାନ, ଅଷ୍ଟ୍ରିଆର ବିଭିନ୍ନ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ଏବଂ ଅନୁସନ୍ଧାନ ସଂସ୍ଥାରୁ ବିଶିଷ୍ଟ ବୈଜ୍ଞାନିକମାନେ ଦୁଇ ଦିନ ଧରି ଅଫ୍‌ଲାଇନ୍ ଓ ଅନଲାଇନ୍ ମୋଡରେ ଯୋଗ ଦେଇ ନାନୋ-ମେଟେରିଆଲ୍, କମ୍ପୋଜିଟ୍, ବାୟୋପଲିମର, ବାୟୋମେଟେରିଆଲ୍, ଥିନ୍ ଫିଲ୍ମ ଭଳି ଆଧୁନିକ ଉପାଦାନର ବିଶ୍ୱରେ ପ୍ରୟୋଗ ବିଷୟରେ ଆଲୋଚନା କରିବେ, ଓ ବ୍ୟବହୃତ ପାଣିର ଶୋଧନ, ପାନୀୟ ଜଳରୁ ଫ୍ଲୋରାଇଡ୍ ଅପସାରଣ, ଇଫ୍ଲୁଏଣ୍ଟ ଟ୍ରିଟ୍‌ମେଣ୍ଟ, ଏବଂ ଏହି ଉପାଦାନର ଜୀବାଣୁ ନିୟନ୍ତ୍ରଣ ଓ କ୍ୟାନ୍ସର ବିରୋଧୀ ଗୁଣ ଉପରେ ଅଧ୍ୟୟନ ଆଦି ବିବିଧ ବିଷୟ ଆଲୋଚନାରେ ଅନ୍ତର୍ଭୁକ୍ତ କରାଯିବ। ସମ୍ମିଳନୀର ସଂଗଠନ ସଚିବ ଡକ୍ଟର ତ୍ରିଲୋଚନ ସ୍ୱାଇଁ, ଏହି ସମ୍ମିଳନୀକୁ ଯୁବ ଛାତ୍ରଛାତ୍ରୀ ଓ ଗବେଷକମାନେ ନିଜ ଅନୁସନ୍ଧାନ କ୍ଷେତ୍ରରେ ବିଶ୍ୱ ଦୃଷ୍ଟିରେ ଆସିପାରିବେ, ଶିଳ୍ପ ଓ ଶିକ୍ଷା ବ୍ୟବସ୍ଥା ମଧ୍ୟରେ ଏକ ଯୋଗ ସମ୍ପର୍କ ଗଢ଼ିପାରିବ ତଥା ସ୍ମାର୍ଟ ମେଟେରିଆଲ୍ ବିକାଶ ଓ ବ୍ୟବହାର ଉପରେ ଅନେକ ଚ୍ୟାଲେଞ୍ଜ୍‌କୁ ଆଲୋଚନା କରାଯିବାର ଲକ୍ଷ୍ୟ ନେଇ ଆୟୋଜିତ ହୋଇଛି ବୋଲି ଦର୍ଶାଇଥିଲେ। ଏହି ସମ୍ମିଳନୀରେ ବିଭିନ୍ନ ବିଜ୍ଞାନ ବିଷୟର ଶିକ୍ଷକ, ଗବେଷକ, ଛାତ୍ରଛାତ୍ରୀ, ରାଷ୍ଟ୍ରୀୟ ଓ ଆନ୍ତର୍ଜାତୀୟ ମାନ୍ୟତାପ୍ରାପ୍ତ ସଂସ୍ଥାର ବୈଜ୍ଞାନିକ, ଶିଳ୍ପ ଓ ଗବେଷଣା ସଂସ୍ଥାର ସଦସ୍ୟମାନେ ଯୋଗ ଦେଇ ଛଅଟି ବୈଷୟିକ ଅଧିବେଶନରେ, ନାନୋ ମେଟେରିଆଲ୍, ମ୍ୟାଗ୍ନେଟିକ୍ ମେଟେରିଆଲ୍, ବାୟୋମେଟେରିଆଲ୍, କମ୍ପୋଜିଟ୍, ଥିନ୍ ଫିଲ୍ମ, ଥର୍ମାଲ୍ ଷ୍ଟୋରେଜ୍ ମେଟେରିଆଲ୍, ଏନର୍ଜି ମେଟେରିଆଲ୍ ଓ ଅବସୋର୍ବେଣ୍ଟ ମେଟେରିଆଲ୍ ସହ ବହୁମୂଲ୍ୟ ଉପାଦାନଗୁଡିକ ସଂପର୍କରେ ଆଲୋଚନା କରାଯିବାର କାର୍ଯ୍ୟକ୍ରମ ରହିଛି। ଉଦ୍‌ଘାଟନୀ ଉତ୍ସବକୁ ଡକ୍ଟର ଜୟକୃଷ୍ଣ ଦାସ ବ୍ୟବସ୍ଥାପନା କରିଥିଲେ ଓ ଅଞ୍ଜନ କୁମାର ବେଜ ଧନ୍ୟବାଦ ଜ୍ଞାପନ କରିଥିଲେ।

## ବିନା ସୂଚନାଫଳକରେ ଚାଲିଛି ଉପ-ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ କାର୍ଯ୍ୟ : ନିମ୍ନମାନର ଅଭିଯୋଗ

**କେସିଙ୍ଗା, ନ୍ୟୁଜ୍‌ବ୍ୟୁରୋ**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅଧୀନସ୍ଥ ଶିରୋଲସ୍ଥିତ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ପଛପଟରେ ସ୍ୱାସ୍ଥ୍ୟ ବିଭାଗର ଏନ୍‌ଆରଏଚ୍‌ଏମ୍ ଦ୍ୱାରା ୫୫ଲକ୍ଷ ବ୍ୟୟ ଅଟକଳରେ ଉପସ୍ୱାସ୍ଥ୍ୟକେନ୍ଦ୍ର କେସିଙ୍ଗାର ଜନୈକ ଠିକାଦାରଙ୍କ ଦ୍ୱାରା ନିର୍ମାଣ ଚାଲିଛି। ଉକ୍ତ କେନ୍ଦ୍ରର ଫାଉଣ୍ଡେଶନଠାରୁ ଛାତର ସ୍ଲାପ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ନିମ୍ନମାନର କାମ କରାଯାଉଥିବାରୁ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହି ଉପସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ପୂର୍ବରୁ ବିଦ୍ୟୁତ୍ ସଂଯୋଗ କରିବା କଥା, ନଳକୂପ ଖନନ କରାଯାଇଛି, କିନ୍ତୁ ବିଦ୍ୟୁତ ସଂଯୋଗ କରାଯାଇ ନାହିଁ। ସ୍ଥାନୀୟ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରୁ ବିଦ୍ୟୁତ୍ ଚୋରାରେ ସଂଯୋଗ କରି ନିର୍ମାଣ କାମରେ ଚୋରାରେ ପାଣି ଦିଆଯାଉଛି। ଆଜକୁ ଛାତ ପଡ଼ି ୧୦ ଦିନ ବିତି ଯାଇଥିଲେ ସୁଦ୍ଧା ଉକ୍ତ ଉପସ୍ୱାସ୍ଥ୍ୟକେନ୍ଦ୍ରରେ ପାଣି ସିଞ୍ଚନ କରାଯାଇ ନ ଥିବାରୁ ଗ୍ରାମବାସୀ ପ୍ରକାଶ କରିଛନ୍ତି।

ସ୍ଥାନୀୟ ସରପଞ୍ଚ, ୱାର୍ଡ଼ମେମ୍ବରଙ୍କ ଅଜାଣତରେ ନିର୍ମାଣ କାର୍ଯ୍ୟ ଚାଲିଥିବାରୁ ପଞ୍ଚାୟତରେ ଅସନ୍ତୋଷ ପ୍ରକାଶ ପାଉଛି। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହରେ ୫୫ଲକ୍ଷ ବ୍ୟୟ ଅଟକଳରେ ନିର୍ମାଣ ଉପସ୍ୱାସ୍ଥ୍ୟକେନ୍ଦ୍ରରେ ପାଣି ସିଞ୍ଚନ କରାଯାଉନାହିଁ। ଫଳରେ କିଛି ଦିନ ପରେ ଉପସ୍ୱାସ୍ଥ୍ୟକେନ୍ଦ୍ରରେ ଫାଟ ସୃଷ୍ଟି ହେବାର ସମ୍ଭାବନା ରହିଛି। ନିମ୍ନମାନର ସିମେଣ୍ଟ, ଲୁହା ରଡ୍ ଏଠାରେ ବ୍ୟବହାର କରାଯାଇଛି। ଠିକାଦାର ଓ ମୁନ୍ସି ଦ୍ୱାରା କାମ ଚାଲିଛି। କେତେବେଳେ କେମିତି ବିଭାଗୀୟ ଜେଇ ଭବାନୀ ପାଟଣା ଆସି ଦେଖି ପଳାଇ ଯାଆନ୍ତି। ଏ ସଂକ୍ରାନ୍ତରେ ସ୍ଥାନୀୟ ସରପଞ୍ଚ ଝରଣା ବାଗଙ୍କୁ ପଚାରିବାରୁ ମୋ' ପଞ୍ଚାୟତରେ ଉପସ୍ୱାସ୍ଥ୍ୟ କେନ୍ଦ୍ର ହେଉଛି ଅଥଚ ମୋତେ କେହି ବି ସୂଚନା ଦେଇ ନାହାନ୍ତି। ବିନା ସୂଚନା ଫଳକରେ କାମ ଚାଲିଥିବାରୁ ପଞ୍ଚାୟତ ପକ୍ଷରୁ ତଥା ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଏ ନେଇ ଏନ୍‌ଆରଏଚ୍‌ଏମ୍‌ର ଜଣେ ଅଧିକାରୀ ପି.କେ. ଦାଶଙ୍କୁ ପଚାରିବାରୁ ମୋତେ କେହି ଅଭିଯୋଗ କରି ନାହାନ୍ତି, ଏହି ଉପସ୍ୱାସ୍ଥ୍ୟକେନ୍ଦ୍ର ୫୫ଲକ୍ଷ ବ୍ୟୟ ଅଟକଳ କାମ ଚାଲିଛି, ମୁଁ ତଥାପି ତଦନ୍ତ କରି ଠିକ୍ ଭାବେ କାମ କରିବାକୁ ଠିକାଦାରଙ୍କୁ ପରାମର୍ଶ ଦେବି ବୋଲି କହିଥିଲେ।

## ଜଳାପୁଟ ଜଳଭଣ୍ଡାରରେ ବୁଡ଼ି ଜଣେ ମୃତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ନନ୍ଦପୁର ବ୍ଲକ କୁଲାରସିଂ ପଞ୍ଚାୟତ ଅନ୍ତର୍ଗତ ବୁଡିଙ୍ଗ୍ ଗ୍ରାମର ନରସିଂହ ଖିଲ (୪୩) ଜଳାପୁଟ ଜଳ ଭଣ୍ଡାରରେ ବୁଡ଼ି ପ୍ରାଣ ହରାଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ ନରସିଂହ ଜଳଭଣ୍ଡାରକୁ ଶୌଚ ହେବାକୁ ଯାଇଥିଲେ, ଶାରୀରିକ ଅସୁସ୍ଥତା କାରଣରୁ ତାଙ୍କ ଗୋଡ଼ ଖସିଯିବାରୁ ଜଳ ଭଣ୍ଡାରରେ ବୁଡ଼ିଯାଇ ତାଙ୍କ ଜୀବନ ଚାଲିଯାଇଥିଲା। ଗାଁ ଲୋକେ ଜାଲ୍ ସାହାଯ୍ୟରେ ଶବ ଉଦ୍ଧାର କରି ପାଡୁଆ ଥାନାରେ ଏତଲା ମଧ୍ୟ କରିଥିଲେ। ହେଲେ ଆର୍ଥିକ ସମ୍ବଳ ନଥିବା ହେତୁ ବ୍ୟବଚ୍ଛେଦ ଲାଗି ପରିବାର ଲୋକେ ନରସିଂହକୁ ପାଡୁଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣି ନପାରି ଶବ ସତ୍କାର କରିବାକୁ ବାଧ୍ୟ ହୋଇଥିଲେ। ତାଙ୍କ ଉପରେ ପରିବାର ର ସାତ ଜଣ ସଦସ୍ୟଙ୍କ ଭରଣପୋଷଣ ଦାୟିତ୍ୱ ଥିଲା। ସେ ଗତ କିଛି ମାସ ହେଲା କ୍ୟାନ୍ସର ରୋଗାକ୍ରାନ୍ତ ହୋଇ ବିଶାଖାପାଟଣାରେ ଚିକିତ୍ସିତ ହେଉଥିଲେ। ଆର୍ଥିକ ସମ୍ବଳ ନଥିବାରୁ ସରପଞ୍ଚ ଓ ସ୍ଥାନୀୟ ବାସିନ୍ଦା ବିଗତ ଦିନରେ ଚାନ୍ଦା କରି ଚିକିତ୍ସା ଲାଗି କିଛି ଆର୍ଥିକ ସହାୟତା ମଧ୍ୟ କରିଥିଲେ। ହେଲେ ତାଙ୍କ ଅକାଳ ବିୟୋଗ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ସ୍ଥାନୀୟ ଲୋକ-ପ୍ରତିନିଧି ଓ ପ୍ରଶାସନ ଯଦି ସହାନୁଭୂତି ଦେଖାଇ କିଛି ସରକାରୀ ସହାୟତାର ବ୍ୟବସ୍ଥା କରିଥିଲେ ତାଙ୍କ ସ୍ତ୍ରୀ ଓ ପାଠ ପଢା ୪ ସନ୍ତାନ, ଜଣେ ମାନସିକ ରୋଗାକ୍ରାନ୍ତ ଭାଇ ଓ ଅନ୍ୟ ଏକ ରୁଗ୍ଣ ଭାଇମାନଙ୍କ ଭବିଷ୍ୟତ ସୁରକ୍ଷିତ ହୋଇପାରିଥାନ୍ତା ବୋଲି ସ୍ଥାନୀୟ ବାସିନ୍ଦା ସରକାରଙ୍କୁ ନିବେଦନ କରିଛନ୍ତି।

ଭୁବନେଶ୍ୱର
୨୮ ଅପ୍ରେଲ,
ସୋମବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ଆତଙ୍କବାଦୀ ଆକ୍ରମଣରେ ମୃତ ପ୍ରଶାନ୍ତଙ୍କ ପରିବାରକୁ ଭେଟିଲେ ବୈଜୟନ୍ତ





**ବାଲେଶ୍ୱର, ୨୭/୪**
**ନ୍ୟୁଜ ବ୍ୟୁରୋ**

ପହଲଗାମ୍ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ବାଲେଶ୍ୱରର ପ୍ରଶାନ୍ତ ଶତପଥୀଙ୍କ ପରିବାରକୁ ଭେଟିଲେ ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ପଣ୍ଡା। ଇସାଣୀ ଗାଁରେ ପ୍ରଶାନ୍ତଙ୍କ ଘରକୁ ଯାଇ ପ୍ରଶାନ୍ତଙ୍କ ଫଟୋରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ବୈଜୟନ୍ତ । ଏହାପରେ ମୃତ ପ୍ରଶାନ୍ତଙ୍କ ପତ୍ନୀ ପ୍ରିୟଦର୍ଶିନୀ, ତାଙ୍କ ପୁଅ ଓ ପରିବାରର ଅନ୍ୟ ସଦସ୍ୟଙ୍କୁ ଭେଟି ସମବେଦନା ଜଣାଇଛନ୍ତି । ଏହାପରେ ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ରେମୁଣା ବ୍ଲକ କାଶିଆବାଦ ମେଣ୍ଢାଶୂଳ ଗାଁର ଲୋକଙ୍କୁ ଭେଟିଥିଲେ । ପ୍ରଧାନମନ୍ତ୍ରୀ ଆବାସ ଗୃହ, ସୁଭଦ୍ରା ଯୋଜନା ଟଙ୍କା ସେମାନେ ପାଇଛନ୍ତି କି ନାହିଁ ପଚାରି ବୁଝିଥିଲେ । ଉଲ୍ଲେଖଯୋଗ୍ୟ, ଗତ ୨୨ ତାରିଖ ଦିନ ଜମ୍ମୁ-କଶ୍ମୀର ପହଲଗାମ୍‌ର ବୈସରନରେ ଭୟଙ୍କର ଆତଙ୍କବାଦୀ ଆକ୍ରମଣ ହୋଇଥିଲା । ଦେଶର ବିଭିନ୍ନ ପ୍ରାନ୍ତରୁ ସେଠାକୁ ବୁଲିବାକୁ ଆସିଥିବା ନିରୀହ ପର୍ଯ୍ୟଟକଙ୍କୁ ଗୁଳି କରି ହତ୍ୟା କରିଥିଲେ ଆତଙ୍କବାଦୀ । ପର୍ଯ୍ୟଟକଙ୍କୁ ସେମାନଙ୍କ ନାଁ ଓ ଧର୍ମ ପଚରାଯାଇ ହତ୍ୟା କରାଯାଇଥିଲା । ଏଥିରେ ୨୬ ଜଣଙ୍କ ମୃତ୍ୟୁ ହୋଇଥିଲା, ଯାହାମଧ୍ୟରେ ଓଡ଼ିଶାର ପ୍ରଶାନ୍ତ ଶତପଥୀ ରହିଥିଲେ। ଏହି ବର୍ବରୋଚିତ ଆକ୍ରମଣ ପରେ ଆତଙ୍କବାଦୀଙ୍କୁ ଦମନ କରିବାକୁ ଭାରତୀୟ ସେନା ବଡ଼ ଅପରେସନ ଜାରି ରଖିଛି । ଖୋଜି ଖୋଜି ଲସ୍କର ଆତଙ୍କବାଦୀଙ୍କ ଘରକୁ ଆଇଇଡିରେ ଉଡାଇ ଦେଉଛନ୍ତି ଯବାନ। ସେହିପରି ଏହି ଆତଙ୍କୀ ହମ୍‌ଲା ପାକିସ୍ତାନ ପ୍ରାୟୋଜିତ ହୋଇଥିବାରୁ ଭାରତ ସରକାର ପଡୋଶୀ ରାଷ୍ଟ୍ର ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ।







ବ୍ରହ୍ମପୁରର ପ୍ରସିଦ୍ଧ ବୁଢ଼ୀ ଠାକୁରାଣୀ ଯାତ୍ରାରେ ଯୋଗ ଦେଇ ମା'ଙ୍କ ଦର୍ଶନ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ନିକଟରେ ଅଛନ୍ତି ବ୍ରହ୍ମପୁର ସାଂସଦ ଡା. ପ୍ରଦୀପ ପାଣିଗ୍ରାହୀ, ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ଓ ଅନ୍ୟମାନେ। (ଫଟୋ : ସମ୍ବାଦ କଳିକା)

## ପହଲଗାମ୍ ଆକ୍ରମଣ ପରେ ନିଷ୍ପତ୍ତି

# ବ୍ରିକ୍ସରେ ଗୁରୁତ୍ୱପୂର୍ଣ୍ଣ ବୈଠକରେ ସାମିଲ ହେବେନି ବୈଦେଶିକ ମନ୍ତ୍ରୀ ଓ ଏନ୍‌ଏସ୍‌ଏ ଡୋଭାଲ





**ନୂଆଦିଲ୍ଲୀ, ୨୭ ।୪**

ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି। ଭାରତୀୟ ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ଏବଂ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନଏସଏ) ଅଜିତ ଡୋଭାଲ ଏପ୍ରିଲ ୩୦ରେ ବ୍ରାଜିଲରେ ଅନୁଷ୍ଠିତ ହେବାକୁ ଥିବା ବ୍ରିକ୍ସ ବୈଦେଶିକ ମନ୍ତ୍ରୀ ଏବଂ ଜାତୀୟ ସୁରକ୍ଷା ପରାମର୍ଶଦାତା ବୈଠକରେ ଯୋଗ ନଦେବାକୁ ନିଷ୍ପତ୍ତି ନେଇଛନ୍ତି। ତାଙ୍କ ଅନୁପସ୍ଥିତିରେ, ଭାରତୀୟ ବ୍ରିକ୍ସ ଶେରପା ବୈଠକରେ ଭାରତକୁ ପ୍ରତିନିଧିତ୍ୱ କରିବେ। ପହଲଗାମର ବୈସାରନ ଉପତ୍ୟକାରେ ୨୨ ଏପ୍ରିଲରେ ହୋଇଥିବା ଏହି ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ପ୍ରାଣ ହରାଇଥିଲେ, ଯେଉଁମାନେ କି ଅଧିକାଂଶ ପର୍ଯ୍ୟଟକ ଥିଲେ। ଏହି ଆକ୍ରମଣ ପରେ ସୁରକ୍ଷା ବାହିନୀ ଆତଙ୍କବାଦୀ ଏବଂ ସେମାନଙ୍କ ଆଡ୍ଡା ବିରୋଧରେ କଡ଼ା ଅଭିଯାନ ଆରମ୍ଭ କରିଛନ୍ତି। ଭାରତ ସରକାର ସ୍ପଷ୍ଟ କରିଛନ୍ତି ଯେ ଏହି ନିଷ୍ପତ୍ତି ସୁରକ୍ଷା ଦୃଷ୍ଟିକୋଣରୁ ନିଆଯାଇଛି। ବ୍ରାଜିଲରେ ଅନୁଷ୍ଠିତ ହେବାକୁ ଥିବା ବ୍ରିକ୍ସ ବୈଠକରେ ୧୧ ଜଣ ସଦସ୍ୟ ଦେଶର ବୈଦେଶିକ ମନ୍ତ୍ରୀ ଏବଂ ଜାତୀୟ ସୁରକ୍ଷା ପରାମର୍ଶଦାତା ଯୋଗଦେବେ। ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜୁଲାଇରେ ଅନୁଷ୍ଠିତ ହେବାକୁ ଥିବା ବ୍ରିକ୍ସ ସମ୍ମିଳନୀ ପାଇଁ କାର୍ଯ୍ୟସୂଚୀ ପ୍ରସ୍ତୁତ ଏବଂ ଏହାକୁ ଚୂଡ଼ାନ୍ତ କରିବା। ବୈଠକରେ ଏଆଇ, ଜଳବାୟୁ ଫାଇନାନ୍ସ, କ୍ରସ୍ ବର୍ଡର ପେମେଣ୍ଟ ଇନିସିଏଟିଭ ଓ ମଲ୍ଟିଲାଟେରାଲ ସଂସ୍ଥାନରେ ସୁଧାର ଭଳି ମାମଲା ଉପରେ ଆଲୋଚନା କରାଯିବ। ବୈଦେଶିକ ମନ୍ତ୍ରୀମାନଙ୍କ ବୈଠକରେ ୟୁକ୍ରେନ ଏବଂ ପଶ୍ଚିମ ଏସିଆ ଭଳି ଅନ୍ତର୍ଜାତୀୟ ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା ହେବାର ଆଶା କରାଯାଉଛି। ଏନ୍‌ଏସ୍‌ଏ ଏବଂ ବୈଦେଶିକ ମନ୍ତ୍ରୀ ଏହି ବୈଠକରେ ଯୋଗ ନଦେବାକୁ ନିଷ୍ପତ୍ତି ନେଇଛନ୍ତି, କାରଣ ପହଲଗାମ ଆକ୍ରମଣ ପରେ ସୁରକ୍ଷା ସ୍ଥିତି ଉପରେ ନଜର ରଖିଛନ୍ତି।

## ବରିଷ୍ଠ ସାମ୍ବାଦିକ ଏସ୍.ଏ. କଲିମଙ୍କ ବିୟୋଗରେ ଅନ୍ତରଙ୍ଗ ପରିବାର ପକ୍ଷରୁ ସ୍ମୃତିଚାରଣ ସଭା

# ଉତ୍ସର୍ଗୀକୃତ ସାମ୍ବାଦିକତା ପାଇଁ ଏସ୍.ଏ. କଲିମ ସ୍ମରଣୀୟ ରହିବେ

**ଭୁବନେଶ୍ୱର, ୨୭/୪ ନ୍ୟୁଜ ବ୍ୟୁରୋ**

ଉତ୍ସର୍ଗୀକୃତ ସାମ୍ବାଦିକତା ପାଇଁ ଶେଖ୍ ଅବଦୁଲ କଲିମଙ୍କ ନାମ ସବୁଦିନ ସ୍ମରଣୀୟ ହୋଇ ରହିବ। ଜଣେ ପ୍ରକୃତ ଦରଦୀ ବନ୍ଧୁ, ନିଷ୍କପଟ ହୃଦୟବାନ ଭଲ ମଣିଷ ଭାବେ ସେ ସର୍ବଦା ଯୁବ ସାମ୍ବାଦିକମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଆସିଥିଲେ ବୋଲି ରବିବାର ସନ୍ଧ୍ୟାରେ ସ୍ଥାନୀୟ ୟୁନିଟ୍-୩ ସ୍ଥିତ ଉତ୍କଳ କରାଟେ ସ୍କୁଲ୍ ସଭାଗୃହରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। 'ଅନ୍ତରଙ୍ଗ ପରିବାର' ପକ୍ଷରୁ ଧୃତିକାମ ମହାନ୍ତି, ଶତୃଜିତ, ଡା. ଦେବାଶିଷ ମହାପାତ୍ର ଓ ନୀଳାମ୍ବର ରଥ ଏବଂ ଶୁଭେଚ୍ଛୁମାନଙ୍କ ଦ୍ୱାରା ବରିଷ୍ଠ ସାମ୍ବାଦିକ ଏସ୍.ଏ କଲିମଙ୍କ ଉଦ୍ଦେଶ୍ୟରେ ଆୟୋଜିତ ସ୍ମୃତିଚାରଣସଭା ପ୍ରାରମ୍ଭରେ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରି ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ସାମ୍ବାଦିକ, ସ୍ତମ୍ଭକାର, ଲେଖକ, ପ୍ରଶାସକ ତଥା ସ୍ୱର୍ଗତ କଲିମଙ୍କ ବନ୍ଧୁ ଓ ଶୁଭେଚ୍ଛୁ ଏବଂ ପିଲାଦିନର ସାଥୀ ଯୋଗଦେଇ ତାଙ୍କର ଅମ୍ଳାନ ପ୍ରତିଭା ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱର୍ଗତ କଲିମଙ୍କ ପରିବାରର ସହାୟତା ପାଇଁ ସାମ୍ବାଦିକମାନଙ୍କ ପକ୍ଷରୁ ପଦକ୍ଷେପ ନିଆଯିବା ଏବଂ ତାଙ୍କର ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ଏକ ପୁରସ୍କାର ପ୍ରଦାନ ବ୍ୟବସ୍ଥା ପ୍ରଚଳନ କରାଯିବା ନେଇ ପ୍ରସ୍ତାବ ଦିଆଯାଇଥିଲା। ବରିଷ୍ଠ ସାମ୍ବାଦିକ ବିଘ୍ନେଶ୍ୱର ସାହୁ ପ୍ରଥମେ ସ୍ୱର୍ଗତ କଲିମଙ୍କ ବହୁମୁଖୀ ପ୍ରତିଭା ଓ ଅବଦାନ ସମ୍ପର୍କରେ ସ୍ମୃତିଚାରଣ କରିଥିବା ବେଳେ 'ନନ୍ଦିଘୋଷ' ଟିଭିର ସମ୍ପାଦକ ଶିଶିର ଭଞ୍ଜମିଶ୍ର, 'ପ୍ରଗତିବାଦୀ'ର କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ, ଭାଗବତ ତ୍ରିପାଠୀ, ପୂର୍ବତନ ବିଧାୟକ ରାଧାକାନ୍ତ ସେଠୀ, ମୁଖ୍ୟମନ୍ତ୍ରୀଙ୍କ ସହକାରୀ ଲୋକ ସମ୍ପର୍କ ଅଧିକାରୀ ଦେବାଶିଷ ପଟ୍ଟନାୟକ, 'ସମ୍ବାଦ କଳିକା'ର ବ୍ୟୁରୋ ମୁଖ୍ୟ ଦୀନବନ୍ଧୁ ସାହୁ ଓ ବରିଷ୍ଠ ପ୍ରତିନିଧି ବିବେକାନନ୍ଦ ଜେନା, 'କଥା କଳିକା'ର କାର୍ଯ୍ୟନିର୍ବାହୀ ସମ୍ପାଦକ ଦୁର୍ଗାଚରଣ ଷଡ଼ଙ୍ଗୀ, ଅବସରପ୍ରାପ୍ତ ପ୍ରଶାସକ ଭାରତ ଭୂଷଣ ଜଗଦେବ, ପିଲାଦିନର ସାଙ୍ଗ ଫକୀର କୁମାର ଉଦ୍‌ଗାତା, ଶୁଭମୟ ପଣ୍ଡା, ପଦ୍ମନାଭ ତ୍ରିପାଠୀ, ଗିରିଜା ଶଙ୍କର ଦାଶ, ଆଲୋକ ନାୟକ, ଇପ୍ସିତ ପ୍ରତିହାରୀ, ପ୍ରକାଶ ସେଠୀ, 'ଦୂରଦର୍ଶୀ'ର ସମ୍ପାଦକ ଦୁର୍ଗା ପ୍ରସାଦ ସାମନ୍ତରାୟ, ଅପୂର୍ବ କୁମାର ମହାନ୍ତି, ସଦାନନ୍ଦ ରଣା, ସୁକାନ୍ତ ରାଉତରାୟ, ପଲିଟିକାଲ ମହାନ୍ତି, ସୁବ୍ରତ କୁମାର ପାଣିଗ୍ରାହୀ, ମହେନ୍ଦ୍ର ପରିଡ଼ା, ସତ୍ୟବ୍ରତ ପାଢୀ, ବିଜୟ କୁମାର ଭୋଇ, ଲହରିକା ପଟ୍ଟନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଏହି ସ୍ମୃତିଚାରଣ ସଭାରେ ଯୋଗଦେଇ ସ୍ୱର୍ଗତ କଲିମଙ୍କ ବହୁମୁଖୀ ପ୍ରତିଭା ବିରଳ ମଣିଷ ପଣିଆ ଓ ପରୋପକାରୀ ମନୋଭାବ ସମ୍ପର୍କରେ ଅବତାରଣା କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।



## ପହଲଗାମ ଆକ୍ରମଣର ପ୍ରତିଶୋଧ

# ଝେଲମ ନଦୀରେ ବନ୍ୟା ପରିସ୍ଥିତି : ପିଓକେରେ ବ୍ୟାପକ କ୍ଷୟକ୍ଷତି



**ନୂଆଦିଲ୍ଲୀ, ୨୭/୪**

ହାତରେ ନୁହେଁ ଭାତରେ ପାକିସ୍ତାନକୁ ମାରୁଛି ଭାରତ । ଏପଟେ ପାଣି ବନ୍ଦ କରି ଶୁଖାଇଦେଲା, ସେପଟେ ପାଣି ଛାଡ଼ି ଭସାଇଦେଲା । ଫଳରେ ପାକ୍ ଅଧିକୃତ କଶ୍ମୀର (ପିଓକେ)ରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ଗୋଟିଏ ପଟେ ପାଣି ବନ୍ଦ କଲା, ଅନ୍ୟପଟେ ପାଣିରେ ଭସାଇଦେଲା ଭାରତ। ପହଲଗାମରେ ହିନ୍ଦୁଙ୍କ ହତ୍ୟାକାଣ୍ଡ ପରେ ଭାରତ-ପାକିସ୍ତାନ ସମ୍ପର୍କ ଅଧିକ ତିକ୍ତ ହୋଇଛି। ପଡ଼ୋଶୀ ଦେଶକୁ ପାନେ ଦେବା ପାଇଁ ଭାରତ ଅନେକ କଟକଣା ଲଗାଇଛି। ଏଥିରେ ସିନ୍ଧୁ ଜଳ ଚୁକ୍ତି ସ୍ଥଗିତ ରଖିବା ମଧ୍ୟ ସାମିଲ ରହିଛି। ଭାରତର ପ୍ରତିବନ୍ଧକ ଯୋଗୁଁ ସମଗ୍ର ପାକିସ୍ତାନ ଆତଙ୍କିତ ଅବସ୍ଥାରେ ରହିଛି। ପାକିସ୍ତାନୀ ନେତାମାନଙ୍କ ବୟାନ ଦର୍ଶାଉଛି ଯେ ସେଠାରେ ପରିସ୍ଥିତି ଆହୁରି ଖରାପ। ଏବେ ଖବର ଆସୁଛି ଯେ ପିଓକେରେ ଝେଲମ୍ ନଦୀର ଜଳସ୍ତର ହଠାତ୍ ବୃଦ୍ଧି ପାଇଛି। ସେଠାରେ ବନ୍ୟା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ସ୍ଥାନୀୟ ଅଧିକାରୀଙ୍କ କହିବା କଥା ଭାରତ କୌଣସି ପୂର୍ବ ସୂଚନା ବିନା 'ଉରି ଡ୍ୟାମ୍'ରୁ ପାଣି ଛାଡ଼ିଛି। ପିଓକେର ଅଧିକାରୀମାନେ ଭାରତକୁ 'ଜଳ ଆତଙ୍କବାଦ' ବୋଲି ଅଭିଯୋଗ କରିଛନ୍ତି।

ପାଣି ଛାଡିବା ଫଳରେ ପିଓକେର ହାଟିଆନ ବାଲାରେ ଜଳ ଜରୁରୀକାଳୀନ ପରିସ୍ଥିତି ସୃଷ୍ଟି ହୋଇଛି। ନଦୀ କୂଳରେ ରହୁଥିବା ସ୍ଥାନୀୟ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ହେବାକୁ ପଡିଛି। ତେବେ ପାକିସ୍ତାନର ଏଭଳି ଦାବି ଉପରେ ଭାରତ ପକ୍ଷରୁ କୌଣସି ସ୍ପଷ୍ଟିକରଣ କିମ୍ବା ପ୍ରତ୍ୟାଖ୍ୟାନ କରାଯାଇ ନାହିଁ। ପାକିସ୍ତାନୀ ଅଧିକାରୀ ଏହି ପଦକ୍ଷେପକୁ ଅନ୍ତର୍ଜାତୀୟ ମାନଦଣ୍ଡ ଏବଂ ସିନ୍ଧୁ ଜଳ ଚୁକ୍ତିନାମାର ଉଲ୍ଲଂଘନ ବୋଲି କହିଛନ୍ତି।

୨୨ ଏପ୍ରିଲରେ ପହଲଗାମରେ ଆତଙ୍କବାଦୀଙ୍କ ଦ୍ୱାରା ହିନ୍ଦୁଙ୍କ ନରସଂହାର ପରେ, ଭାରତ ୨୩ ଏପ୍ରିଲରେ ସିନ୍ଧୁ ଜଳ ଚୁକ୍ତିନାମାକୁ ସ୍ଥଗିତ ରଖିଥିଲା। ପିଓକେରେ ରହୁଥିବା ଲୋକମାନେ କହିଛନ୍ତି ଯେ ଜଳର ଦ୍ରୁତ ପ୍ରବାହ ଯୋଗୁଁ ଆମେ ଆମର ଧନ ଜୀବନ ରକ୍ଷା କରିବାକୁ ସଂଘର୍ଷ କରୁଛୁ। ଭାରତୀୟ ଗଣମାଧ୍ୟମ ପକ୍ଷରୁ ଦାବି କରାଯାଇଛି ଯେ ଜମ୍ମୁ-କଶ୍ମୀରରେ ସମ୍ପ୍ରତି ହୋଇଥିବା ପ୍ରବଳ ବର୍ଷା ଯୋଗୁଁ ପାଣି ଛଡାଯାଇଛି । ପିଓକେ ରାଜଧାନୀ ମୁଜାଫରାବାଦ ଏବଂ ଚାକୋଠିରେ, ସ୍ଥାନୀୟ କର୍ତ୍ତୃପକ୍ଷ ଲାଉଡସ୍ପିକର ମାଧ୍ୟମରେ ଚେତାବନୀ ଦେଇଥିଲେ। ନଦୀର ଜଳସ୍ତର ଦ୍ରୁତ ଗତିରେ ବୃଦ୍ଧି ପାଇବା ହେତୁ, ସ୍ଥାନୀୟ ଲୋକଙ୍କୁ ଯଥାଶୀଘ୍ର ତଳିଆ ଅଞ୍ଚଳ ଖାଲି କରିବାକୁ ଅନୁରୋଧ କରାଯାଇଥିଲା। ପିଓକେର ନଦୀକୂଳ ଗାଁ ଡୁମେଲର ବାସିନ୍ଦା ମହମ୍ମଦ ଆସିଫ କହିଛନ୍ତି ଯେ ଆମେ କୌଣସି ସତର୍କ ସୂଚନା ପାଇନାହୁଁ। ହଠାତ୍ ପାଣି ମାଡ଼ି ଆସିଲା । ଯେଉଁଥିପାଇଁ ଆମେ ଧନ ଜୀବନ ବଞ୍ଚାଇବା ପାଇଁ ଲାଗିପଡ଼ିଲୁ ।

ପିଓକେର ରାଜଧାନୀ ମୁଜାଫରାବାଦର ଜଣେ ଜିଲ୍ଲା ସରକାରୀ ଅଧିକାରୀ ନାଗରିକମାନଙ୍କୁ ନଦୀ କୂଳ କିମ୍ବା ନିକଟବର୍ତ୍ତୀ ଅଞ୍ଚଳରୁ ଦୂରରେ ରହିବାକୁ ପରାମର୍ଶ ଦେଇଛନ୍ତି। ଅଧିକାରୀ କହିଛନ୍ତି ଯେ ଭାରତ ଝେଲମ୍ ନଦୀରୁ ସ୍ୱାଭାବିକ ଅପେକ୍ଷା ଅଧିକ ପାଣି ଛାଡ଼ିବା ଯୋଗୁଁ ମଧ୍ୟମ ଧରଣର ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। କୋହଲା ଏବଂ ଧାଲକୋଟର ତଳିଆ ଅଞ୍ଚଳରେ ମଧ୍ୟମ ଧରଣର ବନ୍ୟା ଆସିଥିବା ସୂଚନା ମିଳିଛି। ପଶୁପକ୍ଷୀ ଏବଂ ଫସଲର ପ୍ରବଳ କ୍ଷତି ହୋଇଥିବା ଜଣାପଡିଛି। ଅଧିକାରୀମାନେ କହିଛନ୍ତି ଯେ ଏବେ ସବୁଠାରୁ ବଡ଼ ଲକ୍ଷ୍ୟ ହେଲା, ସ୍ଥାନୀୟ ବାସିନ୍ଦାଙ୍କ ସୁରକ୍ଷା । ଏହା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ହାଟିଆନ୍ ବାଲା ପ୍ରଶାସନ ଅସ୍ଥାୟୀ ଆଶ୍ରୟସ୍ଥଳ ବ୍ୟବସ୍ଥା କରିଛି। ଏହାସହ ଉଦ୍ଧାର କାର୍ଯ୍ୟ ପାଇଁ ସ୍ୱତନ୍ତ୍ର ଟିମ୍ ମଧ୍ୟ ନିୟୋଜିତ କରିଛି।

# ଓଡ଼ିଶା ଛାଡିଲେ ପାକିସ୍ତାନୀ ମହିଳା ନଗମା ୟୁସୁଫ




**ଭୁବନେଶ୍ୱର ୨୭ ।୪**
**ନ୍ୟୁଜ ବ୍ୟୁରୋ**

ଓଡ଼ିଶା ଛାଡିଲେ ପାକିସ୍ତାନୀ ମହିଳା ନଗମା ୟୁସୁଫ । ୨୦୦୮ ମସିହାରେ ନଗମା ଭୁବନେଶ୍ୱରର ମହମ୍ମଦ ନିଜାରୁଦ୍ଦିନଙ୍କୁ ପ୍ରେମ ବିବାହ କରିଥିଲେ। ୨୦୨୪ରେ ନଗମାଙ୍କ ଦୀର୍ଘ ମିଆଦୀ ଭିସା ଅବଧି ସରିଥିଲା। ସେ ଏକ୍ସିଟ୍ ପରମିଟ୍ ଆବେଦନ କରିଥିଲେ । ଅତଙ୍କବାଦୀ ଆକ୍ରମଣ ପରେ ୪୮ ଘଣ୍ଟା ମଧ୍ୟରେ ଭାରତ ଛାଡିବାକୁ ପାକ୍ ନାଗରିକମାନଙ୍କୁ ନୋଟିସ୍ ଦିଆଯାଇଥିଲା। ନୋଟିସ୍ ପରେ ସେ ଭୁବନେଶ୍ୱର ଛାଡିଛନ୍ତି। ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟର ନିର୍ଦ୍ଦେଶ ମୁତାବକ ଓଡ଼ିଶାରେ ରହୁଥିବା ୧୨ ଜଣ ପାକିସ୍ତାନୀ ନାଗରିକଙ୍କୁ ଦେଶ ଛାଡ଼ିବା ନୋଟିସ୍ ଜାରି ପ୍ରକ୍ରିୟା ଆରମ୍ଭ ହୋଇଛି । ଲକ୍ଷ୍ମୀସାଗର ଥାନା ବିଜେବି ନଗରରେ ରହୁଥିବା ୫୩ ବର୍ଷୀୟ ନଗମା ୟୁସୁଫଙ୍କୁ ମଧ୍ୟ ପୋଲିସ ନୋଟିସ୍ ଜାରି କରିଥିଲା । ଭାରତ ଛାଡ଼ି ତୁରନ୍ତ ପାକିସ୍ତାନ ଯିବାକୁ ନିର୍ଦ୍ଦେଶ ଦେଇଛନ୍ତି । ନୋଟିସ୍ ପାଇବା ପରେ ନଗମା ପାକିସ୍ତାନ ଯିବାକୁ ପ୍ରସ୍ତୁତ ହୋଇଛନ୍ତି । ଏହି ଖବର ତାଙ୍କ ପରିବାରରେ ଦୁଃଖର କଳାବାଦଲ ଖେଳାଇ ଦେଇଛି । ୧୯୭୧ରେ ପାକିସ୍ତାନରେ ନଗମାଙ୍କ ଜନ୍ମ । ନଗମାଙ୍କ ପରିବାରର କିଛି ସଦସ୍ୟ ଦୁବାଇରେ କାମ କରୁଥିଲେ । ଦୁବାଇରେ ଶ୍ରମିକ ଭାବେ କାମ କରିବାକୁ ଯାଇଥିଲେ ବିଜେବି ନଗରରେ ରହୁଥିବା ମହମ୍ମଦ ନିଜାରୁଦ୍ଦିନ । ସେଠାରେ ତାଙ୍କ ପରିବାର ଲୋକଙ୍କ ସହ ୨୦୦୫ରେ ପରିଚୟ ହୋଇଥିଲା । ନିଜାରୁଦ୍ଦିନଙ୍କର ଅଳ୍ପଦିନ ମଧ୍ୟରେ ନଗମାଙ୍କ ପରିବାର ଲୋକଙ୍କ ସହ ଉତ୍ତମ ସମ୍ପର୍କ ଗଢ଼ି ଉଠିଥିଲା। ନଗମା ୨୦୦୭ରେ ଦୁବାଇ ଆସିଥିଲେ । ସେଠାରେ ନିଜାରୁଦ୍ଦିନ ସହ ତାଙ୍କର ଦେଖା ହୋଇଥିଲା । ପ୍ରଥମ ଦେଖାରେ ନିଜାରୁଦ୍ଦିନଙ୍କ ସହ ପ୍ରେମ ହୋଇଥିଲା। ଉଭୟ ବାହା ହେବାକୁ ମନସ୍ଥ କରି ପରିବାର ଲୋକଙ୍କୁ ଅବଗତ କରାଇଥିଲେ । ୨୦୦୮ରେ ଉଭୟଙ୍କ ବାହାଘର ହୋଇଥିଲା । ସେବେ ଠାରୁ ନଗମା ଦୀର୍ଘକାଳୀନ ଭିସା (ଏଲ୍‌ଟିଭି)ରେ ଓଡ଼ିଶାରେ ରହୁଛନ୍ତି । ତେବେ ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତରେ ଦୀର୍ଘକାଳୀନ ଭିସାରେ ରହୁଥିବା ପାକିସ୍ତାନୀଙ୍କୁ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଭାରତ ଛାଡ଼ିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଘଟଣାରେ ନଗମାଙ୍କ ସ୍ୱାମୀ ନିଜାରୁଦ୍ଦିନ୍ କହିଛନ୍ତି, ଏହା ଜରୁରୀକାଳୀନ ପରିସ୍ଥିତି । ଆମ ସମସ୍ତଙ୍କୁ ବୁଝିବାକୁ ପଡ଼ିବ । ସରକାର ଯାହା ନିୟମ କରିଛନ୍ତି ଆମେ ତାକୁ ମାନିବୁ । ସରକାରଙ୍କର ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ । ବିଚ୍ଛେଦ ତ' କଷ୍ଟ ଦେବ । ଦେଶରେ ପରିସ୍ଥିତି ନିୟନ୍ତ୍ରଣ ହେଲେ ପୁଣି ସବୁ ଠିକ୍ ହେବ ବୋଲି ମୁଁ ଆଶା କରୁଛି ।



# ପୁଷ୍ପାଳକ ସେବକଙ୍କୁ ବାସନ୍ଦ ପାଇଁ ଚେତାବନୀ

**ପୁରୀ, ୨୭/୪ ନ୍ୟୁଜ ବ୍ୟୁରୋ**

ସୁଆର ମହାସୁଆର ପରେ ପୁଷ୍ପାଳକ ସେବକଙ୍କୁ ବାସନ୍ଦ ପାଇଁ ଚେତାବନୀ ଦିଆଯାଇଛି । ଦୀଘା ଜଗନ୍ନାଥ ମନ୍ଦିର ଆରତୀ, ପୂଜାରେ ଯୋଗଦେଲେ ବାସନ୍ଦ ପାଇଁ ଚେତାବନୀ ଦିଆଯାଇଛି। ନିଯୋଗ ବିରୋଧୀ କାର୍ଯ୍ୟ ଅଭିହିତ କରାଯାଇ ବାସନ୍ଦ କରାଯିବ। ଶ୍ରୀମନ୍ଦିର ପୁଷ୍ପାଳକ ନିଯୋଗ ସଂପାଦକଙ୍କ ଦସ୍ତଖତରେ ଶନିବାର ଏହି ନିର୍ଦ୍ଦେଶ ଜାରି କରାଯାଇଛି। ନିକଟରେ ସୁଆର ମହାସୁଆର ସେବକଙ୍କୁ ମଧ୍ୟ ବାସନ୍ଦ ପାଇଁ ଚେତାବନୀ ହୋଇଥିଲା। ଦୀଘା ମନ୍ଦିର ପ୍ରତିଷ୍ଠାରେ ରୋଷ କାର୍ଯ୍ୟରେ ବାସନ୍ଦ ପାଇଁ ଚେତାବନୀ ଦିଆଯାଇଛି।

# ପହଲଗାମ୍ ଦୋଷୀଙ୍କୁ ଛଡାଯିବନି ବାବୁ ସିଂ

**ଭୁବନେଶ୍ୱର ୨୭।୦୪ ନ୍ୟୁଜ ବ୍ୟୁରୋ**

ମନ କି ବାତ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ଅନେକ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋଚନା କରିଛନ୍ତି। ରାଜ୍ୟ ପଞ୍ଚାୟତିରାଜ ମନ୍ତ୍ରୀ, ଏକାମ୍ର ବିଧାୟକ ବାବୁ ସିଂ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମନ୍ କି ବାତ୍ ଶୁଣିଛନ୍ତି। ଦେଶର ଅଖଣ୍ଡତା ଉପରେ ପ୍ରଶ୍ନ ଥିଲା। ଯେଉଁଭଳି ଭାବେ ଆତଙ୍କବାଦୀମାନେ ନିରୀହ ଭାରତୀୟଙ୍କୁ ହତ୍ୟା କଲେ ତାଙ୍କୁ ନିନ୍ଦା କରିଛନ୍ତି ପ୍ରଧାନମନ୍ତ୍ରୀ। ମୃତ ପରିବାର ସଦସ୍ୟଙ୍କୁ ଆଶ୍ୱାସନା ଦେଇଛନ୍ତି ପ୍ରଧାନମନ୍ତ୍ରୀ । ଯେଉଁମାନେ ହତ୍ୟା କରିଛନ୍ତି ବା କରାଇଛନ୍ତି ତାଙ୍କୁ ଛଡ଼ା ଯିବ ନାହିଁ ବୋଲି ପ୍ରଧାନମନ୍ତ୍ରୀ ଦୃଢୋକ୍ତି ପ୍ରକାଶ କରିଥିବା କହିଛନ୍ତି ବିଜେପି ବିଧାୟକ ବାବୁ ସିଂ। ସେହିପରି ମ୍ୟାଁମାର ଭୂକମ୍ପରେ ସହାୟତା ପ୍ରଦାନ କରିବା, ଭାରତୀୟ ମହାକାଶର ଉତ୍ସାହୀ ଓ ପ୍ରେରଣାଦାୟୀ କଥା ପ୍ରଧାନମନ୍ତ୍ରୀ ବଖାଣି ଥିବା କହିଛନ୍ତି ବିଧାୟକ ବାବୁ ସିଂ। ବିଫଳତାକୁ ସଫଳତାରେ ପରିବର୍ତ୍ତନ କରିଥିବା ପାଇଁ ଇସ୍ରୋକୁ ଧନ୍ୟବାଦ ଦେଇଥିଲେ ପ୍ରଧାନମନ୍ତ୍ରୀ। ସେହିପରି ବିହାର ଚମ୍ପାରନ ଠାରୁ ଗାନ୍ଧିଜୀଙ୍କ ଆନ୍ଦୋଳନ, ଦାନ୍ତେୱାଡ଼ାରେ ଆଉ ନକ୍ସଲ ଗୁଳି ଗୋଳା ଶବ୍ଦ ଶୁଭିବା ପରିବର୍ତ୍ତେ ବିଜ୍ଞାନ ପଛରେ ଦୌଡ଼ିଲେଣି । ଯାହାକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଛନ୍ତି ।

# ମଧ୍ୟବିତ୍ତଙ୍କ ଉପରେ ମହଙ୍ଗା ମାଡ଼ : ୬୦% ବଢ଼ିଲା କଲ୍ୟାଣମଣ୍ଡପ ଭଡ଼ା

**ଭୁବନେଶ୍ୱର, ୨୭/୦୪**
**ନ୍ୟୁଜ ବ୍ୟୁରୋ**

ବାହାଘର ଋତୁ ଆରମ୍ଭରୁ ନିମ୍ନ ମଧ୍ୟବିତ୍ତ ଓ ମଧ୍ୟବିତ୍ତ ପରିବାରକୁ ଲାଗିଛି ଝଟ୍‌କା। ନିଜ ଆୟ ବଢ଼ାଇବାକୁ ମଧ୍ୟବିତ୍ତଙ୍କ ତଣ୍ଟିରେ ଖୋଜ ପକାଇଛି ବିଏମ୍‌ସି । ରକେଟ୍ ମାର୍କା ବେଗରେ ବଢିଛି କଲ୍ୟାଣ ମଣ୍ଡପ ଭଡ଼ା । ୬୦ ପ୍ରତିଶତ ଭଡ଼ା ବଢାଇଛି ବିଏମ୍‌ସି । ଏହି ନୂଆ ଦର ସାଧାରଣ ପରିବାରର ହୋସ୍ ଉଡ଼ାଇ ଦେଇଛି । ଯେଉଁ ମଣ୍ଡପ ୩୦ ହଜାର ଟଙ୍କାର ବୁକିଂ ହେଉଥିଲା, ଏବେ ସେଥିପାଇଁ ୪୮ ହଜାର ଟଙ୍କା ଦେବାକୁ ପଡ଼ିବ । ବିଏମ୍‌ସିର ଏପରି ମଧ୍ୟବିତ୍ତ ମାରଣା ନୀତିକୁ ସବୁ ମହଲରୁ ନିନ୍ଦା କରାଯାଇଛି । ବିଏମ୍‌ସିର ଏଭଳି ଉପରମୁହାଁ ମଣ୍ଡପ ଭଡ଼ା ମଧ୍ୟବିତ୍ତ ପରିବାରର ରକ୍ତଚାପ ବଢ଼ାଇ ଦେଇଛି । ବିଏମ୍‌ସି ପକ୍ଷରୁ ଭୁବନେଶ୍ୱରରେ ଥିବା କଲ୍ୟାଣ ମଣ୍ଡପ ଏବଂ କମ୍ୟୁନିଟି ସେଣ୍ଟର ଦର ବଢାଇଛି। ୟୁନିଟ୍-୬ କଲ୍ୟାଣ ମଣ୍ଡପର ଦର ପୂର୍ବରୁ ୨୬୦୦୦ ଧାର୍ଯ୍ୟ ହୋଇଥିଲା । ଏଥିରେ ରାଜ୍ୟ ଏବଂ କେନ୍ଦ୍ର ଜିଏସ୍‌ଟି ମିଶାଇ ମୋଟ ୩୦,୩୮୦ ଟଙ୍କା ଦେବାକୁ ପଡୁଥିଲା। ଏହି ଦର ଏବେ ୬୦ ପ୍ରତିଶତ ବଢ଼ିଛି। ଏକା ଥରକେ ୧୮ ହଜାର ଟଙ୍କା ବଢାଇଛି ବିଏମ୍‌ସି । ଅର୍ଥାତ ଏବେ ସେହି ମଣ୍ଡପକୁ ୪୮ ହଜାର ୩୮୦ ଟଙ୍କା ଦେବାକୁ ପଡ଼ିବ । ୟୁନିଟ୍-୮ କମ୍ୟୁନିଟି ସେଣ୍ଟରରେ ପୂର୍ବରୁ ଜିଏସ୍‌ଟି ମିଶାଇ ୨୩,୬୦୦ ଟଙ୍କା ଦେବାକୁ ପଡୁଥିଲା । ବର୍ତ୍ତମାନ ୩୫,୪୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ବିଏମ୍‌ସିର ଅତିରିକ୍ତ କମିଶନରଙ୍କ ଅଧ୍ୟକ୍ଷତାରେ ବସିଥିବା କଲ୍ୟାଣ ମଣ୍ଡପ କମିଟି ବୈଠକରେ ଏହି ଦୁଇ କଲ୍ୟାଣ ମଣ୍ଡପ ଦର ବୃଦ୍ଧି କରାଯାଇଛି । ଭୁବନେଶ୍ୱରରେ ଥିବା ଅନ୍ୟ କଲ୍ୟାଣ ମଣ୍ଡପ ଏବଂ କମ୍ୟୁନିଟି ସେଣ୍ଟର ଗୁଡ଼ିକର ଭଡ଼ା ପର୍ଯ୍ୟାୟ କ୍ରମେ ବୃଦ୍ଧି କରିବାକୁ ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି । ବର୍ତ୍ତମାନ ରାଜଧାନୀରେ ମୋଟ୍ ୮ଟି କଲ୍ୟାଣ ମଣ୍ଡପ ଓ କମ୍ୟୁନିଟି ସେଣ୍ଟର ରହିଛି । ସେଥିମଧ୍ୟରେ ଚନ୍ଦ୍ରଶେଖରପୁର କଲ୍ୟାଣ ମଣ୍ଡପ ଦର ୩୫ ହଜାର ରହିଛି । ସହିଦନଗର କଲ୍ୟାଣ ମଣ୍ଡପ ୩୦ ହଜାର, ଭିଏସ୍‌ଏସ୍ ନଗର କଲ୍ୟାଣ ମଣ୍ଡପ ଦର ୩୦ ହଜାର ଟଙ୍କା ରହିଛି । ବିଏମ୍‌ସିରେ ପ୍ରାୟ ୭୦ ପ୍ରତିଶତ ଲୋକେ ଭଡ଼ାଟିଆ ଭାବେ ରହୁଛନ୍ତି । ସେଥିମଧ୍ୟରୁ ଅଧିକାଂଶ ମଧ୍ୟବିତ୍ତ ପରିବାର। ବିବାହ ବ୍ରତ କରିବାକୁ ବିଳାସପୂର୍ଣ୍ଣ ହୋଟେଲ ପରିବର୍ତ୍ତେ ବିଏମ୍‌ସି କଲ୍ୟାଣ ମଣ୍ଡପ କିମ୍ବା କମ୍ୟୁନିଟି ସେଣ୍ଟର ଉପରେ ଏମାନେ ନିର୍ଭର କରିଥାନ୍ତି । ବର୍ତ୍ତମାନ ବାହାଘର ଋତୁ ଆରମ୍ଭ ହୋଇଛି । ନୂଆ ଆର୍ଥିକ ବର୍ଷ ଆରମ୍ଭରୁ ହଠାତ ବିଏମ୍‌ସିର ୬୦ ପ୍ରତିଶତ ମଣ୍ଡପ ଭଡ଼ା ବାହାଘରର ଅଟକଳ ବିଗାଡ଼ି ଦେଇଛି। ମଣ୍ଡପର ମହଙ୍ଗା ମାଡ଼ ଜିଜିଆ କର ଆଦାୟ କଲା ଭଳି ପରିସ୍ଥିତି ସୃଷ୍ଟି କରିଛି । ବରପକ୍ଷ ହେଉ ବା କନ୍ୟାପକ୍ଷ, ଏ ବର୍ଦ୍ଧିତ ଭଡ଼ା ମୁଣ୍ଡ ଗୋଳମାଳ କରି ଦେଇଛି । ବିଏମ୍‌ସି ବଡ଼ ବଡ଼ିଆ କୋଟିପତିଙ୍କୁ ହୋଲ୍ଡିଂ ଟ୍ୟାକ୍ସ ଛାଡ଼ କରୁଛି। ପାଣି ବିଲ୍, ବିଦ୍ୟୁତ୍ ବିଲ ସବୁଥିରେ ରିହାତି ଦେଉଛି । ହେଲେ ଗରିବ ଏବଂ ମଧ୍ୟବିତ୍ତଙ୍କ ଉପରେ ନାଲି ଆଖି ଦେଖାଇ ଟଙ୍କା ଆଦାୟ କରିବାକୁ ଜୁଲମ୍ ଚଳାଇଛି। ମଣ୍ଡପ ଭଡ଼ା ବଢାଇ ସାଧାରଣ ପରିବାରକୁ ଶୋଷୁଛି ବୋଲି ଅଭିଯୋଗ ହୋଇଛି । ମଣ୍ଡପର ହଠାତ୍ ଏପରି ଦର ବୃଦ୍ଧିକୁ ନେଇ କ୍ଷୋଭ ପ୍ରକାଶ ପାଇଛି । ବିଭିନ୍ନ ସଂଗଠନ ମଣ୍ଡପ ଭଡ଼ା ବୃଦ୍ଧି ନେଇ ବିଏମ୍‌ସିକୁ ସମାଲୋଚନା କରିଛନ୍ତି। କର୍ପୋରେଟରମାନେ ମଧ୍ୟ ସାମନ ଅଭିଯୋଗ ଆଣିଛନ୍ତି । ହଠାତ୍ ଏପରି ଦରବୃଦ୍ଧି ସାଧାରଣ ଲୋକଙ୍କ ଉପରେ ବୋଝ ଭଳି ହେବ । ତେଣୁ ବିଏମ୍‌ସି ଏହାକୁ ପ୍ରତ୍ୟାହାର କରିବାକୁ ଦାବି ଉଠିଛି ।

# 'ଭାରତରେ ମରିବୁ ପଛେ ପାକିସ୍ତାନ ଭଳି ନର୍କରେ ବଞ୍ଚିବାକୁ ଚାହୁଁନୁ'

**ନୂଆଦିଲ୍ଲୀ, ୨୭ ।୪**

ପହଲଗାମ୍‌ରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ କେନ୍ଦ୍ର ସରକାରଙ୍କ କଡ଼ା ଆଭିମୁଖ୍ୟ। ଭାରତରେ ଥିବା ପାକିସ୍ତାନୀଙ୍କୁ ଯଥାଶୀଘ୍ର ଫେରିଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ନିର୍ଦ୍ଦେଶ ପରେ ସବୁଠାରୁ ଅଧିକ ସେହି ଲୋକେ ଡରି ଯାଇଛନ୍ତି, ଯେଉଁମାନେ ପାକିସ୍ତାନ ଛାଡି ଭାରତରେ ଥିଲେ। ଏହି ସମସ୍ତେ ପାକିସ୍ତାନର ସଂଖ୍ୟାଲଘୁ ହିନ୍ଦୁ, ଯେଉଁମାନେ କି ସେଠାକାର ସ୍ଥିତିକୁ ନେଇ ଖୁବ୍ ସମସ୍ୟାରେ ଥିଲେ। ଏବେ ସରକାରଙ୍କ ଏହି ନିର୍ଦ୍ଦେଶ ପରେ ସେମାନେ ଭୟଭୀତ ହୋଇଛନ୍ତି। ଆଉଥରେ ପାକିସ୍ତାନ ଫେରିବାକୁ ଚାହୁଁ ନାହାନ୍ତି। ତାଙ୍କ ମତରେ ଭାରତରେ ମରିବାକୁ ପସନ୍ଦ କରିବେ, କିନ୍ତୁ ପାକିସ୍ତାନ ଭଳି ନର୍କକୁ ଯିବାକୁ ଇଚ୍ଛା କରିବେନି। ଗତ ୨୨ ଏପ୍ରିଲରେ ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀମାନେ ଆକ୍ରମଣ କରିଥିଲେ। ଏଥିରେ ୨୬ ନିର୍ଦ୍ଦୋଷ ଲୋକଙ୍କ ମୃତ୍ୟୁ ହୋଇଥିଲା। ମିଳିଥିବା ସୂଚନା ଅନୁସାରେ, ଆତଙ୍କବାଦୀମାନେ ଲୋକଙ୍କୁ ଧର୍ମ ପଚାରି ଗୁଳିମାରିଥିଲେ। ଏପରିକି ବହୁ ଲୋକଙ୍କୁ କଲମା ପଢିବାକୁ ମଧ୍ୟ କହିଥିଲେ। ଏହି ଭୟାବହ ଆକ୍ରମଣ ଘଟଣା ପୁରା ଦେଶବାସୀଙ୍କ ମନରେ ପ୍ରତିଶୋଧର ନିଆଁ ସୃଷ୍ଟି କରିଛି। ଆତଙ୍କବାଦୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କରାଯାଉଛି। ଏହି ସମୟରେ ସରକାର ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି।



ପାକିସ୍ତାନରୁ ଆସି ଭାରତରେ ଥିବା ଲୋକଙ୍କ ଭିସା ବାତିଲ କରିଦେଇଛନ୍ତି। ତାଙ୍କୁ ରବିବାର ସୁଦ୍ଧା ପାକିସ୍ତାନ ଚାଲିଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ନିର୍ଦ୍ଦେଶ ପରେ ପାକିସ୍ତାନରୁ ଆସିଥିବା ଲୋକଙ୍କୁ ଜୀବନର ଭୟ ବଢିଯାଇଛି। ବିଶେଷ କରି ସଂଖ୍ୟାଲଘୁ ହିନ୍ଦୁଙ୍କର। ତାଙ୍କୁ ଲାଗୁଛି ଯେ, ସେମାନେ ପାକିସ୍ତାନ ଫେରିଗଲେ ତାଙ୍କ ଜୀବନ ପାଇଁ ବିପଦ ହୋଇପାରେ। ରାଜସ୍ଥାନର ଜୈସଲମେରରେ ଥିବା ଏକ ଶରଣାର୍ଥୀ କଲୋନୀରେ ପାକିସ୍ତାନରୁ ଆସିଥିବା ଏକ ହଜାରରୁ ଅଧିକ ଶରଣାର୍ଥୀ ହିନ୍ଦୁ ରହିଛନ୍ତି। ଯେଉଁମାନେ ସର୍ଟ ଟର୍ମ ଭିସାରେ ଭାରତ ଆସିଛନ୍ତି। ଏହି ସବୁ ଲୋକେ ୱାଘା-ଅଟାରୀ ବର୍ଡର ଦେଇ ଭାରତରେ ପ୍ରବେଶ କରିଥିଲେ। ତାଙ୍କ ଭିତରୁ ଜଣେ ବ୍ୟକ୍ତି କହିଛନ୍ତି ଭାରତ ଓ ପାକିସ୍ତାନ ବିବାଦ ବଢିବା ପରେ ଏବେ ଫେରିବାର ଚିନ୍ତା ବଢ଼ିଛି। ସେ କହିଛନ୍ତି, ଭାରତରେ ମରିବା ଭଲ, କିନ୍ତୁ ପାକିସ୍ତାନ ଭଳି ନର୍କରେ ବଞ୍ଚିବାକୁ ଚାହୁଁନି।'